


◀ ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-140 ♦SUNDAY ♦16 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୦ ♦ରବିବାର ♦୧୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୁରା ସହ)


**ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ**

# ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

**ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ**

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ ଭଡ଼ା ଘରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨-ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

**କିଏ ହେବ ବିହାର ମୁଖ୍ୟମନ୍ତ୍ରୀ**

# ନୀତୀଶଙ୍କୁ ନେଇ ସସ୍‌ପେନ୍ସ ଜାରି

■ **ପାଟନା, ୧୫।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହସିକ ସଫଳତା ପରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ଫଳାଫଳ ଘୋଷଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କିଏ ହେବ ମୁଖ୍ୟମନ୍ତ୍ରୀ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ । ନୀତୀଶ କୁମାରଙ୍କ ନେତୃତ୍ୱରେ ଏନଡିଏ ନିର୍ବାଚନ ଲଢ଼ିଥିବାରୁ ସେ ହିଁ ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କର ଜେଡିୟୁ ଯୁକ୍ତି କରିଥିବା ବେଳେ ସହଯୋଗୀ ବିଜେପିର ଅସମ୍ଭବ ନିରବତା ରାଜ୍ୟ ରାଜନୀତିରେ ଅନିଶ୍ଚିତତା ସୃଷ୍ଟି କରିଛି । ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ଏହାର ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଦଳ ଭିତରେ ଦାବି ଉଠୁଥିବାରୁ ବିଜେପି ହାଇକମାଣ୍ଡ ତୁରନ୍ତ କିଛି ଘୋଷଣା କରିବାକୁ ଉଚିତ ମନେ କରୁ ନାହାନ୍ତି ।

**ବିଜେପି ନିରବ, ଜେଡିୟୁରେ ହଲ୍‌ଚଲ୍**

ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିବା ପରେ କହିଛନ୍ତି ଯେ ନୀତୀଶ ହିଁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ନୀତୀଶଙ୍କ ସହିତ ତାଙ୍କର କୌଣସି ମତଭେଦ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ନୀତୀଶଙ୍କ ଜେଡିୟୁର ନେତାମାନେ ଗତକାଲି ଫଳାଫଳ ଘୋଷଣା ▶ପୃଷ୍ଠା-୭

# ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):** ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

# ଜାଡ଼ରେ ଥରୁଛି ସାରା ଓଡ଼ିଶା

**୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର**

■ **ଭୁବନେଶ୍ୱର, ୧୫।୧୧ (ସମିସ):** ସାରା ରାଜ୍ୟରେ ଜାରି ରହିଛି ଶୀତର ଲହରୀ । ଶୁକ୍ରବାର ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି । ସେମିଳିଗୁଡ଼ାରେ



ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ଡିଗ୍ରୀ ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ପାଣିପାଗ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା । ସେହିପରି ରାଉରକେଲାରେ ୧୦.୨ ଡିଗ୍ରୀ, ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇ ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ

**ଶିମିଳିପାଳ କୋର୍ ଅଞ୍ଚଳରେ ୩ ଡିଗ୍ରୀ ତଳେ ପାରଦ**

୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ୍ ଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି । ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ▶ପୃଷ୍ଠା-୭

**ଘାତକ ସାଜିଲା ଇଡେନ୍ ପିଚ୍**

# ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କୋଲକାତାର ଇଡେନ୍ ଗାର୍ଡେନ୍ସ ପିଚ୍ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।




ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ପିଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବା ବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ▶ପୃଷ୍ଠା-୭


सत्यमेव जयते
Government of India

क.रा.बी.नि.
E.S.I.C.

❝ କଲି ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ ❞

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



**ସରଳ ଅନୁପାଳନ, ସଶକ୍ତ ବ୍ୟବସାୟ**

**ବିକଶିତ ଭାରତ ର ଆଧାର**

**ଇ.ଏସ୍.ଆଇ.ସି. ଏମ୍‌ନେଷ୍ଟି ସ୍କିମ୍ 2025**

**1, ଅକ୍‌ଟୋବର, 2025 ରୁ 30 ସେପ୍‌ଟେମ୍ବର 2026 ପର୍ଯ୍ୟନ୍ତ**

ଇ.ଏସ୍.ଆଇ.ସି.ରେ ପଞ୍ଜିକୃତ କରିଥିବା ନିଯୁକ୍ତିଦାତା ମାନଙ୍କ ପାଇଁ 31 ମାର୍ଚ୍ଚ, 2025 ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ପୁରୁଣା ମାମଲାର ସମାଧାନ କରିବା ପାଇଁ ଏବଂ ନିଜର ବ୍ୟବସାୟକୁ ସୁରକ୍ଷିତ କରିବାର ସୁଯୋଗ



ଇ.ଏସ୍.ଆଇ.ସି ପଞ୍ଜିକୃତ କରିଥିବା ନିଯୁକ୍ତିଦାତା ମାନଙ୍କ ପାଇଁ ପାରଦର୍ଶୀ ଏବଂ ସଠିକ ସମୟରେ(6 ମାସ ଭିତରେ)ମଧ୍ୟମରୁ ଦୀର୍ଘକାଳୀନ ମାମଲା/ଚାର୍ଜରୁ ମୁକ୍ତି ପାଇବାର ଏକ ସୁଯୋଗ, ଯାହା ବ୍ୟବସାୟ କରିବା ସହଜ ହେବ ।

**ଏଥିରେ କଣ କଣ ସାମିଲ୍ ଅଛି ?**

କଭରେଜ୍/ଅଂଶଦାନ ବିବାଦ : ସୁଧ ସହିତ ପ୍ରାପ୍ୟ ଅଂଶଦାନ ପରିଶୋଧ କରନ୍ତୁ : କୌଣସି ଜୋରିମନା ନିଆଯିବ ନାହିଁ । EPFO/ଆୟକର ରେକର୍ଡ ଗ୍ରହଣ କରାଯିବ ।

କ୍ଷତିପୂରଣ : ଯଦି ସଂଗୃହିତ ସୁଧ ସହିତ ଅବଦାନ ପୂର୍ବରୁ ପରିଶୋଧ କରାଯାଇଛି, ତେବେ କ୍ଷତିପୂରଣର 10% ଦେଇ ମାମଲାର ସମାଧାନ କରନ୍ତୁ ।

ପୁରୁଣା ମାମଲା : ବନ୍ଦ ୟୁନିଟ୍ ଗୁଡିକ ପାଇଁ ଯେଉଁଥିରେ ନିୟୋଜକଙ୍କ ଠିକଣା ମିଳୁନାହିଁ ଏବଂ ଦାବି ରାଶି Rs 25000 ରୁ କମ୍ ଅଛି ଏବଂ 15 ବର୍ଷରୁ ଅଧିକ ସମୟ ଧରି ବକେୟା ରହିଛି ସେମାନଙ୍କୁ ଛାଡ କରାଯାଇ ପାରିବ ।

ଅଭିଯୋଜନ ଫେରସ୍ତ : ଧାରା 84 (ରିଫଣ୍ଡ) ଧାରା 85 ଏବଂ 85A(ନିଯୁକ୍ତିଦାତା)- ଯେ କୌଣସି ନ୍ୟାୟାଳୟ ସ୍ତରରେ ଅନୁପାଳନର ଅଧିନ

ବିଳମ୍ବ ରିଟର୍ଣ୍ଣ/ଘୋଷଣା: ଅନୁପାଳନ ପରେ ସ୍ୱୀକାର କରାଯିବ ।

**କିଏ ଆବେଦନ କରିପାରିବେ ?**

ଧାରା 75, 82, 85, 86A ଏବଂ ଅନୁଚ୍ଛେଦ 226 ରେ ଦୀର୍ଘଦିନ ଧରି ବିବାଦ ଥିବା ନିଯୁକ୍ତିଦାତାମାନେ

ଧାରା 84 ଅନୁସାରେ ରିଫଣ୍ଡ ବାଲା ବିମୀତ ବ୍ୟକ୍ତି

ପୁରୁଣା ବାକି, ଜମା କରିନଥିବା, କିମ୍ବା ବିଳମ୍ବରେ ଘୋଷଣା କରିଥିବା ୟୁନିଟଗୁଡିକ

ଅଧିକ ଜାଣିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

**ଆବେଦନ କିପରି କରିବେ:** ନିକଟତମ କ.ରାବି.ନି କ୍ଷେତ୍ରୀୟ/ଉପ କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ ।

ବିସ୍ତୃତ ବିବରଣୀ ପାଇଁ : **www.esic.gov.in** ଦେଖନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର 1800-11-2526 ରେ କଲ୍ କରନ୍ତୁ ।



# ଲାଲୁଙ୍କ ପରିବାରକୁ ନିର୍ବାଚନ ଝଟ୍‌କା

## ଝିଅ ରୋହିଣୀ ଛାଡ଼ିଲେ ରାଜନୀତି, ପରିବାର ସହ ସମ୍ପର୍କ ବି ତୁଟାଇଲେ

ପାଟନା, ୧୫।୧୧(ଏଜେନ୍ସି): ବିହାର ନିର୍ବାଚନରେ ଆରଜେଡିର ଶୋଚନୀୟ ପରାଜୟ ପରେ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଲାଗିଛି ବଡ଼ ଧରଣର ଝଟକା। ପରାଜୟକୁ ନେଇ ଲାଲୁ ପରିବାର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଝିଅ ରୋହିଣୀ ଆଚାର୍ଯ୍ୟ ଆଜି ହଠାତ୍ ଆଉ ଏକ ଝଟକା ଦେଇଛନ୍ତି। ପିତା ଲାଲୁଙ୍କୁ କିଡନୀ ଦାନ କରି ଚର୍ଚ୍ଚାରେ ଥିବା ରୋହିଣୀ ଆଜି ରାଜନୀତିରୁ ସନ୍ୟାସ ଘୋଷଣା କରିବା ସହିତ ପରିବାର ସହିତ ସଂପର୍କ ତୁଟାଇବାକୁ ମଧ୍ୟ ଘୋଷଣା କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କେବଳ ଲାଲୁ ପରିବାର ନୁହେଁ, ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିରେ ମଧ୍ୟ କମ୍ପନ ସୃଷ୍ଟି କରିଛି। ସେ ଅଚାନକ ଏଭଳି ନିଷ୍ପତ୍ତି କାହିଁକି ନେଲେ, ତାହା ଜଣାପଡ଼ି ନାହିଁ। ତେବେ ସଂଜୟ ଯାଦବ ଏବଂ ରମିଜଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ରୋହିଣୀ। ସଞ୍ଜୟ ଯାଦବ ଓ ରମିଜଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ସବୁ ଦୋଷ ନିଜ ମୁଣ୍ଡ ଉପରକୁ ନେଉଛି ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ସେ କେଉଁ ଦୋଷ କଥା କହିଛନ୍ତି, ତାହା ସ୍ପଷ୍ଟ କରି ନାହାନ୍ତି। ପରିବାରରେ ଚାଲିଥିବା ଅଶାନ୍ତି ନା ନିର୍ବାଚନରେ ଦଳର ପରାଜୟ? ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ପରବିାରରୁ ବାହାର କରିଦେଇଥିଲେ। ପରିବାରର ଏହି ନିଷ୍ପତ୍ତିକୁ ନେଇ ରୋହିଣୀ ଅସନ୍ତୁଷ୍ଟ ଥିଲେ। ତେଜ ପ୍ରତାପ ଗତ ନିର୍ବାଚନରେ ପିତାଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

ତେବେ ରୋହିଣୀ ତାଙ୍କର ନୋଟ୍‌ରେ ଯେଉଁ ସଞ୍ଜୟ ଓ ରମିଜଙ୍କ କଥା କହିଛନ୍ତି, ସେମାନେ କିଏ? ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ସଞ୍ଜୟ ଆରଜେଡିର ରାଜ୍ୟସଭା ସାଂସଦ ଅଛନ୍ତି। ସେ ହେଉଛନ୍ତି ତେଜସ୍ୱୀଙ୍କ ରାଜନୈତିକ ପରାମର୍ଶଦାତା। ସେହିପରି ଉତ୍ତର ପ୍ରଦୋର ବଳରାମପୁରରେ ରହୁଥିବା ରମିଜ ମଧ୍ୟ ତେଜସ୍ୱୀଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁ ବୋଲି କହାଯାଉଛି। ସେ ହେଉଛନ୍ତି ଜେଲ୍‌ରେ ଥିବା ପୂର୍ବ ସାଂସଦ ରିଜୱାନ ଜାହିରଙ୍କ ଜ୍ୱାଇଁ। ସେ ଆରଜେଡିର ସୋସିଆଲ ମିଡିଆ ଓ ନିର୍ବାଚନ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ରମିଜଙ୍କ ପତ୍ନୀ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ଉଲ୍ଲେଖଥାଉ କି ଗତ ମେ ୨୫ରେ ଲାଲୁ ତାଙ୍କର ବଡ଼ ପୁଅ ତେଜପ୍ରତାପ ଯାଦବଙ୍କୁ ପାର୍ଟି ଓ ପରିବାରରୁ ବହିଷ୍କାର କରିଥିଲେ। ଏଥିପାଇଁ ତେଜପ୍ରତାପ ସଞ୍ଜୟଙ୍କୁ ଦାୟୀ କରିଥିଲେ। ନିର୍ବାଚନରେ ତେଜପ୍ରତାପ ପରାସ୍ତ ହୋଇଥିବା ବେଳେ ତେଜସ୍ୱୀ ଯାଦବ ବିଜୟୀ ହୋଇଛନ୍ତି।

## ନିଲମ୍ବନ ପରେ ବିଜେପି ଛାଡ଼ିଲେ ଆରକେ ସିଂହ

ପାଟଣା, ୧୫।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପରେ ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର (ଆରକେ) ସିଂଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ସସପେଣ୍ଡ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ତାଙ୍କୁ ନୋଟିସ ଦିଆଯାଇଛି ଏବଂ



୭ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ ପାଇବା ପରେ ଶ୍ରୀ ସିଂହ ବିଜେପିରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ବିହାରରେ ୬୦ ହଜାର କୋଟି ଟଙ୍କାର ବିଜୁଳୀ ଦୁର୍ନୀତିରେ ନୀତୀଶ କୁମାର ସରକାର ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜେଡିୟୁ ପ୍ରାର୍ଥୀ ଆନନ୍ଦ ସିଂ, ଆରଜେଡିର ସୂରଜଭାନ ସିଂଙ୍କୁ ହତ୍ୟା ଅଭିଯୁକ୍ତ ବୋଲି କହିଥିଲେ। ଆରକେ ସିଂ ୧୯୭୫ ବ୍ୟାଚ୍‌ର ବିହାର କ୍ୟାଡରର ଆଇପିଏସ୍ ଅଧିକାରୀ ଥିଲେ।

## ବିହାର ନିର୍ବାଚନ
# କାରଣ ଖୋଜୁଛନ୍ତି ବିରୋଧୀ ଦଳ

ନୂଆଦିଲ୍ଲୀ, ୧୫।୧୧(ଏଜେନ୍ସି): ବିହାର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ବିପୁଳ ବିଜୟ ନେଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ବିହାରରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ୧୦-୧୦ ହଜାର ଲେଖାଏ ପଠାଯାଇଥିଲା। ଏହିକାରଣରୁ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିଛି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ଖାତାକୁ ପଠାଯିବା ପ୍ରକ୍ରିୟା ଏକ ପ୍ରକାର ଦୁର୍ନୀତି। ରାଜ୍ୟ ସରକାର ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରିବା ନିନ୍ଦନୀୟ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମଧ୍ୟ ବିଜେପି ନେତୃତ୍ୱାଧୀନ ସରକାର ଏପରି କରିଥିଲା। 'ଲଡକି ବହନ ଯୋଜନା' ମାଧ୍ୟମରେ ମହିଳା ଓ ବାଳିକାମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ବାଚନରେ ଅନିୟମିତତା ତଥା ଅସଙ୍ଗତି ହୋଇଥିବା କଥା କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି। ମହାମେଣ୍ଟର ନେତା ମାନେ ନିର୍ବାଚନ ଫଳକୁ ଅପ୍ରତ୍ୟାଶିତ ଓ ଏହାର ଯାଞ୍ଚ ହେବା ଉଚିତ ବୋଲି ମାକେନ କହିଛନ୍ତି। ଅନ୍ୟପଟେ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା ଦେଇଛି। ପାର୍ଟିର ରାଜ୍ୟମୁଖ୍ୟ ମନୋଜ ଭାରତୀ କହିଛନ୍ତି ଯେ, ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଫଳାଫଳ ଆମ କଳ୍ପନା ବାହାରେ ଥିଲା। ମହିଳାଙ୍କ ଏକାଉଣ୍ଟକୁ ୧୦-୧୦ ହଜାର ଟଙ୍କା ପଠାଯିବା ଫଳାଫଳକୁ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି। ତେବେ ଏହି ସବୁ ଅଭିଯୋଗକୁ ବିଜେପି ପ୍ରତ୍ୟାଖାନ କରିଛି। ପରାଜୟ ପରେ



■ ଖାତାକୁ ୧୦-୧୦ ହଜାର ଟଙ୍କା ଟ୍ରାନ୍ସଫର ଜିତାଇଲା: ଶରଦ
■ ଜାଲିଆତି ହୋଇଛି; ୨ ସପ୍ତାହରେ ପ୍ରମାଣ ଦେବୁ: କଂଗ୍ରେସ

ଏହାକୁ ସ୍ୱୀକାର କରିବା ଆବଶ୍ୟକ। ନିଜ ତ୍ରୁଟି ଓ ଦୋଷ ସ୍ୱୀକାର କରାଯିବା ଉଚିତ। କିନ୍ତୁ ବିରୋଧୀ ଏପରି ନ କରି ଅଯଥା ଆକ୍ଷେପ କରୁଛନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପାୱାରଙ୍କୁ ଜବାବ୍ ଦେଇ କହିଛନ୍ତି।

ବିହାର ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ଏବେ ଦଳ ପରାଜୟର କାରଣ ଜାଣିବା ପାଇଁ ମାନସମନ୍ଥନ ଆରମ୍ଭ କରିଦେଇଛି। ଏହି କ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଦଳର ପ୍ରଥମ ସମୀକ୍ଷା ବୈଠକ ବସିଛି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ ଏବଂ ଅଜୟ ମାକନ ପ୍ରମୁଖ ଉପସ୍ଥିତ ରହିଥିଲେ।। କଂଗ୍ରେସ ନେତା ବେଣୁଗୋପାଳ କହିଲେ ଯେ ଦଳ ଏହି ଜାଲିଆତିର ପ୍ରମାଣ ସଂଗ୍ରହ କରୁଛି। ୨ ସପ୍ତାହ ମଧ୍ୟରେ ଦେଶ ସାମ୍ନାରେ ଏହାର ରଖାଯିବ। ବିହାର ନିର୍ବାଚନ ଫଳାଫଳ କେବଳ କଂଗ୍ରେସ ନୁହେଁ, ବରଂ ଜନତା ଏବଂ ମେଣ୍ଟ ସହଯୋଗୀଙ୍କୁ ମଧ୍ୟ ତାଜୁବ କରିଦେଇଛି। ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ଆମେ ସବୁ ତଥ୍ୟ ସଂଗ୍ରହ କରୁଛୁ। ଗମ୍ଭୀରତାର ସହ ଏହାକ ବିଶ୍ଳେଷଣ କରାଯିବ। ସପ୍ତାହେରୁ ଦୁଇ ସପ୍ତାହେ ଭିତରେ ଠୋସ୍ ପ୍ରମାଣ ସଂଗ୍ରହ କରି ସର୍ବସମ୍ମୁଖକୁ ଅଣାଯିବ। ସେହିପରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିବା ପରେ ଦଳର ବରିଷ୍ଠ ନେତାମାନେ ବିହାର ନିର୍ବାଚନ ଫଳାଫଳ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଜୟ ମାକନ କହିଛନ୍ତି ଯେ ପ୍ରାରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ଏଭଳି ଫଳାଫଳ ଚକିତ କରିଦେଇଛି। ୧୯୮୪ରେ ବି କଂଗ୍ରେସକୁ ଏଭଳି ଷ୍ଟ୍ରାଇକ ରେଟ୍ ମିଳି ନ ଥିଲା। ବିଜେପିକୁ ଯେଉଁ ଭଳି ଆସନ ମିଳିଛି ତାହା ସନ୍ଦେହ ସୃଷ୍ଟି କରୁଛି। କିଛି ତ ଜାଲିଆତି ହୋଇଛି। ଅନେକ ସ୍ଥାନରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ କହିଛନ୍ତି। ମହାମେଣ୍ଟର ସବୁ ଦଳ ଫଳାଫଳକୁ ଅପ୍ରତ୍ୟାଶିତ କହିଛନ୍ତି।

# ଖେଳ ବିଗାଡ଼ିଲା କିଏ? ବିହାର ରାଜନୀତିରେ ତନାଘନା

ପାଟନା, ୧୫।୧୧ (ଏଜେନ୍ସି): ବିହାର ନିର୍ବାଚନ ଫଳାଫଳ ମହାମେଣ୍ଟ ପାଇଁ ବଡ଼ ଝଟ୍‌କା ହୋଇଥିବାବେଳେ କ୍ଷମତାସୀନ ଏନ୍‌ଡିଏ ପାଇଁ ଡବଲ୍ ଖୁସି ଆଣି ଦେଇଛି। ଉଭୟ ମେଣ୍ଟ ପାଇଁ ଏହି ଫଳାଫଳ ଅପ୍ରତ୍ୟାଶିତ ରହିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ପାଇଥିବାବେଳେ ମହାମେଣ୍ଟ ୩୫ ଆସନରେ ସୀମିତ ରହିଛି। ତେବେ ଏହି ନିର୍ବାଚନରେ କ୍ଷୁଦ୍ର ଦଳଗୁଡ଼ିକ ଚର୍ଚ୍ଚାରେ ଅଛନ୍ତି। କ୍ଷୁଦ୍ର ହୋଇଥିଲେ ମଧ୍ୟ ନିର୍ବାଚନରେ ବଡ଼ ପ୍ରଭାବ ପକାଇଛନ୍ତି। ଏହି ଦଳଗୁଡ଼ିକ ପାଇଁ ଏନ୍‌ଡିଏ ବିଜୟୀ ହୋଇଥିବାବେଳେ ମହାମେଣ୍ଟ ଇଣ୍ଡିଆ ପରାଜୟର ସମ୍ମୁଖୀନ ହେଲା ବୋଲି କୁହାଯାଉଛି। ଏହି ଦଳ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି, ଅସଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ଏବଂ ମାୟାବତୀଙ୍କ ବିଏସପି ରହିଛି। ଗତ ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଏଲଜେପିଆର ପାଇଁ ନୀତୀଶଙ୍କ ଦଳ ଜେଡିୟୁର କ୍ଷତି ହୋଇଥିଲା। ମାତ୍ର ଚଳିତ ଥର ଜନସୁରାଜ, ଏଆଇଏମଆଇଏମ ଏବଂ ବିଏସପି ଲାଗି ମହାମେଣ୍ଟର ଅପୂରଣୀୟ କ୍ଷତି ହୋଇଛି।

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତଙ୍କ ଦଳ ପ୍ରଥମ ଥର ପାଇଁ ବିହାରର ୨୩୮ ଆସନରେ ନିର୍ବାଚନ ଲଢ଼ି ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। ତେବେ ଏହି ଦଳ ୩.୪ ପ୍ରତିଶତ ଭୋଟ ହାତେଇଛି। ଏହା ବଡ଼ ବିଭାଜନକାରୀ ଭାବେ ଉଭା ହୋଇଛି। ଖାତା ଖୋଲି ନ ଥିବା ଏହି ଦଳ ଉଭୟ ମେଣ୍ଟର ଭୋଟ ହ୍ରାସ କରିଛି। ଜନସୁରାଜ ଗୋଟିଏ ଆସନରେ ଦ୍ୱିତୀୟ, ୧୨୯ଟିରେ ତୃତୀୟ, ୭୩ଟିରେ ଚତୁର୍ଥ, ୨୪ଟିରେ ୫ମ ଏବଂ ୧୨ଟିରେ ୬ରୁ ୯ତମ ସ୍ଥାନରେ ରହିଥିଲା। ୩୩ ବିଧାନସଭା କ୍ଷେତ୍ରରେ ଜନସୁରାଜ ପାଇଥିବା ଭୋଟ ବିଜୟ ବ୍ୟବଧାନଠାରୁ ଅଧିକ ଥିଲା। ଏଥିରୁ ୧୮ଟିରେ ଏନ୍‌ଡିଏ ଏବଂ ୧୩ଟିରେ ମହାମେଣ୍ଟ ଜିତିଥିଲା। ନିର୍ବାଚନ ପ୍ରଚାର ସମୟରେ ଦଳ ଉଭୟ ମେଣ୍ଟର ଭୋଟ ନେବ ବୋଲି ପ୍ରଶାନ୍ତ କହିଥିଲେ। ଏହାର ଝଲକ ଫଳାଫଳରେ ଦେଖିବାକୁ ମିଳିଛି।

## ଛୋଟ ଦଳ, ପ୍ରଭାବ ବଡ଼



୧୮୧ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାୟାବତୀଙ୍କ ବିଏସ୍‌ପି ଗୋଟିଏ ଆସନରେ ଜିତିଥିବାବେଳେ ଆଉ ଗୋଟିଏର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀର୍ଘ ବର୍ଷ ହେଲା ବିରୋଧୀ ଦଳଗୁଡ଼ିକ ବିଏସ୍‌ପିକୁ ବିଜେପିର ବି-ଟିମ୍ କହି ଆସୁଥିଲେ। ଉତ୍ତର ପ୍ରଦେଶ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରେ ଏହି ଅଭିଯୋଗ ଲାଗିଥିଲା। ଏହି ନିର୍ବାଚନରେ ବିଏସ୍‌ପି ମହାମେଣ୍ଟର ଅଶେଷ କ୍ଷତି କରିଛି। ୨୦ ଆସନରେ ବିଏସ୍‌ପି ପାଇଥିବା ଭୋଟ ବିଜୟ ବ୍ୟବଧାନଠୁ ଅଧିକ ରହିଛି। ଏଥିରୁ ଏନ୍‌ଡିଏ ୧୮ଟି ଏବଂ ମହାମେଣ୍ଟ ୨ଟି ଆସନ ଜିତିଥିଲା। ୯୦ ପ୍ରତିଶତ ଲାଭ ଏନ୍‌ଡିଏକୁ ମିଳିଥିଲା। ସେହିପରି ଏଆଇଏମଆଇଏମ ୫ଟି ଆସନରେ ଜିତିଥିଲେ ମଧ୍ୟ ୯ଟିରେ ବିଜୟ ବ୍ୟବଧାନଠୁ ଅଧିକ ଭୋଟ ପାଇଥିଲା। ଏଥିରୁ ୬୭ ପ୍ରତିଶତ ଆସନ ଏନ୍‌ଡିଏ ଜିତିଥିବାବେଳେ ୩୩ ପ୍ରତିଶତ ମହାମେଣ୍ଟ ଖାତାକୁ ଯାଇଥିଲା।

ସାମଗ୍ରିକ ଭାବେ ଦେଖିଲେ ଏହି ତିନି ପାଖିଆ ଲଢ଼େଇ ଏନ୍‌ଡିଏକୁ ଲାଭ ଦେଇଥିଲା। ୨୩.୪ ପ୍ରତିଶତ ଭୋଟ ପାଇଥିଲେ ବି ଆରଜେଡି ୨୫ଟିରେ ସୀମିତ ରହିଥିଲା। କିନ୍ତୁ ୨୦.୪ ପ୍ରତିଶତ ଭୋଟ ପାଇଁ ବିଜେପି ଏବଂ ୧୯.୬ ପ୍ରତିଶତରେ ସହ ଜେଡିୟୁ ତିନି ଗୁଣ ଅଧିକ ଆସନ ହାତେଇ ଥିଲା। ଏନ୍‌ଡିଏ ନିଜ ଭୋଟକୁ ମଜବୁତ କରି ରଖିଥିବାବେଳେ ମହାମେଣ୍ଟର ଭାଗ ଭାଗ ହୋଇ ଯାଇଥିଲା। ୨୪୩ରୁ ୬୩ଟିରେ ଜନସୁରାଜ, ବିଏସପି ଏବଂ ଏଆଇଏମଆଇଏମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଏଥିରୁ ୪୪ଟି (୭୦%) ଏନ୍‌ଡିଏ ଏବଂ ମହାମେଣ୍ଟ ୧୯ଟି ଜିତିଥିଲା। ମୁଖ୍ୟତଃ ଏନ୍‌ଡିଏ ବିରୋଧୀ ଭୋଟ ଉପରେ ମହାମେଣ୍ଟ ନିର୍ଭରଶୀଳ। କିନ୍ତୁ ଚଳିତ ଥର ନିର୍ବାଚନ ତିନିପାଖିଆ ହୋଇଥିଲା। ବିଏସପି ଦଳିତ ଭୋଟ, ଏଆଇଏମଆଇଏମ ମୁସଲିମ ଭୋଟ ଏବଂ ଜନସୁରାଜ ଯୁବଗୋଷ୍ଠୀ ଓ ବିକାଶ ଚାହୁଁଥିବା ଲୋକଙ୍କ ଭୋଟ ହାତେଇ ନେଇଥିଲା। ଏହା ଫଳରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ବଦଳରେ ଏନ୍‌ଡିଏ ବୃହତ ବିଜୟ ହାସଲ କରିଥିଲା।

## ଅର୍ଦ୍ଧାଧିକଙ୍କ ବିରୋଧରେ ଆପରାଧିକ ମାମଲା

ପାଟନା, ୧୫।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ବାହାରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅର୍ଦ୍ଧାଧିକ ଅର୍ଥାତ ୫୩ ପ୍ରତିଶତ ନିବ- ନିର୍ବାଚିତ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଦ୍ୱାରା ପ୍ରକାଶିତ ନୂଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିର୍ବାଚିତ ୨୪୩ ବିଧାୟକଙ୍କ ମଧ୍ୟରୁ ୧୩୦ ଜଣଙ୍କ ଆପରାଧିକ ମାମଲା ଥିବା କଥା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସଂଖ୍ୟା ଗତ ନିର୍ବାଚନ ତୁଳନାରେ ଅପେକ୍ଷାକୃତ କମ୍ ବୋଲି କୁହାଯାଇଛି। ଗତ ୨୦୨୦ ନିର୍ବାଚନରେ ୨୪୧ ଜଣ ବିଧାୟକଙ୍କ ମଧ୍ୟରୁ ୧୬୩ ଜଣ ଅର୍ଥାତ ୬୮ ପ୍ରତିଶତ ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ଏଥର ୧୦୨ ଅର୍ଥାତ ୪୨ ପ୍ରତିଶତ ବିଧାୟକଙ୍କ ବିରୋଧରେ ଗୁରୁତର ମାମଲା ରହିଛି।୨୦୨୦ରେ ଏହା ୫୧ ପ୍ରତିଶତ ଥିଲା।ଏଥର ବିଜେପିର ୮୯ ବିଧାୟକଙ୍କ ମଧ୍ୟରୁ ୪୩ ଜଣ (୪୮%), ଜେଡିୟୁର ୮୫ରୁ ୨୩ ଜଣ (୨୭%), ଆରଜେଡିର ୨୫ରୁ ୧୪ ଜଣ (୫୬%), ଏଲ୍‌ଜେପିର ୧୯ରୁ ୧୦ ଜଣ (୫୩%), କଂଗ୍ରେସର ୬ରୁ ୩ ଜଣ (୫୦%), ଏଆଇଏମ୍‌ଆଇଏମ୍‌ର ୫ରୁ ୪ ଜଣ (୮୦ %)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

# ଦିଲ୍ଲୀ ବିସ୍ଫୋରଣ: ଆଉ ୫ ଡାକ୍ତର ଗିରଫ, ୨୨ ଡାକ୍ତର ଫେରାର

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀଙ୍କ କାରଖାନା ପାଲଟିଥିବା ଫରିଦାବାଦର ଧୌଜ ଗ୍ରାମ ସ୍ଥିତ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଜୀବନ ବଞ୍ଚାଇବାକୁ ଡାକ୍ତର ଗଢୁଥିବା ଏହି ବିଶ୍ୱବିଦ୍ୟାଳୟରେ ନିରୀହଙ୍କ ଜୀବନ ନେବା ପାଇଁ କେମିତି ଆତଙ୍କୀ ଗଢ଼ା ଯାଉଥିଲା ତାହାର ଗୁମର ଫିଟିବାରେ ଲାଗିଛି। ଏହି ବିଶ୍ୱବିଦ୍ୟାଳୟର ୪ ଡାକ୍ତରଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଆଜି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଏହି ଅଲ-ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ରୁଜୁ କରିଛି। ଜାଲିଆତି ଏବଂ ଠକେଇ ମାମଲାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନିୟମିତତାକୁ ନେଇ ୟୁଜିସି ଏବଂ ନାକ୍‌ର ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ନୋଟିସ ଜାରି କରିଛି ଓ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଗି ତଦନ୍ତ ଆରମ୍ଭ କରିଛି। ଏହା ମଧ୍ୟରେ ଆତଙ୍କବାଦୀ ଲିଙ୍କ୍‌କୁ ନେଇ ଆଜି ୫ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ହରିୟାଣା ନୁହର ୩ ଜଣ, ପଶ୍ଚିମବଙ୍ଗ ଏବଂ ପଞ୍ଜାବରୁ ଜଣେ ଲେଖାଏଁ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପଟେ ଏନ୍‌ଆଇଏ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ୟୁପି ପୁଲିସ ଅଲ-ଫଲାହରେ ଶନିବାର ପହଞ୍ଚି ଯାଞ୍ଚ କରିଛି। ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଥିଲା। ଇମାମଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ଏଠାରେ

■ ୟୁଜିସି ଓ ନାକ ପକ୍ଷରୁ ଅନିୟମିତତା ଅଭିଯୋଗ
■ ଅଲ-ଫଲାହରେ ଚଢ଼ଉ, ଦିଲ୍ଲୀ ପୁଲିସର ଏତଲା ରୁଜୁ
■ 'ଡେଡ୍ ଡ୍ରପ୍' ଇମେଲରେ କଥା ହେଉଥିଲେ ଆତଙ୍କବାଦୀ

ରହୁଥିବା କଶ୍ମୀର ନାଗରିକଙ୍କ ତାଲିକା ପ୍ରସ୍ତୁତ କରି ଘର ଯାଞ୍ଚ କରାଯାଇଥିଲା। ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବା ପରେ ଏହି ବିଶ୍ୱବିଦ୍ୟାଳୟର ୨୨ ଡାକ୍ତର ଫେରାର ଅଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ସ୍ୱିଚଅଫ୍ ରହିଛି। ବିସ୍ଫୋରଣ ମାମଲାରେ ଗିରଫ ଡ. ମୁଜାମିଲ ସହ ଏହି ଡାକ୍ତରଙ୍କ ସମ୍ପର୍କ ଥିଲା। ସେହିପରି ଏହି ବିଶ୍ୱବିଦ୍ୟାଳୟରେ ପଢୁଥିବା ୪୦ ପ୍ରତିଶତ ଡାକ୍ତର କଶ୍ମୀର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୨୧ ମହିଳା ଆତଙ୍କବାଦୀ ଡ. ସାହିନ ପ୍ରାଧ୍ୟାପିକା ଭାବେ ଏଠାରେ ଯୋଗ ଦେଇଥିଲେ। ତାଙ୍କୁ କଲେଜର ୬ ସଦସ୍ୟ ବିଶିଷ୍ଟ ଫାର୍ମାକୋ ଭିଜିଲାନ୍ସ କମିଟିରେ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଥିଲା। ସେ ହିଁ ୨୦୨୨ରେ ପୁଲୱାମା ଡ. ମଜାମିଲ ଗନି, ଡ. ଉମର ନବି, ଡ.ସଜାଦ ଅହମ୍ମଦକୁ ଚାକିରି ଦେଇଥିଲା। ଅଲ-ଫଲାହରେ ସାହିନ ଏବଂ ସଜ୍ଜାଦର ବହୁତ ପ୍ରଭାବ ଥିଲା। ସେହିପରି ଅଭିଯୁକ୍ତ ମୁଜାମିଲ ଏବଂ ଉମର ସହ ସମ୍ପର୍କ ରଖିଥିବା ଡ. ମୁସ୍ତକିମକୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି।


ଦିଲ୍ଲୀ ବିସ୍ଫୋରଣରେ ସାମିଲ ଏହି ଆତଙ୍କବାଦୀ ପରସ୍ପର ମଧ୍ୟରେ କଥା ହେବାକୁ ଏବଂ ଷଡ଼ଯନ୍ତ୍ର ପାଇଁ 'ଡେଡ୍ ଡ୍ରପ୍' ଇ-ମେଲ ବ୍ୟବହାର କରୁଥିଲେ। ଏଥିରେ ଇମେଲର ଡ୍ରାଫ୍ଟ ଫୋଲ୍ଡରକୁ ସେଭ କରିଦିଆଯାଇଥାଏ। ପରେ ଏହାକୁ ପଢିବା ପାଇଁ ଅନ୍ୟ ଜଣେ ଲଗ୍ ଇନ କରିଥାଏ। ଏହାର ଡିଜିଟାଲ ଫୁଟପ୍ରିଣ୍ଟର ସନ୍ଧାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଦନ୍ତରୁ ଜଣାପଡ଼ିଛି ଯେ ଟେରର ମଡ୍ୟୁଲୋରେ ସାମିଲ ଡାକ୍ତର ପରସ୍ପରକୁ ଇ-ମେଲ ପଠାଉ ନ ଥିଲେ। ଅନ୍ୟପକ୍ଷରେ ମହିଳା ଆତଙ୍କବାଦୀ ଡ. ସାହିନ ବିସ୍ଫୋରଣ ପରେ ଦେଶ ଛାଡ଼ି ପଳାଇବାକୁ ଯୋଜନା କରିଥିଲା। ସେ ଦିଲ୍ଲୀ ବିସ୍ଫୋରଣର ସାତ ଦିନ ପୂର୍ବରୁ ପାସ୍‌ପୋର୍ଟ ଯାଞ୍ଚ କରାଇ ଥିଲା।ସାହିନର କୋଡନେମ 'ମ୍ୟାଡାମ ସର୍ଜନ' ଥିଲା।

## ଶିଶୁକୁ ହତ୍ୟା କଲେ ୪ ଜଣ ମାଉସୀ

ଯୋଧପୁର, ୧୫।୧୧(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ୧୭ ଦିନର ନୀରିହ ଶିଶୁକୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶିଶୁର ୪ ଜଣ ମାଉସୀ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇ ପଚରା ଉଚରା କରାଯାଉଛି। ପ୍ରଥମେ ହାତଗୋଡ ଭାଙ୍ଗିବା ପରେ ଶିଶୁର ତଣ୍ଟି ଚିପି ହତ୍ୟା କରାଯାଉଛି ବୋଲି ତା'ର ପିତା ଅଭିଯୋଗ କରିଛନ୍ତି। ଶିଶୁଟିର ଚୁଟି ମଧ୍ୟ ଟଣା ଯାଇଥିଲା। ଗୁଣିଗାରେଡ଼ି କାରଣରୁ ଶିଶୁକୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ନେହରୁ ନଗର କଲୋନୀରେ ଏହି ଘଟଣା ଘଟିଛି। ପତି ପୁନାରାମ ଓ ପତ୍ନୀ ସୁମନ ୧୭ଦିନ ତଳେ ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଶୁକ୍ରବାର ରାତିରେ ସୁମନ ଗାଧୁଆଘର ଯାଇଥିବା ବେଳେ ତାଙ୍କର ୪ ଭଉଣୀ ପୁଅ ପ୍ରତ୍ୟୁକ୍ଷକୁ ହତ୍ୟା କରିଥିଲେ। ମୋର ଶ୍ୱଶୁର ଘର ଲୋକେ ଅନ୍ଧବିଶ୍ୱାସି ରହିଆସିଛନ୍ତି। ଏହି କାରଣରୁ ୪ ଜଣ ମାଉସୀ ସାଥି ହୋଇ ପୁଅକୁ ହତ୍ୟା କରିଛନ୍ତି ବୋଲି ପୁନାରାମ ଅଭିଯୋଗ କରିଛନ୍ତି। ପୁନାରାମଙ୍କ ଶ୍ୱଶୁର ତଥା ସୁମନଙ୍କ ପିତା ଦିଲ୍ଲୀରେ ବାୟୁସେନାରେ କାର୍ଯ୍ୟକରନ୍ତି। ତାଙ୍କ ୭ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ସୁମନ ତାଙ୍କର ଦ୍ୱିତୀୟ ଝିଅ। ଶିଶୁର ୪ ମାଉସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ ଅନୁସାରେ ୨୦୨୨ରେ ଶିଶୁ ମୃତ୍ୟୁହାର ୩୯ ପ୍ରତିଶତ ରହିଛି। କିନ୍ତୁ ୨୦୨୩ରେ ଏଥିରେ ସୁଧାର ହୋଇଛି ଓ ହାର ୨୯ ପ୍ରତିଶତ ରହିଛି।

# ଗାଜା ଦୁଇ ଭାଗ କରିବାକୁ ଆମେରିକାର ଯୋଜନା

ୱାସିଂଟନ, ୧୫।୧୧(ଏଜେନ୍ସି): ଆମେରିକା ଗାଜାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପ୍ରସ୍ତୁତି କରୁଛି। ଏଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ଗୋଟିଏ ଭାଗ ଇଣ୍ଟରନ୍ୟାସନାଲ ଫୋର୍ସ (ଆଇଏସ୍‌ଏଫ୍) ଓ ଇସ୍ରାଏଲ ସେନାର ନିୟନ୍ତ୍ରଣରେ ରହିବ ଓ ଏହାକୁ ଗ୍ରୀନ୍ ଜୋନ କୁହାଯିବ। ଅନ୍ୟପଟେ ପାଲେଷ୍ଟାଇନ ନାଗରିକ ରହୁଥିବା ଅଞ୍ଚଳକୁ ଭଗ୍ନାବଶେଷ ସ୍ଥଳି ଭାବେ ରହିବାକୁ ଦିଆଯିବ ଓ ଏହାକୁ ରେଡ୍ ଜୋନ ବୋଲି କୁହାଯିବ। ପାଖାପାଖି ସବୁ ପାଲେଷ୍ଟାଇନ ନାଗରିକ ରେଡ୍ ଜୋନକୁ ବିସ୍ଥାପିତ ହୋଇଛନ୍ତି। ବ୍ରିଟେନ ଜଣାଶୁଣା ଖବର କାଗଜ 'ଦି ଗାର୍ଡିଆନ' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଆମେରିକୀୟ ସେନାର ଗୁଇଡା କାଗଜପତ୍ର ଓ ଅଧିକାରୀମାନଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଏହି ଯୋଜନାକୁ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି କୁହାଯାଇଛି।



■ ଗ୍ରୀନ ଜୋନ୍‌ରେ ଇସ୍ରାଏଲ୍‌ର ନିୟନ୍ତ୍ରଣ
■ ପାଲେଷ୍ଟାଇନ୍ ନାଗରିକଙ୍କୁ ରେଡ୍ ଜୋନ୍

ଗାଜାର ପୂର୍ବ ଅଂଶକୁ ଗ୍ରୀନ୍ ଓ ପଶ୍ଚିମ ପଟକୁ ରେଡ୍ ଜୋନ୍‌ରେ ବିଭକ୍ତ କରାଯିବ। ଗ୍ରୀନ୍ ଜୋନରେ ଇସ୍ରାଏଲ ସମେତ ବିଦେଶୀ ସୈନିକ ମଧ୍ୟ ନିୟୋଜିତ ହେବେ। ପ୍ରଥମେ କେତେଶହ ସୈନିକଙ୍କୁ ଓ ପରେ ଏହି ସଂଖ୍ୟାକୁ ୨୦ ହଜାରକୁ ବୃଦ୍ଧି କରାଯିବ। କୌଣସି ବିଦେଶୀ ସୈନିକଙ୍କୁ ଗ୍ରୀନ୍ ଜୋନ ବାହରକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ରେଡ୍ ଜୋନ୍ ଯୁଦ୍ଧ ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହୋଇ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏଠାରେ କୌଣସି ପୁନଃନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ଏହି ଜୋନରେ ୨୦ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ଫସି ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ନେଇ ଏହି ଯୋଜନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଜାକୁ ଏକାଠି କରି ପାଲେଷ୍ଟାଇନ୍ ଶାସନ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

## ଜିଅନ୍ତା ଜଳିଗଲେ ପରିବାରର ୫ ସଭ୍ୟ

ମୁଜାଫରପୁର, ୧୫।୧୧(ଏଜେନ୍ସି): ବିହାରର ମୁଜାଫରପୁରରେ ଗୋଟିଏ ପରିବାରର ୫ ସଦସ୍ୟ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଦୁଇ ପିଲା ଓ ମା ସାମିଲ ରହିଛନ୍ତି। ଏହି ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଜଳିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଓ ଏମାନଙ୍କୁ ଚିକିତ୍ସା ପାଇଁ ଶ୍ରୀ କ୍ରିଷ୍ଣା ମେଡିକାଲ କଲେଜ (ଏସ୍‌କେଏମ୍‌ସି)ରେ ଭର୍ତ୍ତି କରାଯାଇଛି। ଆହତଙ୍କ ଶରୀରର ୯୮ ପ୍ରତିଶତ ଜଳିଯାଇଛି। ସେହିପରି ଜଣେ ଯୁବକ ମାମୁଲି ଭାବେ ଆହତ ହୋଇଛନ୍ତି ଓ ମୋତିପୁର ପିଏଚ୍‌ସିରେ ତାଙ୍କୁ ଚିକିତ୍ସା କରାଯାଉଛି। ମୋତିପୁରର ୧୩ ନଂ ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରେ ନିଆଁ ଲାଗିଥିଲା। ସେତେବେଳେ ପରିବାର ଲୋକେ ଶୋଇ ରହିଥିଲେ। ଫଳରେ ସେମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ତୃତୀୟ ମହଲାରେ ନିଆଁ ଲାଗିଥିଲା। ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଡିଏସ୍‌ପି ସୁଚିତ୍ରା କୁମାରୀ କହିଛନ୍ତି। ଏହି ଘଟଣା ଯାଞ୍ଚ୍ କରାଯାଉଛି। ସର୍ଟ ସର୍କିଟ କାରଣରୁ ଏହି ନିଆଁ ଲାଗିଥିଲା ବୋଲି ଆଶଙ୍କା କରାଯାଉଛି।

**ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା**

# ଦିନକୁ ଗଡୁଛି ୧୬ ମୁଣ୍ଡ

ଭୁବନେଶ୍ୱର,୧୫ ।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ, ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହେଉଥିଲେ ବି ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାରରେ ରୋକ୍

- ଗତବର୍ଷ ତୁଳନାରେ ବଢ଼ିଛି ୬.୭୫ ପ୍ରତିଶତ
- ୧୦ ବର୍ଷରେ ମଲେଣି ୪୮ ହଜାର
- ଫାଶ ବସାଇଛି ପର୍ଯ୍ୟଟନ ଋତୁ
- ରାଜ୍ୟରେ ୧୯୫ ବ୍ଲାକସ୍ପଟ୍ ଚିହ୍ନଟ

ଲାଗିପାରୁନି । ଯେତିକି ମରୁଛନ୍ତି, ତା'ଠାରୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି । ସରକାରୀ ତଥ୍ୟ ମୁତାବକ, ପ୍ରତିବର୍ଷ ଦେଶରେ ଦେଢ଼ଲକ୍ଷ ଲକ୍ଷ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏ ଅଲୋଡ଼ା ରେକର୍ଡରେ ଓଡ଼ିଶାର ଭାଗ ଅଧିକ । ଦୁର୍ଘଟଣା ରାଜ୍ୟରେ ପ୍ରତିବର୍ଷ ୫ ହଜାର ଜୀବନ ନେଉଛି । ଗତ ୧୦ ବର୍ଷର ତଥ୍ୟ ଉପରେ ଆଖି ପକାଇଲେ, ରାଜ୍ୟରେ ଏହା(ଦୁର୍ଘଟଣା) ମହାମାରୀଠାରୁ ବି ଭୟଙ୍କର ବୋଲି ଜଣାଯାଇଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଦୁର୍ଘଟଣା । ଖାଲି ସେତିକି ନୁହେଁ, ଏକ ଲକ୍ଷରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଏହି ଆଧାରରେ ଦେଖିବାକୁ ଗଲେ, ଦୁର୍ଘଟଣାରେ ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କ ମୁଣ୍ଡ ଗଡୁଛି ।

୨୦୨୩ ମସିହାରେ ରାଜ୍ୟରେ ମୋଟ ୧୧ହଜାର




୯୯୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଟି ଅମୂଲ୍ୟ ଜୀବନ ଯାଇଛି । ସେହିପରି ଗତବର୍ଷ ରାଜ୍ୟରେ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬ ହଜାର ୧୪୨ଜଣ ପ୍ରାଣ ହରାଇଛନ୍ତି । ଚଳିତବର୍ଷ ଅର୍ଥାତ୍ ୨୦୨୫ ଜୁଲାଇ ମଧ୍ୟରେ ୭୫୩୬ଟି ସଡ଼କ ଦୁର୍ଘଟଣାରେ ୩ ହଜାର ୮୯୧ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୪ ଓ ୨୦୨୫ର ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୬.୭୫ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣା ହାର ବୃଦ୍ଧି ପାଇବା ରାଜ୍ୟରେ ସଡ଼କ ଦୁର୍ଘଟଣାର ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି ।

ସେପଟେ ୨୦୨୩ ମସିହା ତଥ୍ୟକୁ ଦେଖିଲେ, ସମୁଦାୟ ଦୁର୍ଘଟଣାର ୩୭ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଆଉ ୩୭ ପ୍ରତିଶତ ବା ପ୍ରାୟ ୨୧୦୦ ଜଣ ଜାତୀୟ ରାଜପଥରେ ହିଁ ପ୍ରାଣ ହରାଇଛନ୍ତି । ସେହିବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ଏଭଳି ହେବାର କାରଣ ମଧ୍ୟ ଆଶ୍ଚର୍ଯ୍ୟଜନକ । ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଜାତୀୟ ରାଜପଥରେ ଅଧିକ ଗାଡ଼ି ଚଳାଚଳ କରୁଛି । ଲୋକମାନେ ବଣଭୋଜି ଓ ତୀର୍ଥସ୍ଥଳୀ ସ୍ଥଳକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ । ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ସେହିପରି ରାଜପଥରେ ବେଆଇନ ପାର୍କିଂ ଓ ମଦ୍ୟପାନ ଜନିତ ଗାଡ଼ି ଚାଳନା ଏହାର ଅନ୍ୟତମ କାରଣ । ରାଜ୍ୟରେ ୧୯୫ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଠାରେ ଯେପରି ଭାବେ ସତର୍କତା ଅବଲମ୍ବନ କରିବା କଥା, ତାହା କରାନଯିବା ମଧ୍ୟ ଆଉ ଏକ କାରଣ ବୋଲି କୁହାଯାଉଛି ।

## ଆଜିଠୁ ଶୂନ୍ୟ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ହେବ । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ, ୪ଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ୍ ଓ ଏମର୍ଜେନ୍ସି କେୟାର୍‌କୁ ପ୍ରାଧାନ୍ୟ ଦିଆଯିବ । ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା ଦେଇଛନ୍ତି । ଆଜି ଏ ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିଛନ୍ତି । ଶୂନ୍ୟ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ପରାମର୍ଶ ଦେଇଛନ୍ତି । ସୂଚନାନୁଯାୟୀ, ଏହି ଅବଧି ମଧ୍ୟରେ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି ।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ; ୩ ମୃତ

ପରଜଙ୍ଗ,୧୫ ।୧୧(ସମିସ): ୫୯ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ଜିଏମ୍ ଆଇରନ କାରଖାନା ସମ୍ମୁଖରେ ଅଜଣା ଟ୍ରକ୍ ଧକ୍କାରେ ୩ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ୩ ଜଣଯାକ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତକମାନଙ୍କ ପରିଚୟ ମିଳିନାହିଁ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କ ଯୌନାଙ୍ଗ କାଟି ମାରିଦେଲେ

ବୀରମହାରାଜପୁର, ୧୫।୧୧ (ସମିସ): ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି । ମୃତକ ହେଲେ, ଭଜବଲପୁର ଗାଁର ରାକେଶ ବରିହା (୨୫) । ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧହିଡ଼ରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ସୂଚନାନୁଯାୟୀ, ସକାଳୁ ବନ୍ଧହିଡରେ ରାକେଶଙ୍କ ମୃତଦେହ ପଡ଼ିଥିବା ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ବୀରମହାରାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା । ରାକେଶଙ୍କ ମୁଣ୍ଡ ଓ ବାମ ଆଖିରେ ଆଘାତ ଲାଗିଥିବା ବେଳେ ତାଙ୍କ ଯୌନାଙ୍ଗକୁ କାଟି ଦିଆଯାଇଥିଲା । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ପରେ ଅପରାହ୍ଣରେ ରାକେଶଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ପୁଲିସ ଏହି ହତ୍ୟାକାଣ୍ଡର ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି । କିଛି ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସକାଳ ସାଢ଼େ ୪ଟାରେ ମର୍ଣ୍ଣିଂୱାକ୍‌ରେ ଗଲା ବେଳେ ସେମାନେ ବନ୍ଧ ପାଖରେ ଏକ ବଲୋରୋ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ରାକେଶଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ଉକ୍ତ ଗାଡ଼ିରେ ଏଠାରେ ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି । ତେଣୁ ପୁଲିସ ଉକ୍ତ ଗାଡ଼ିକୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛି । ସେହିପରି ରାକେଶଙ୍କ ସହ କାହାର ଶତ୍ରୁତା ଥିଲା, ସେନେଇ ତାଙ୍କ ପରିବାରଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ବୀରମହାରାଜପୁର ଥାନା ଅଧିକାରୀ କହିଛନ୍ତି ।

**ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ**

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡା ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ: ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୫ ।୧୧ (ସମିସ): ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ବିର୍ସା ମୁଣ୍ଡା ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାରକୁ ସେ ଦୃଢ଼ ଥିଲା । ଇଂରେଜ ସରକାର ବିରୋଧରେ ତାହା ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ



- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ହନୁମାନ ବାଟିକା-ପାୱାର ହାଉସ୍ ରାସ୍ତା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ

ବିରୋଧ କରୁଥିଲେ । ବିହାର, ଝାଡ଼ଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ନେଇ ଏକ ବଡ଼ଧରଣର ବିପ୍ଳବ କରି ସେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ । ସହିଦ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେସିତମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ । ବିର୍ସାଙ୍କ ବିଦ୍ରୋହ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରୁ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

**ଏସ୍‌ଆଇ ଚାକିରି ବିକ୍ରି ଘଟଣା**

## ତୁରନ୍ତ ପରୀକ୍ଷା ଦାବିରେ ଆଶାୟୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫ ।୧୧(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଲା; କ୍ରାଇମ୍‌ବ୍ରାଞ୍ଚ ଠାରୁ ତଦନ୍ତ ଭାର ସିବିଆଇ ନେଲା । ହେଲେ ପରୀକ୍ଷା କେବେ ହେବ ଏବଂ କିଏ ପରୀକ୍ଷା ପରିଚାଳନା କରିବ ସେ ସମ୍ପର୍କରେ କେହି ପଦୁଟିଏ କହୁନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ, ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି ।

ଆଶାୟୀଙ୍କ କହିବା କଥା, ଚାକିରି ବିକ୍ରି ଘଟଣାରେ ସିବିଆଇ ତଦନ୍ତ ଆରମ୍ଭ କରିଛି । ରାକେଟ୍‌ର ମୂଳ ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କେବେ ପହଞ୍ଚିବ ଓ କେବେ ତଦନ୍ତ ସରିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ । ୨୦୨୪ ଡିସେମ୍ବରରେ ୯୩୩ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ



- ଆଶାୟୀଙ୍କ ସହ ଆଲୋଚନା କଲେନି ଓପିଆର୍‌ବି ଅଧ୍ୟକ୍ଷ
- ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ପାଇବାକୁ ପ୍ରାୟ ବର୍ଷେ ପୂରିବ । ଏହାରି ମଧ୍ୟରେ ଦୁଇ ଥର ପରୀକ୍ଷା ବାତିଲ୍ ହେଲାଣି । ଅନିଶ୍ଚିତତା ମଧ୍ୟରେ ଥିବା ଏହି ପରୀକ୍ଷା ପାଇଁ ପଢ଼ିବା ସହ ଶାରିରୀକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି । ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି । ସକାଳୁ ଆନ୍ଦୋଳନରେ ବସିଥିବା ଆଶାୟୀଙ୍କ ସହ ବିଳମ୍ବିତ ରାତି ଅର୍ଥାତ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଓପିଆର୍‌ବି ଅଧ୍ୟକ୍ଷ ଆଲୋଚନା ନ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷ ଝାଡ଼ିଛନ୍ତି । ବ୍ୟାପକ କେଲେଙ୍କାରୀରେ ସମ୍ପୃକ୍ତ ଓପିଆର୍‌ବି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ସରକାର ଗଠନ ଠାରୁ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ହେଲେ ଦୀର୍ଘ ବର୍ଷେ ହେବ କୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ; ସରକାର ମଧ୍ୟ ସେମାନଙ୍କ ଜୀବନ ସହ ଖେଳିବାକୁ ପ୍ରୟାସ ନ କରନ୍ତୁ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି ।

## ସ୍ୱତନ୍ତ୍ର ଓଟିଇଟି ପାସ୍ କଲେ ୪୮୧୫୩

କଟକ,୧୫ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି । ବୋର୍ଡ ୱେବ୍‌ସାଇଟ୍‌ରେ ଏହି ଫଳ ଉପଲବ୍ଧ କରାଯାଇଛି । ଏହି ପରୀକ୍ଷାର ଦୁଇଟି ପେପର୍‌ରେ ମୋଟ୍ ପାସ୍ ହାର ୬୬.୫୦ ପ୍ରତିଶତ ହୋଇଛି ଓ ମୋଟ ୪୮ ହଜାର୧୫୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବ୍‌ସାଇଟ୍‌ରୁ ଆଜିଠାରୁ ୨୦୨୬ ଜାନୁଆରୀ୧୫ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ । ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ୨୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଓଏମ୍‌ଆର୍ ଉତ୍ତରଖାତାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

**ନୂଆପଡ଼ା ପରାଜୟ ପରେ କଂଗ୍ରେସରେ ଚାପା ଗୁଞ୍ଜରଣ**

## ପ୍ରଶ୍ନ ଘେରରେ ଭକ୍ତଙ୍କ ରଣନୀତି

ଭୁବନେଶ୍ୱର, ୧୫।୧୧ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ରାଜ୍ୟରେ କଂଗ୍ରେସର ମଙ୍ଗ ଧରିଥିଲେ ବରିଷ୍ଠ ନେତା ଭକ୍ତଚରଣ ଦାସ । ଭକ୍ତଙ୍କ ଆଗମନ ପରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଦଳ ତାଙ୍କ ନେତୃତ୍ୱରେ ଭଲ କରିବ ବୋଲି ସାଧାରଣରେ ଏକ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା । ମାତ୍ର ସଭାପତି ଦାୟିତ୍ୱ ଗ୍ରହଣ ପରେ ନୂଆପଡ଼ା ଉପନିର୍ବାଚନ ଭକ୍ତଙ୍କ ପାଇଁ ଏକ 'ଏସିଡ୍ ଟେଷ୍ଟ' ଥିଲା । ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ବିଜୟ ଲାଭ କରିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳର ଅନ୍ୟନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମାତ୍ର ନୂଆପଡ଼ା ଫଳ ବାହାରିବା ସହ ଭକ୍ତଙ୍କ ସବୁ ରଣନୀତି ଫେଲ୍ ମାରିଛି । ଦଳ ଦ୍ୱିତୀୟ ସ୍ଥାନରେ ରହିବା ଭକ୍ତ ତଥା କଂଗ୍ରେସ ପାଇଁ ଏକମାତ୍ର ଭଲ ଖବର ହୋଇଥିଲେ ହେଁ ନିର୍ବାଚନୀ ବିଫଳତା ପରେ ଦଳରେ ତାଙ୍କର ନିର୍ବାଚନ ପରିଚାଳନା ଓ ରଣନୀତିକୁ ନେଇ ପ୍ରଶ୍ନ ଉଠିଛି ।

ଗତ ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିବା ବେଳେ ଦଳୀୟ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫,୫୦୧ ଖଣ୍ଡ ଭୋଟ ପାଇଥିଲେ । ଅର୍ଥାତ୍ କଂଗ୍ରେସ ପାଖରେ ମୋଟ ୬୬,୪୪୨ ଖଣ୍ଡ ଭୋଟ ଥିଲା । ମାତ୍ର ବର୍ଷଟିଏ ମଧ୍ୟରେ ଉଭୟ ଘାସିରାମ ଏବଂ କଂଗ୍ରେସର

- ଦେଢ଼ ବର୍ଷରେ ୨୬ ହଜାର ଭୋଟ୍ ହରାଇଛି ଦଳ
- ଖରାପ ପ୍ରଦର୍ଶନର ଏକାଧିକ କାରଣ ଦର୍ଶାଇଲେ ସମୀକ୍ଷକ

ମିଳିତ ଭୋଟ ପ୍ରାୟ ୨୬ ହଜାର ହ୍ରାସ ପାଇଛି । ନୂଆପଡ଼ାରେ କଂଗ୍ରେସର ପରାଜୟ ପଛରେ ଭକ୍ତଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ, ଅର୍ଥର ଘୋର୍ ଅଭାବ ଏବଂ କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ଅନାଗ୍ରହ କାରଣରୁ କଂଗ୍ରେସ ଆଶାନୁଯାୟୀ ଫଳ ପାଇପାରିଲା ନାହିଁ ବୋଲି ଆଲୋଚନା ଜୋର୍ ଧରିଛି । ଏହିକ୍ରମରେ ରାଜ୍ୟ କଂଗ୍ରେସର କିଛି ବରିଷ୍ଠ ନେତାଙ୍କର ମତାମତକୁ ନେଇ ଦଳରେ ଚାପା ଗୁଞ୍ଜରଣ ଆରମ୍ଭ ହୋଇଛି ।

ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେପି ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଲେ । ବିଜେଡି ପାଇଁ ନବୀନ ପଟ୍ଟନାୟକ ଦୁଇ ଦୁଇଥର ପ୍ରଚାର କଲେ; ମାତ୍ର ଆମେ ସେହିଭଳି ସଭା କରିପାରିଲୁ ନାହିଁ । ସେହିପରି ଆଦିବାସୀ ଭୋଟ ବ୍ୟାଙ୍କକୁ ଗତଥର ପରି ନିଜ ପାଖରେ ରଖି ପାରିଲୁ ନାହିଁ ବୋଲି କହିଛନ୍ତି ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା । ନିଜେ ଘାସିରାମ ମଧ୍ୟ ନିର୍ବାଚନରେ ଟଙ୍କାର ଘୋର ଅଭାବ ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ସହଯୋଗ ନେଇ ନିଜର ବକ୍ତବ୍ୟ ରଖି ସାରିଛନ୍ତି । ଅପରପକ୍ଷେ ପିସିସି ସଭାପତି ଭକ୍ତଚରଣ ଦାସ କିନ୍ତୁ ଏନେଇ ଭିନ୍ନ ମତ ରଖିଛନ୍ତି । ସେ କହିଛନ୍ତି ଯେ ଆମେ ହିଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ । ଆମେ ହିଁ ବିଜେପିର ପ୍ରକୃତ ବିକଳ୍ପ ବୋଲି ପ୍ରମାଣିତ କରିଛୁ ।

**ବିଲରୁ ଛାଡୁନି ପାଣି; କେମିତି କରିବେ ଅମଳ**

## ଗଜା ଧାନରେ ନିଆଁ ଲଗାଇଦେଲା ଚାଷୀ

ଧରାକୋଟ, ୧୫ ।୧୧(ସମିସ): ଆଖି ଆଗରେ ବର୍ଷକର ପରିଶ୍ରମ ବରବାଦ ହୋଇଗଲା । ବିଲରୁ ପାଣି ନ ଛାଡ଼ିବାରୁ ଏକର ଏକର ଜମିରେ ଧାନରୁ ଗଜା ବାହାରିଗଲା । ଦଇବ ଯାହା ଦାଉ ସାଧିଲା, ତାକୁ ଆଉ କେତେ ଦିନ ଧରି ବସିବ ଭାବି ବିଲରେ ନିଆଁ ଲଗାଇଦେଲା ଚାଷୀ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ରେ ଏମିତି ଦୃଶ୍ୟ ଦେଖିବାକୁ



ମିଳିଛି । ଧରାକୋଟ ବ୍ଲକର ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ବାହାରପୁର, ମାଣିକପୁର, ମଛାକୋଟ, ଢଉଗାଁ ଆଦି ପଞ୍ଚାୟତରେ ଥିବା କେନାଲ ପାର୍ଶ୍ୱ ଜମି, ଗହୀର ମଥାରେ ଥିବା ଚାଷ ଜମି ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ରହିଛି । ଧାନ ପାଣିରେ ଲୋଟି ରହିଛି । ପାଣି ଛାଡ଼ି ନଥିବାରୁ ମେସିନ ସାହାଯ୍ୟରେ କିମ୍ବା ଲୋକଙ୍କ ଦ୍ୱାରା ଚାଷୀ ଧାନ କାଟି ପାରୁନାହିଁ । ଫଳରେ ଦିନକୁ ଦିନ ଅଧିକ ପରିମାଣରେ ଧାନ ଗଜା ହେବାରେ ଲାଗିଛି ।

ଚଳିତବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବାରୁ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି । ଯଦିଓ ଧାନ ଫସଲ ଭଲ ହୋଇଛି ଏବଂ ଠିକ ସମୟରେ ଲଘୁଚାପ ଟଳି ଯିବାରୁ ଅମଳ ପାଇଁ ପାଗ ଅନୁକୂଳ ରହିଛି; ହେଲେ ଗହୀରିଆ ଜମିରୁ ଏଯାଏଁ ପାଣି ଛାଡ଼ିନି । ଫଳରେ ଦୀର୍ଘ ଦିନ ଧରି ଧାନ ଗଛ ସବୁ ଭୂମିରେ ଲୋଟି ରହିବାରୁ ଅଧିକାଂଶ ଜମିରେ ଧାନ ଗଜା ହୋଇଗଲାଣି । ଆଖି ଆଗରେ ବର୍ଷକର ଫସଲ ଉଜୁଡ଼ି ଯାଉଥିବା ଦେଖି ଚାଷୀ ମନ ଥୟ ଧରୁନି । ତେଣୁ, ଦଇବକୁ ଦୋଷ ଦେଇ ନିଜ ହାତରେ କରିଥିବା ଫସଲରେ ନିଆଁ ଲଗାଇ ଦେଉଛି । ଚାଷୀଙ୍କ କହିବା କଥା, ଧାନ ତ ଆଉ ଅମଳ ହେବନି, ତେଣୁ ନିଆଁ ଲଗାଇଦେଲୁ । ଜମି ଶୁଖିଲେ ବିରି, ମୁଗ ବୁଣି କିଛି ରୋଜଗାର ହେବ । କିନ୍ତୁ କିଛି ଚାଷୀ ଧୈର୍ଯ୍ୟ ହରାଇନାହାନ୍ତି । ଜମିରୁ ପାଣି ନିଷ୍କାସନ ପାଇଁ ନାଳ ବାହାର କରି ଅପେକ୍ଷାରେ ଅଛନ୍ତି । ଅନ୍ୟପଟରେ ପ୍ରଶାସନ ତରଫରୁ ଚଳିତ ବର୍ଷ କ୍ଷୟକ୍ଷତି ଆକଳନ ପାଇଁ ଏପର୍ଯ୍ୟନ୍ତ ତତ୍ପରତା ପ୍ରକାଶ ପାଇନାହିଁ । ଏଣୁ ଚାଷୀ ହତୋତ୍ସାହିତ ହୋଇ ନିଜ ଆଖି ଆଗରେ ନଷ୍ଟ ହୋଇଯାଇଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି ।

## ପୁଲିସ କବ୍‌ଜାରେ ବିହାରୀ ବନ୍ଧୁକ ବିକ୍ରି ଗ୍ୟାଙ୍ଗ୍

ଭୁବନେଶ୍ୱର,୧୫।୧୧(ସମିସ): କମିସନରେଟ୍ ପୁଲିସ ପଞ୍ଝାରେ ବନ୍ଧୁକ ବେପାରୀ । ଭୁବନେଶ୍ୱର ମାଲିସାହି ନିକଟରୁ ସ୍ପେସାଲ କ୍ରାଇମ୍ ୟୁନିଟ୍ ଆଜି ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି । ସେମାନେ ହେଲେ, ବିହାର ରାଜ୍ୟ ଖଗରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ

- ୨ ଗିରଫ; ଗ୍ରାହକ ବେଶରେ ମାଡି ବସିଲା ପୁଲିସ
- ଗୋଟିଏ କାର୍ବାଇନ୍ ରାଇଫଲ୍, ଦୁଇ ମାଗାଜିନ୍, ୫ମାଉଜର, ୯ ଗୁଳି ଜବତ
- ମାଲିସାହି ନିକଟରେ ହୋଇଥିଲା ଡିଲ୍

କାର୍ବାଇନ୍ ରାଇଫଲ, ୫ଟି ମାଉଜର୍, ୯ଟି ଗୁଳି ଜବତ କରିଛି । ବନ୍ଧୁକ ଡେଲିଭରି ଦେବାକୁ ଆସିଥିବା ବେଳେ ଗ୍ରାହକ ବେଶରେ ପୁଲିସ ଦୁହିଁଙ୍କୁ ଗିରଫ କରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଗତସିଂହପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏମାନଙ୍କ ଚେର ଲମ୍ବିଥିବା ପୁଲିସ ଜାଣିବାକୁ ପାଇଛି । ଏମାନେ କିଛି ନାମୀ ଦାମୀ ଅପରାଧୀଙ୍କୁ ବନ୍ଧୁକ ବିକୁଥିଲେ । ତେବେ ଏମାନଙ୍କ ସହ ଆଉ କିଏ କିଏ ସାମିଲ ଅଛନ୍ତି, ଏମାନେ କେଉଁଠୁ ବନ୍ଧୁକ ଆଣିଥିଲେ, ଏଠି କାହାକୁ ଦେଇଥା'ନ୍ତେ, ଆଗରୁ କେତେଥର ବନ୍ଧୁକ ବିକିଛନ୍ତି, ସେ



ସଂପର୍କରେ ପୁଲିସ ଉଭୟଙ୍କୁ ଜେରା କରୁଥିବା ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି ।

ଅଭିଯୁକ୍ତଦ୍ୱୟ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରନ୍ତି । ଏମାନେ କେବଳ ସପ୍ଲାୟର୍ । କଟକ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ବହୁ ଅପରାଧୀଙ୍କୁ ଏମାନେ ଏକାଧିକବାର ବନ୍ଧୁକ ଯୋଗାଇଛନ୍ତି । ହେଲେ କେବେ ଧରାପଡ଼ିନାହାନ୍ତି । ନିକଟ ଅତୀତରେ ପୁଲିସ ବନ୍ଧୁକ ରଖିଥିବା ଜଣେ ଯୁବକକୁ ଧରିଥିଲା । ତା' ସୂଚନା ଆଧାରରେ ପୁଲିସ ଏହି ବିହାରୀ ବନ୍ଧୁକ ବ୍ୟବସାୟୀଙ୍କ ପାଖରେ ପହଞ୍ଚିଥିବା ଜଣାଯାଇଛି । ଦୀର୍ଘ ଦିନ ହେବ ପୁଲିସ ଏହି ଗ୍ୟାଙ୍ଗ୍ ଉପରେ ନଜର ରଖିଥିଲା । କିନ୍ତୁ ସେମାନେ ବିହାର ପଳାଇଥିବାରୁ ପୁଲିସ ପାଉନଥିଲା । ତେଣୁ ସେମାନଙ୍କୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା । ଗ୍ରାହକ ଭାବେ ପୁଲିସ ସେମାନଙ୍କ ସହ ଯୋଗାଯୋଗ କରିଥିଲା । ଶେଷରେ ୬ଟି ବନ୍ଧୁକ ପାଇଁ ଡିଲ୍ ଫାଇନାଲ ହୋଇଥିଲା ।

ତେବେ କେଉଁ ସ୍ଥାନରେ ଡେଲିଭରି ହେବ, ତାହା ଅଭିଯୁକ୍ତଦ୍ୱୟ ସ୍ଥିର କରିଥିଲେ । ସେମାନଙ୍କ ସବୁ ସର୍ତ୍ତ ମାନି ପୁଲିସ ମାନି ନେଇଥିଲା । ଏପରିକି, ବିଶ୍ୱାସ ଜନ୍ମାଇବା ପାଇଁ ପୁଲିସ ଅଗ୍ରିମ ଆକାରରେ କିଛି ଟଙ୍କା ମଧ୍ୟ ଦେଇଥିଲା । ଟଙ୍କା ମିଳିବା ପରେ ଅଭିଯୁକ୍ତଦ୍ୱୟ ବିହାରରୁ ବାହାରିଥିଲେ । ସେମାନେ ଟ୍ରେନ୍‌ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଯୋଗାଯୋଗ କରିଥିଲେ । ୧୪ ତାରିଖ ରାତିରେ ଷ୍ଟେସନ ନିକଟସ୍ଥ ମାଲିସାହି ପାଖରେ ବନ୍ଧୁକ ମିଳିଯିବ ବୋଲି କହିଥିଲେ । ସେମାନଙ୍କ କହିବାନୁଯାୟୀ ପୁଲିସ ଠିକ୍ ସମୟରେ ସେଠାରେ ପହଞ୍ଚି ଯାଇଥିଲା । ସେମାନେ ବନ୍ଧୁକ ଦେବା ବେଳେ ପାଖରେ ଉପସ୍ଥିତ ଥିବା ଅନ୍ୟ ପୁଲିସ ଅଧିକାରୀମାନେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିନେଇଥିଲେ । ଅପରେସନ୍ ଏତେ ସତର୍କତାର ସହ କରାଯାଇଥିଲା ଯେ ସେମାନଙ୍କୁ ବିରୋଧ କରିବା କିମ୍ବା ହାତାହାତି କରିବାକୁ ବି ପୁଲିସ ସୁଯୋଗ ଦେଇନଥିଲା ।

# ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

**ସାକ୍ଷୀଗୋପାଳ,୧୫।୧୧(ସମିସ):** ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୀଠାରେ ଏହି ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥଲା। ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଦୁଇ ଶିକ୍ଷାର୍ଥୀ ସିଦ୍ଧିପ୍ରଜ୍ଞା ସ୍ୱାଇଁ ପ୍ରବନ୍ଧ ପ୍ରତିଯୋଗିତା, ଜୀବନଜ୍ୟୋତି ପାତ୍ର ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଏକାଦଶ ଶ୍ରେଣୀର ଜ୍ୟୋତିରଞ୍ଜନ ରାଉତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ରେବଣା ନୂଆଗାଁ ଡାକ୍ତରଖାନା ପଡ଼ିଆ, ବ୍ରହ୍ମଗିରି ଠାରେ ଆୟୋଜିତ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ସାଂସଦ ଡାକ୍ତର ସମ୍ବିତ ପାତ୍ର ଏବଂ ବିଧାୟିକା ଉପାସନା ମହାପାତ୍ର ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଖୁସି ବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୨୦ରେ ଅକ୍ଷୟ ପ୍ରଧାନଙ୍କ ସ୍ମୃତି ସମାରୋହ

**ଚାରିଛକ,୧୫।୧୧(ସମିସ):** ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଅପ୍ରତିଦ୍ୱନ୍ଦୀ ଯୁବନେତା ସିପିଆଇର ପୂର୍ବତନ ରାଜ୍ୟ ସହ-ସମ୍ପାଦକ ଶ୍ରମିକନେତା ବିପ୍ଳବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୫ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆସନ୍ତା ୨୦ ତାରିଖରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁରୀଠାରେ ଅନୁଷ୍ଠିତ ହେବ। ଏହି ସମାରୋହରେ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ ଗୋ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଓ ପୁରୀ ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବହୁମାତ୍ରାରେ ଜନସାଧାରଣ ଯୋଗଦେବାକୁ ସ୍ମୃତି କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର, ସମ୍ପାଦକ ମହେଶ୍ୱର ରାଉତ, ସହ-ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଓ କମ୍ୟୁନିଷ୍ଟ ପାର୍ଟି ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ନିବେଦନ କରିଛନ୍ତି।

**ବିଭିନ୍ନ ସ୍ଥାନରେ ଜନଜାତୀୟ ଗୌରବ ଦିବସ**

# ସହିଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରଛାତ୍ରୀ

କୋଣାର୍କ,୧୫।୧୧(ସମିସ)



କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏଥିରେ ସହିଦ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥିରୂପେ ଯୋଗଦେଇ ଅମର ସହିଦ୍ ବିର୍ସା ମୁଣ୍ଡାଙ୍କ ଜୀବନୀ, ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବୈପ୍ଳବିକ ଭୂମିକା ଓ ଦେଶପ୍ରେମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା, ହାଇସ୍କୁଲ ସହକାରୀ ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ ଓ ମାନସ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ପରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଡେଲାଙ୍ଗ

**ଡେଲାଙ୍ଗ,୧୫।୧୧(ସମିସ):** ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ପୁରୀ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଗୁଆଳିପଡ଼ା ସେବାଶ୍ରମ ପରିସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଗୋଲଖ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ବ୍ଲକ୍ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା, ବ୍ଲକ୍ ଜନମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ସୁଲତା ପ୍ରଧାନ, ସଂଯୋଜକ ବସନ୍ତ କୁମାର ପ୍ରଧାନ, ସିଆର୍‌ସିସି ସୁଦୀପ୍ତ ପରିଡ଼ା, ସେବାଶ୍ରମର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର କଅଁର, ଚଣ୍ଡେଶ୍ୱରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରସାଦିନୀ ପରିଡ଼ା, ସମାଜସେବୀ ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ଦେଶ ଭକ୍ତି ଓ ସ୍ୱାଧୀନତା ପାଇଁ କରିଥିବା ସଂଗ୍ରାମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠପଢା ସହିତ ସୁନ୍ଦର ପରିବେଶ ଓ ଅଭିଭାବଙ୍କ ଦ୍ୱାରା ଶିଶୁଯତ୍ନ, ବାଲ୍ୟବିବାହ ନିରାକରଣ ଓ ଏହାର କୁପରିଣତି, ବାଲ୍ୟ ବିବାହ ଆଇନ୍, ଶିଶୁ ଶ୍ରମିକ ନିରାକରଣ ଆଇନ୍ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ଅବସରରେ ସେବାଶ୍ରମର ଛାତ୍ରୀଙ୍କ ମଧ୍ୟରେ ବିର୍ସାମୁଣ୍ଡାଙ୍କ ଜୀବନୀ ସମ୍ପର୍କିତ ପ୍ରବନ୍ଧ ଲିଖନ ଓ ବକ୍ତୃତା ସହିତ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେବାଶ୍ରମର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଝୋଟି, ମ୍ୟୁଜିକ୍ ଚେୟାର୍, ମାଣବସା ପୁସ୍ତକ ପଠନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସତ୍ୟବାଦୀ ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଛାଟୋଇ ମୋତିଲାଲ୍ ରାୟ, ଶିକ୍ଷକ ଅଭୟଚରଣ ସାହୁ, ପରମାନନ୍ଦ ମାଝୀ, ଶିକ୍ଷୟିତ୍ରୀ ନିବେଦିତା ଲେଙ୍କା, ମମତା ପ୍ରଧାନ, ପ୍ରତିମା ପ୍ରଧାନ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାରିଛକ

ଚାରିଛକ ନିକଟ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଆଶ୍ରମ ସ୍କୁଲରେ ପିତାମାତା ସହଭାଗିତା ବୈଠକ ଓ ଜନ ଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ସ୍ନିଗ୍ଧାରାଣୀ ପାତ୍ର ଯୋଗଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବୈଠକରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ପିତାମାତା



ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ଭୋଦର ସିଆର୍‌ସିସି ମଧୁସୂଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ପାତ୍ର, ଚିନ୍ମୟ ମିଶ୍ର, କୃପାସିନ୍ଧୁ ସାଁ, ମନୋରଞ୍ଜନ କୁଣ୍ଡ, ସରୋଜିନୀ ସ୍ୱାଇଁ, ପରିଚାଳନା କମିଟିର ସହଭାଗିତା ବୈଠକରେ ଶିକ୍ଷକ ଶଙ୍କର ମଲ୍ଲିକ, ପ୍ରଦେଶ ବସ୍ତିଆ, ଦେବ ଶବର, ଶିକ୍ଷୟିତ୍ରୀ ରଶ୍ମିତା ସାହୁ, କର୍ମଚାରୀ ପ୍ରତିମା କାଣ୍ଡି, ସୁଭାଷିନୀ ସିଂ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା।ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କୋଣାର୍କ

ପୁରୀ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ କୋଣାର୍କ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କୁ ନିଜସ୍ୱ ପ୍ରତିଭାର ବିକାଶ ସହ ଉନ୍ନତ ଚରିତ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ସହକାରୀ ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ପ୍ରଭାତ କୁମାର ସିଂହ ଓ ବିଭିନ୍ନ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଶୈକ୍ଷିକ ସଫଳତା ହାସଲ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ଓ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ଜନଜାତି ବର୍ଗର ଛାତ୍ରଛାତ୍ରୀ ସେମାନଙ୍କ ବର୍ଗର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସତ୍ୟ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଏକତା ପଦଯାତ୍ରା ଓ 'ଏକ ଭାରତ ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ

**ବ୍ରହ୍ମଗିରି,୧୫।୧୧(ସମିସ):** ବ୍ରହ୍ମଗିରି ଗଡ଼ରୋଡ଼ଙ୍ଗ-ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ପଦଯାତ୍ରା ଗଡ଼ରୋଡ଼ଙ୍ଗଠାରୁ କେରାଣ୍ଡିଆ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ପାତ୍ର ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଚଳିତ ବର୍ଷ ବନ୍ଦେ ମାତରମ୍ ସଂଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। କାରଣ ଏହି ସଂଗୀତ ଭାରତର ଏକତା ଓ ସଂହତିର ଉଦାହରଣ ବୋଲି କହିବା ସହ ବକ୍ସି ଜଗବନ୍ଧୁଙ୍କ ବୀର ମାଟିରୁ ଏହି ପଦଯାତ୍ରା ତାଙ୍କ ପ୍ରତି ମଧ୍ୟ ଅନନ୍ୟ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଡିଓ ମନୀଷା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କସ୍ତୁରୀ କାର୍ଯ୍ୟକ୍ରମ

**ନିରାକାରପୁର,୧୫।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆର୍ଯ୍ୟବିହାର ପରିସରରେ ଶିଶୁ ଦିବସ ଅବସରରେ କସ୍ତୁରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁମାନେ ଦେଶର ମେରୁଦଣ୍ଡ ଓ ସେମାନଙ୍କୁ ଠିକ୍ ଭାବରେ ଗଢି ତୋଳିଲେ ଦେଶର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ସମ୍ପାଦକ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଘଟିଲେ ଶିଶୁ ଆଗକୁ ବଢ଼ିପାରିବ ବୋଲି କହିଥିଲେ। ଅରୁଣ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ପର୍ଯ୍ୟାୟର ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନୃତ୍ୟ, ଗୀତ, ସମ୍ବାଦ ପଠନ, ଏକକ ଅଭିନୟ, ହାସ୍ୟରସ ଅଭିନୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ, ନିହାର ରଞ୍ଜନ ସାମନ୍ତସିଂହାର, ପବିତ୍ର କୁମାର ରାଉତରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ମନୋରଞ୍ଜନ ଦାସ, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି, ସାଧନା ମହାପାତ୍ର, ସସ୍ମିତା ସ୍ୱାଇଁ, ସୁମିତ୍ରା ସେନାପତି, ବୀଣାପାଣି ଦାସ, ଲକ୍ଷ୍ମୀପ୍ରିୟା ମହତରାୟ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଜିଏସ୍‌ଟି ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନା

**ଚାରିଛକ,୧୫।୧୧(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ଜିଏସ୍‌ଟି ପରିଷଦ, ଏହାର ଭୂମିକା ଏବଂ ମହତ୍ୱ' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ବିଭାଗର ସହକାରୀ ଆୟୁକ୍ତ ସବ୍ୟସାଚୀ ରାଉତ ଯୋଗଦେଇ ଜିଏସ୍‌ଟି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସିପ୍ରାରାଣୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଯୋଗ ଦେଇଥିଲେ।



# ହାଡ଼ଭଙ୍ଗା ଚିକିତ୍ସକ ପ୍ରଭାତ ପରିଡ଼ାଙ୍କ ପରଲୋକ

**ସାକ୍ଷୀଗୋପାଳ,୧୫।୧୧(ସମିସ):** ହଜାର ହଜାର ହାଡଭଙ୍ଗା ରୋଗୀଙ୍କୁ ବିଭିନ୍ନ ପ୍ରାକୃତିକ ଉପାୟରେ ସେକ ଦେଇ ଆରୋଗ୍ୟ କରାଇଥିବା ଚିକିତ୍ସକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଚନ୍ଦ୍ର ପରିଡ଼ା (୭୩) ଙ୍କର ଦେହାନ୍ତ ହୋଇଯାଇଛି ହୋଇଛି। ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତ ଡାହାଣ କୁମ୍ଭାରପଡ଼ା ଗ୍ରାମରେ ସ୍ୱର୍ଗତ ପରିଡ଼ା ଜନ୍ମ ଗ୍ରହଣ କରିଥିଲେ। ବ୍ରହ୍ମଗିରିର ଛୋଟପୁର ସହ ମଧୁବନ, କଣାସ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଜଣେ ଆଦର୍ଶ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ବେଶ ପରିଚିତ ଥିଲେ। ଶିକ୍ଷକତା ବୃତ୍ତି ସହିତ ସତ୍ୟବାଦୀ, ଡେଲାଙ୍ଗ, ବ୍ରହ୍ମଗିରି, କଣାସ ଓ ପୁରୀ ସଦର ଅଞ୍ଚଳର ହାଡ଼ ଭଙ୍ଗା ରୋଗୀଙ୍କୁ ସେକ ଦେଇ ସମ୍ପୂର୍ଣ୍ଣ ଆରୋଗ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର ମୃତ୍ୟୁ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି। ଏପରିକି ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡ଼ା କହିଛନ୍ତି। ତାଙ୍କ ମରଶରୀର ପାଖରେ ତାଙ୍କର ତିନି ପୁଅ, ଦୁଇ ଝିଅ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଗ୍ରାମର ବାସୁଦେବ ଯୁବକ ସଂଘ ଓ ଡାହାଣ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

# ଘର ଆଗରୁ ମୋଟର ସାଇକଲ୍ ଚୋରି

**କଣାସ,୧୫।୧୧(ସମିସ):** କଣାସ ବ୍ଲକ୍ ଅଣ୍ଡାରସିଂହ ଗ୍ରାମର ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ଘର ଆଗରୁ ତାଙ୍କର ବାଇକ୍ (ଓଡି ୨୧ଜି୬୭୧୬) ଚୋରି ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ମୋଟର ସାଇକଲ ହ୍ୟାଣ୍ଡେଲ ଚାବି ଭାଙ୍ଗି କେହି ଏଭଳି ଚୋରି କରିଥିବା ରମେଶ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏତାଲା ପାଇ କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ତଦନ୍ତ ଚଳାଛନ୍ତି। ପ୍ରକାଶଥାଉକି କିଛିଦିନ ତଳେ କୋଟକଣା ଗ୍ରାମ, ବିଜିପୁର ବଜାର, ଜଙ୍କିଆବଜାରଓକଣାସଗୋଲାବଜାରରୁ କେତୋଟି ମୋଟର ସାଇକଲ୍ ଚୋରି ହୋଇଯାଇଥିଲେ ମଧ୍ୟ ଏହାର ସନ୍ଧାନ ଆଜିଯାଏ ପୁଲିସ ପାଇପାରିନାହିଁ। ମୋଟର ସାଇକଲ ଚୋରି କରି ଦୁର୍ବୃତ୍ତମାନେ ବିଭିନ୍ନ ଗ୍ୟାରେଜ୍‌ରେ ବିକ୍ରି କରିଦେଉଥିବାବେଳେ ସେମାନେ ବିଭିନ୍ନ ଯନ୍ତ୍ରାଂଶକୁ ଅଲଗା କରି ବିକ୍ରି କରିଦେଉଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

**ଆଜି ଜାତୀୟ ପ୍ରେସ ଦିବସ**

# ୭୦ବର୍ଷ ବୟସରେ ବି ଖବରକାଗଜ ବାଣ୍ଟୁଛନ୍ତି ଚିତ୍ରସେନ

ପିପିଲି,୧୫।୧୧(ସମିସ)

ବୟସ ବାଧକ ସାଜିନି। ୭୦ବର୍ଷ ବୟସରେ ବି ଗୋଡ଼ ଥକି ଯାଇନି। ୪୦ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସେ ବିତରଣ କରିଚାଲିଛନ୍ତି ଖବରକାଗଜ। ଏଥିପାଇଁ ଅଞ୍ଚଳରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ସେ ହେଲେ ପୁରୀ ଜିଲ୍ଲା ପିପିଲିର ଚିତ୍ରସେନ ଦୀକ୍ଷିତ। ଶ୍ରଦ୍ଧାରେ ତାଙ୍କୁ ଟିକି ଭାଇନା ବୋଲି ଡାକନ୍ତି। ଶୀତ ହେଉ ବା ବର୍ଷା, ଖରା ହେଉ କି ବାତ୍ୟା, ଭୋରୁ ଖବର


**ବାଧକ ସାଜିନି ବାର୍ଦ୍ଧକ୍ୟ**

କାଗଜ ଆସିଗଲେ ଆରମ୍ଭ ହୋଇଯାଏ ତାଙ୍କର କାମ। ପିପିଲି ବଜାରରୁ ଖବର କାଗଜ ସଂଗ୍ରହ କଲା ପରେ ସାଇକଲ ଖଣ୍ଡିଏ ଧରି ଘରକୁ ଘର ବୁଲି ଲୋକମାନଙ୍କୁ ଯୋଗାଇ ଦିଅନ୍ତି ବରାଦ ମୁତାବକ ସମ୍ବାଦ ପତ୍ର। ତାଙ୍କ କହିବା ଅନୁଯାୟୀ ସ୍କୁଲ ପାଠ ପଢ଼ା ଛାଡ଼ିବା ପରେ ଖବର କାଗଜ ବିତରଣ କାମ



ଆରମ୍ଭ କରିଥିଲେ। ସେତେବେଳ ଖବର କାଗଜର ମୂଲ୍ୟ ମାତ୍ର ପନ୍ଦର ପଇସା ଥିଲା। ଗ୍ରାମାଞ୍ଚଳରେ ରାସ୍ତା ଘାଟର ସୁବିଧା ନଥିବା ବେଳେ ସେ ସାଇକଲରେ ପିପିଲି ବଜାର ସମେତ ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁ. ଜଇସ ପାଟଣା ସହିତ ବିଭିନ୍ନ ଗ୍ରାମରେ ଗ୍ରାହକଙ୍କୁ ଖବର କାଗଜ ଯୋଗାଇ ଦେଉଥିଲେ। ଏବେ ଆଧୁନିକ ବାତାବରଣ ଭିତରେ ନୂତନ ଯୁବ ପିଢ଼ି ଏହି ବେଉସାକୁ ମୁହଁ ମୋଡ଼ୁଥିବାବେଳେ ଟିକି ଭାଇନା କିନ୍ତୁ ହାର ମାନି ନାହାନ୍ତି କି ନିରାଶ ହୋଇନାହାନ୍ତି ଏହି କାମ ପାଇଁ। ବରଂ ଉତ୍ସାହିତ ହୋଇଛନ୍ତି ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧା ସମ୍ମାନ ପାଇ। ଆଜିର ଏହି ଜାତୀୟ ପ୍ରେସ ଦିବସ ଅବସରରେ ସେ ନିଜର ଦୀର୍ଘଦିନର ପେସାଗତ ଅଭ୍ୟାସ ସମ୍ପର୍କରେ ମନେ ପକାଇ ଖବରକାଗଜ ବିତରଣରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିବା ସହ ବର୍ଷିଆନ ଖବର କାଗଜ ବିତରକମାନଙ୍କୁ ରାଜ୍ୟ ସରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଲେ ସେମାନେ ଉତ୍ସାହିତ ହୋଇପାରନ୍ତେ ବୋଲି କହିଥିଲେ।

# ଅସୁସ୍ଥ ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ; ୩ ଅଟକ



**ନୟାହାଟ,୧୫।୧୧(ସମିସ):** ଜଣେ ଅବିବାହିତା ଅସୁସ୍ଥ ଯୁବତୀକୁ ଓଟାଙ୍ଗ ଗାଁ ଦାଣ୍ଡରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ନୟାହାଟ ଫାଣ୍ଡି ପୁଲିସ ୩ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତ ଓଟାଙ୍ଗ ଗ୍ରାମରେ ଶନିବାର ବାପ ଛେଉଣ୍ଡ ଅବିବାହିତ ଯୁବତୀ ଝୁନୁ ସ୍ୱାଇଁ (୨୪)ଙ୍କୁ ସେହି ଗ୍ରାମର ଭାଲୁ ଖଟେଇଙ୍କ ପରିବାର ଆକ୍ରମଣ କରିଥିଲେ। ଝୁନୁଙ୍କ ପରିବାର ସହ ଆକ୍ରମଣକାରୀଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିରହିଥିଲା। ଶନିବାର ଝୁନୁ ତାଙ୍କ ଅଗଣାରେ ଫୁଲ ଚାରା ଲଗାଉଥିବା ସମୟରେ ଆଦୁଲା ଖଟେଇ, ଭାଲୁ ଖଟେଇ, ପିଣ୍ଟୁ ଖଟେଇ, ଧଡ଼ି ଖଟୋଇ ମିଶି ଆକ୍ରମଣ କରିଥିଲେ। ଏପରିକି ବିଧା ଗୋଇଠା ମାରି ଗାଁ ଦାଣ୍ଡରେ ତଳେ ପକାଇ ଘୋଷାରି ନେଇ ନୟାନ୍ତ କରିଥିଲେ। ଝୁନୁ କୌଣସି ରୋଗରେ ଆକ୍ରାନ୍ତ ଥିବାବେଳେ କିଛିଦିନ ତଳେ ଅସ୍ତ୍ରୋପଚାର ହୋଇଥିଲେ। ତେବେ ଅସୁସ୍ଥ ଅବସ୍ଥାରେ ତାଙ୍କୁ ଏଭଳି ସଂଘବଦ୍ଧ ଆକ୍ରମଣ ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଖବର ପାଇ ଗୁରୁତର ଝୁନୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନା ପଠାଇଥିଲେ। ପରେ ଏହି ଘଟଣାରେ ସଂପୃକ୍ତ ଥିବା ୩ଜଣଙ୍କୁ ପୁଲିସ ଅଟକ ରଖିଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୧୫/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୪,୯୪୯/-
ସୁନା: ୧୦.୪୮୦ ଗ୍ରାମ୍
ରୁପା: ୮୭.୫୦୦ ଗ୍ରାମ୍



# ନକଲି ଯାତ୍ରୀ ଗୁମାସ୍ତାଙ୍କ ପାଇଁ ବଦ୍‌ନାମ ହେଉଛି ଶ୍ରୀମନ୍ଦିର

**ପୁରୀ,୧୫।୧୧(ସମିସ):** ଶ୍ରୀମନ୍ଦିରରେ ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା କହି ଏମାନେ ଠକୁଛନ୍ତି। ରାଜ୍ୟ ବାହାରୁ ଆସୁଥିବା ନିଜ ଯଜମାନମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା ସମେତ ମହାପ୍ରସାଦ କିଣିବାରେ ସାହାଯ୍ୟ କରିବା ପାଇଁ ଶ୍ରୀମନ୍ଦିରରେ ସେବା କରୁଥିବା ସେବାୟତଙ୍କ ଦ୍ୱାରା ରହିଛନ୍ତି ଯାତ୍ରୀ ଗୁମାସ୍ତା। ହେଲେ ଏହି ଯାତ୍ରୀ ଗୁମାସ୍ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପରିଚୟପତ୍ର ଦିଆଯାଇ ନ ଥିବା ଯୋଗୁଁ ଏହାର ଫାଇଦା ଉଠାଇ କେତେକ ଅସାଧୁ ବ୍ୟକ୍ତି ନିଜକୁ ଯାତ୍ରୀ ଗୁମାସ୍ତା ପରିଚୟ ଦେଇ ଭକ୍ତଙ୍କୁ ସହଜରେ ଦର୍ଶନ କରାଇଦେବା କହି ଟଙ୍କା ଆଦାୟ କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରିବା ସହିତ ଅନେକ ସମୟରେ ଭକ୍ତଙ୍କୁ ଦୁର୍ବ୍ୟବହାର କରିବା ଏବଂ ଟଙ୍କା ନେଇ ପଳେଇ ଯିବାର ଅଭିଯୋଗ ହେଉଛି। ଫଳରେ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅନ୍ୟପକ୍ଷରେ ଏଭଳି ଘଟଣା ଦ୍ୱାରା ବଦ୍‌ନାମ ହେଉଛି ଶ୍ରୀମନ୍ଦିର।



ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢିଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରି କି ଛୁଟି ଦିନ ଏବଂ ବିଶେଷ ପର୍ବପର୍ବାଣି ଦିନରେ ବ୍ୟାରିକେଡରେ ୫/୬ ଘଣ୍ଟା ଠିଆ ହେଉଛନ୍ତି ଶ୍ରଦ୍ଧାଳୁ। ତେଣୁ ସମସ୍ତେ କିପରି ସହଜରେ ଏବଂ କମ୍ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେହି ମାନସିକତାରେ ରହୁଛନ୍ତି, ଯାହାର ଫାଇଦା ନେଉଛନ୍ତି ଏହି ନକଲି ଯାତ୍ରୀ ଗୁମାସ୍ତା। ସେମାନେ ବିନା ଧାଡ଼ିରେ ଗଳାବାଟରେ ଶୀଘ୍ର ଦର୍ଶନ କରାଇଦେବାକୁ କହି ଭକ୍ତଙ୍କୁ ଠକୁଛନ୍ତି। ଯେଉଁମାନେ ତରବରରେ ରହୁଛନ୍ତି ସେମାନେ ଏହି ନକଲି ଯାତ୍ରୀ ଗୁମାସ୍ତାଙ୍କ ଶିକାର ହେଉଛନ୍ତି। ଏଥିପାଇଁ ସେହି ଯାତ୍ରୀ ଗୁମାସ୍ତା ଭକ୍ତଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ମୂଳଚାଲ ଠିକ୍‌ଠାକ ହେବା ପରେ ପ୍ରଥମେ ଟଙ୍କା ନେଇଯାଉଛନ୍ତି। ଶ୍ରୀମନ୍ଦିର ଭିତରକୁ ନେଇ ଗହଳି ଭିତରେ ଛାଡ଼ି ପଳାଇ ଯାଉଛନ୍ତି। ଭକ୍ତଟିଏ ଟଙ୍କା ଦେଇ ଠକେଇର ଶିକାର ହେଉଛି। ଏହାଦ୍ୱାରା ସମ୍ପୃକ୍ତ ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଶ୍ରୀମନ୍ଦିରରେ ଡ୍ୟୁଟିରେ ଥିବା ପୁଲିସ ଅଣସେବାୟତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍। ଫଳରେ ଭକ୍ତମାନେ ଠକେଇରୁ ରକ୍ଷା ପାଇପାରିବେ। ସେବାୟତମାନେ ମଧ୍ୟ ଏହା ଉପରେ ଧ୍ୟାନ ରଖିବା ଦରକାର। ଅନେକ ସମୟରେ ଟଙ୍କା ଦେବାକୁ ନେଇ ଭକ୍ତ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେମିତି ଶୃଙ୍ଖଳିତ ଭାବେ ଦର୍ଶନ ପାଇବେ ପୁଲିସ ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

କିଛିମାସ ତଳେ ପୁଲିସ ଗୋଟିଏ ଦିନରେ ଶ୍ରୀମନ୍ଦିରରୁ ୧୨ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ କାବୁ କରିଥିଲା। ସେମାନେ କାହାର ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ବୋଲି ପୁଲିସ ଖୋଳତାଡ଼ କରିଥିଲା। ହେଲେ କୌଣସି ସଠିକ୍ ସୂଚନା ସେମାନେ ଦେଇପାରି ନ ଥିଲେ। କେବଳ ଭକ୍ତଙ୍କୁ ଲୁଟିବା ପାଇଁ ସେମାନେ ନକଲି ଯାତ୍ରୀ ଗୁମାସ୍ତା ବେଶ ଧାରଣ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବୁଲୁଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରିଥିଲା।

ଜଣେ ଶ୍ରଦ୍ଧାଳୁ ପବତ୍ର ମୋହନ ସାହୁ କହିଛନ୍ତି, ନକଲି ଯାତ୍ରୀ ଗୁମାସ୍ତାଙ୍କୁ ନେଇ ଆମକୁ ସତର୍କ ହେବାକୁ ପଡ଼ିବ। ବାସ୍ତବରେ ଯେଉଁମାନେ ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ସେମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ଦିଆଯିବା ଦରକାର। ଏହାଦ୍ୱାରା ନକଲି ଯାତ୍ରୀ ଗୁମାସ୍ତା ଚିହ୍ନଟ ହୋଇଯିବେ। ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ଇଚ୍ଛା ଥାଏ ଶୃଙ୍ଖଳିତ ଢଙ୍ଗରେ ମହାପ୍ରଭୁଙ୍କ ଦର୍ଶନ କରିବା। ଯଦି ସେମାନେ ଠକେଇର ଶିକାର ହୁଅନ୍ତି ତେବେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ବଦ୍‌ନାମ ହେବେ। ସେହିପରି ଯାତ୍ରୀଙ୍କ ସୁରକ୍ଷା ନେଇ ସରକାର ସତର୍କ ରହିବା ଉଚିତ। ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଛନ୍ତି। ଏଠାରେ ଶୃଙ୍ଖଳିତ ଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ କଥା। ତେଣୁ ଦଲାଲଙ୍କ ଉପରେ ପୁଲିସ ନଜର ରଖି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି।

ନିକଟରେ ଏସ୍‌ପି ପ୍ରତୀକ୍ ସିଂ କହିଥିଲେ, 'ନକଲି ଯାତ୍ରୀ ଗୁମାସ୍ତା'ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିରରେ ଭକ୍ତଙ୍କୁ ଠକେଇ, ଦୁର୍ବ୍ୟବହାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା ଦିଆଯାଉଛି। ଯଦି ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କୁ ନେଇ ଅଭିଯୋଗ ଆସିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ତେବେ ପୁଲିସର ଏଭଳି ଆଭିମୁଖ୍ୟ ସତ୍ତ୍ୱେ ଶ୍ରୀମନ୍ଦିରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ କିଭଳି ବଢୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଜୟ ଢୋଲକିଆଙ୍କ ପରିବାର



**ପୁରୀ,୧୫।୧୧(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜୟୀ ହୋଇଛନ୍ତି ବିଜେପି ପ୍ରାର୍ଥୀ ଜୟଢୋଲକିଆ। ଏହି ବିଜୟହାସଲ ପରେ ଶନିବାର ଜୟ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସାନିଧ୍ୟ ଲାଭ କରିଛନ୍ତି। ପୂର୍ବାହ୍ନରେ ଜୟ ସପରିବାର ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିବା ସହ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମା', ପତ୍ନୀ, ଝିଅ ପ୍ରମୁଖଙ୍କ ସହ ଜୟ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ବେଢ଼ା ପରିସର ବୁଲି ମା' ଲକ୍ଷ୍ମୀ, ମା' ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ତେବେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଜୟ ଢୋଲକିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଏତେ ବଡ଼ ବିଜୟ ହାସଲ କରିପାରିଛୁ। ନୂଆପଡ଼ା ବାସୀଙ୍କର ହେଉଛି ଏହି ବିଜୟ।

## ସ୍ତ୍ରୀର ତଣ୍ଟି ଚିପି ହତ୍ୟା; ସ୍ୱାମୀ ଗିରଫ

**ପୁରୀ,୧୫।୧୧(ସମିସ):** ସ୍ତ୍ରୀର ଗୋଡ ହାତ ବାନ୍ଧି ତଣ୍ଟି ଚିପି ହତ୍ୟା କରିବା ଅଭିଯୋଗରେ ଜହ୍ଲାଦ ସ୍ୱାମୀକୁ ବାନ୍ଧିଛି ବଳିଆପଣ୍ଡା ଥାନା ପୁଲିସ। ଭଲ ପାଇ ବିବାହ କରିଥିଲେ ହେଁ ଶେଷରେ ହତ୍ୟାକାଣ୍ଡ ଭିଆଇଛି। ଅଭିଯୁକ୍ତ ସ୍ୱାମୀ ହେଉଛନ୍ତି ବଳିଆପଣ୍ଡା ମଙ୍ଗଳା ଲେନ୍ ପଟ୍ଟନାୟକ ସାହିର ସୁମିତ ନାରାୟଣ ଗୋଡ୍। ପୁଲିସର ସୂଚନା ମୁତାବକ, ଗଞ୍ଜାମ ଜିଲ୍ଲା ସେରଗଡ ଥାନା ଅଞ୍ଚଳର ବସନ୍ତ କୁମାର ଦାଶଙ୍କ ଝିଅ ଶିବାନୀ ରାଣୀ ଦାଶଙ୍କୁ ବଳିଆପଣ୍ଡାର ସୁମିତ ନାରାୟଣ ପ୍ରେମ ବିବାହ କରିଥିଲା। ସେମାନଙ୍କର ଗୋଟିଏ ୭ ବର୍ଷର ଓ ଗୋଟିଏ ଦେଢ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଶିବାନୀଙ୍କ ଭାଇ ପବିତ୍ର ମୋହନ ଦାଶଙ୍କ ଅଭିଯୋଗ ମୁତାବକ, ବିବାହ ପରେ ଶାଶୂ ସନ୍ଧ୍ୟା ନାରାୟଣ ଗୋଡ୍, ଶ୍ୱଶୂର ସୂରଜ ନାରାୟଣ ଗୋଡ୍, ଦିଅର ଅମିତ ନାରାୟଣ ଗୋଡ୍ ଓ ସ୍ୱାମୀ ସୁମିତ ନାରାୟଣ ଗୋଡ୍ ଶିବାନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୬ ବର୍ଷ କାଳ ଏପରି ନିର୍ଯାତିତ ଜୀବନ ବଞ୍ଚୁଥିଲେ ଶିବାନୀ। ପରିବାରବର୍ଗଙ୍କ ସହ ଅନେକ ଥର ତାଙ୍କର କଳି ଝଗଡ଼ା ହେଉଥିଲା। ଏହି ଘଟଣାରେ ଶିବାନୀ ସ୍ୱାମୀଙ୍କ ସହ ଘର ଛାଡ଼ି ଯାଇ ଗଞ୍ଜାମର ଖଲିକୋଟରେ ଦୁଇବର୍ଷ ଧରି ରହୁଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ବଳିଆପଣ୍ଡାସ୍ଥିତ ଘରକୁ ଫେରିବା ପରେ ପୁଣି ନିର୍ଯାତନା ଆରମ୍ଭ ହୋଇଥିଲା। ଶୁକ୍ରବାର ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଶିବାନୀଙ୍କ ସ୍ୱାମୀ ସୁମିତ ହାତଗୋଡ ବାନ୍ଧି ତଣ୍ଟି ଚିପି ହତ୍ୟା କରିଥିଲା। କିଛି ସମୟ ପରେ ଶିବାନୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବିଳଆପଣ୍ଡା ପୁଲିସ ଏକ ମାମଲା (ନଂ.୨୧୭/୨୫) ରୁଜୁ କରି ସୁମିତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା ପିଙ୍କ ରଙ୍ଗର ଷ୍ଟଲ୍ ଜବତ କରିଛି।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ବିଜ୍ଞାନ ମେଳା

**ପୁରୀ,୧୫।୧୧(ସମିସ):** କଳିଙ୍ଗ ସ୍ମାର୍ଟ ସ୍କୁଲରେ ଶନିବାର ବିଜ୍ଞାନ, କଳା ଓ କାରିଗରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦି ବେଲ୍ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଓ ସୂର୍ଯ୍ୟ ପୃଷ୍ଟି ବିଚାରକ ଭାବେ ଯୋଗ ଦେଇଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର, ସମାଜସେବୀ ମନୋଜ କୁମାର ରଥ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଲାୟନ୍ସ କ୍ଲବ ପୁରୀର ସମ୍ପାଦକ ଲାୟନ ରୁଦ୍ରନାରାୟଣ ରଥ, ଲାୟନ ମନୋଜ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ୪୨ ଜଣ ଛାତ୍ରଛାତ୍ରୀ ଏଥିରେ ଏହି ବିଜ୍ଞାନ ମେଳାରେ




ଭାଗ ନେଇଥିଲେ। ବିଜ୍ଞାନ ବିକାଶର ଏକ ମାଧ୍ୟମ। ଏହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ସହିତ ବିଜ୍ଞାନ ପିଲାମାନଙ୍କ ଭିତରେ ବିକାଶ କରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ଲାୟନ ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ଶିକ୍ଷୟତ୍ରୀ ଐଶ୍ୱରିଆ ମହାନ୍ତି, ପ୍ରିୟଙ୍କା ରଥ, ସାଗରୀକା ପ୍ରଧାନ, ବିଶ୍ୱଜିତା ମିଶ୍ର, ଜ୍ଞାନଜ୍ୟୋତି ସିଂ, ସନ୍ଧ୍ୟାରାଣୀ ବାରିକ, ମନ୍ଦାକିନୀ ପରିଡା, ଲିପ୍ସା ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ବିପିନ ଭୋଇ, କବିତା ବେହେରା ସହଯୋଗ କରିଥିଲେ।

## ଏମାର ମଠ ସମ୍ମୁଖରେ ହେବ ଦେବ ଦୀପାବଳି ମହୋତ୍ସବ



**ପୁରୀ,୧୫।୧୧(ସମିସ):** ଆସନ୍ତା ୧୯ରୁ ତିନିଦିନ ଧରି ପାଳନ ହେବ ଦେବ ଦୀପାବଳି ମହୋତ୍ସବ। ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କ ଆୟୋଜନରେ ଏହି ଉତ୍ସବ ଚାଲିବ। ୨୧ ତାରିଖ ପର୍ଯ୍ୟନ୍ତ ସିଂହଦ୍ୱାର ନିକଟ ଏମାର ମଠ ସମ୍ମୁଖରେ ହେବ ଦୀପଦାନ। ଶ୍ରୀମନ୍ଦିର ରୀତି ନୀତି ଓ ପରମ୍ପରାର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଆନୁକୂଲ୍ୟରେ ଏହି ତିନିଦିନ ବ୍ୟାପୀ ଦେବ ଦୀପାବଳି ମହୋତ୍ସବ ଆୟୋଜନ କରାଯାଇଛି ବୋଲି ଶନିବାର ଗଙ୍ଗାମାତା ମଠ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି। ମହାପ୍ରଭୁ ପାଳନ କରୁଥିବା ଦୀପାବଳୀକୁ 'ଦେବ ଦୀପାବଳୀ' କୁହାଯାଏ। ଏହା ତିନିଦିନ ଧରି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ମାର୍ଗଶିର ଅମାବାସ୍ୟା ଓ ମାର୍ଗଶିର ଶୁକ୍ଳ ପ୍ରତିପଦା ଏହି ତିନୋଟି ତିଥିରେ ଶ୍ରୀମନ୍ଦିରରେ ପାଳନ ହୁଏ। ପ୍ରଥମ ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟ ଦିନ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ତୃତୀୟଦିନ ମାର୍ଗଶୀର ଶୁକ୍ଳ ପ୍ରତିପଦା ବସୁଦେବ-ଦେବକୀ, ନନ୍ଦ-ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି। କ୍ତ ତିନିଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

## କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ

# ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

**ପୁରୀ, ୧୫।୧୧ (ସମିସ):** ସମୁଦ୍ର ତଟର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ପୁଲିସ ସମ୍ପର୍କକୁ ଆହୁରି ନିବିଡ଼ କରିବା ଉଦ୍ଦେଶ୍ୟରେ ପୁରୀ ପୁଲିସ ପକ୍ଷରୁ ଶନିବାର ଚନ୍ଦ୍ରଭାଗା ମେରାଇନ ଥାନାରେ କୋଷ୍ଟାଲ୍ ସିକ୍ୟୁରିଟି କମ୍ୟୁନିଟି ପୁଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସଚେତନ କରିବା, ବିପଦ ସମୟରେ ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ବୃଦ୍ଧି, ଯୁବବର୍ଗଙ୍କ ମଧ୍ୟରେ କ୍ରୀଡ଼ା ଓ ସାଂସ୍କୃତିକ ମନୋଭାବ ଗଢ଼ିତୋଳିବା, ପୁଲିସ ଓ ପବ୍ଲିକ ସମ୍ପର୍କକୁ ଦୃଢ କରିବା ଏହାର ମୂଳ ଲକ୍ଷ୍ୟ ରହିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଯଥା ଭଲିବଲ୍ ମ୍ୟାଚ୍ ଓ ଚିତ୍ରକଳା ପ୍ରତିଯୋଗିତାରେ ପିଲାମାନେ ସମୁଦ୍ର, ପରିବେଶ ଆଦି ବିଷୟରେ ଆକର୍ଷଣୀୟ ଚିତ୍ର ପ୍ରସ୍ତୁତ କରିଥିଲେ। ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ସ୍ଥାନୀୟ ସଂସ୍କୃତିକୁ ନେଇ




ଅନେକ ପ୍ରଦର୍ଶନ କରିଥିଲେ। କଳା ଓ ସାହିତ୍ୟ ମଞ୍ଚ ପିଲାମାନେ ସ୍ୱରଚିତ କବିତା ଓ ଭାଷଣ ରଖିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆବଶ୍ୟକତା ଥିବା ଲୋକଙ୍କୁ କମ୍ବଳ ବଣ୍ଟନ, ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଙ୍ଗୀତ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ, ଆସିଷ୍ଟାଣ୍ଟ ଫିଶରି ଅଫିସର ସୁବୀତ ପଟେଲ, ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ପାଢୀଙ୍କ ସମେତ ରାମଚଣ୍ଡୀ ଓ ଚନ୍ଦ୍ରଭାଗା ମେରାଇ ଥାନାର ଆଇଆଇସି ଉପସ୍ଥିତ ଥିଲେ। ଅତିଥିମାନେ କମ୍ୟୁନିଟି ପୁଲିସିଂର ଗୁରୁତ୍ୱ, ସମୁଦ୍ର ସୁରକ୍ଷା ଓ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ।

## କୌତୁକ ପୋଷାକ ପ୍ରତିଯୋଗିତା

**ପୁରୀ,୧୫।୧୧(ସମିସ):** ଶିଶୁ ଦିବସ ଅବସରରେ ଶୁକ୍ରବାର ଭଗବତୀ ବିଦ୍ୟା ନିକେତନ ପକ୍ଷରୁ କୌତୁକ ପୋଷାକ ପ୍ରତିଯୋଗିତା ଅଠରନଳା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଟ୍ୟକାର କୃଷ୍ଣଚନ୍ଦ୍ର କାନୁନ୍‌ଗୋ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସାହିତ୍ୟିକ ଅଜୟ କୁମାର ସେଠୀ, ରାଇକିଶୋର ମହାନ୍ତି, ଗୀତିକାର କମଳାକାନ୍ତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନର ସଭାପତି ସଙ୍ଗଠକ ଭରତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଶିକ୍ଷା ମୁକୁଳଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୪ ଜଣ ପ୍ରତିଯୋଗୀ କୌତୁକ ବେଶରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ।




ବିଶିଷ୍ଟ ମଞ୍ଚ ଅଭିନେତା ତଥା ନାଟ୍ୟକାର ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ପ୍ରଦୀପ କୁମାର ଦାସ, ବିକାଶ ଦତ୍ତ, ନିବେଦିତା ଦାସ, ଗଣେଶ୍ୱର ଦାଶ ପ୍ରମୁଖ ବିଚାରକ ରୂପେ ଯୋଗଦେଇ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ପ୍ରଜ୍ଞା ସାହୁ, ମମତା ଦାସ, ଗୋଲ୍‌ଡି ଭଞ୍ଜ, ମାନସୀ ଦାଶଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଧୁମେହ ସଚେତନତା ପଦଯାତ୍ରା

**ପୁରୀ,୧୫।୧୧(ସମିସ):** ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ 'ଶ୍ରୀଜଗନ୍ନାଥ ହାର୍ଟ ଫାଉଣ୍ଡେଶନ' ଏବଂ 'କରୋନା ରିମେଡିଜ୍'ର ମିଳିତ ଆନୁକୂଲ୍ୟରେ ଏକ ମଧୁମେହ ସଚେତନତା ପଦଯାତ୍ରା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବାହାରି ଶରଧାବାଲି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଥିଲା। ସିଂହଦ୍ୱାରଠାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ ଯୋଗଦେଇ ପଦଯାତ୍ରାକୁ ଶୁଭ ଉଦ୍‌ଘାଟନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ସଚେତନତା ସଭାରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଅଶୋକ ପରିଡ଼ା, ଡା. ହରିବଲ୍ଲଭ ମହାପାତ୍ର, ଡା. ଶାନ୍ତନୁ ଜେନା, ଡା. ଗିରିଶ ବେହେରା, ଡା. ଗୋପାଳ ପତି, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ଶ୍ୟାମ ପ୍ରକାଶ ସେନାପତି, ଶକ୍ତି ନାୟକ, କାବା ମହାପାତ୍ର, ସଂଗ୍ରାମ କାନୁନଗୋ ଏବଂ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ ମଧୁମେହ ଭୟାବହତା ଉପରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟକୁ ମାନସ ନାୟକ ଏବଂ କରୋନା ରିମେଡିଜ୍‌ର ଗୋବିନ୍ଦ ଦାଶ ପରିଚାଳନା କରିଥିଲେ।

## ପ୍ରଶଂସା ସାଉଣ୍ଟିଲା ସଦ୍ୟାନ୍ତଙ୍କ ବିଜ୍ଞାନ ପ୍ରକଳ୍ପ

**ପୁରୀ,୧୫।୧୧(ସମିସ):** ଗୋରୁଆଳ ମଦର୍ସ ପବ୍ଲିକ୍ ସ୍କୁଲର ୭ମ ଶ୍ରେଣୀ ଛାତ୍ର ସଦ୍ୟାନ୍ତ ଶତପଥୀ ବୃଦ୍ଧାବସ୍ଥାରେ ବ୍ୟବହାର ପାଇଁ ପରିବେଶ ଅନୁକୂଳ ଡାଇପର ଓ ଅପହଞ୍ଚ, ଦୁର୍ଗମ ଅଞ୍ଚଳରେ ରୋଷେଇ ପାଇଁ ବ୍ୟବହୃତ ଚୁଲି ଆଲୋକରୁ ବିଦ୍ୟୁତ୍ ବ୍ୟବହାର କରିବାର



ଉପାୟ ଉଦ୍ଭାବନ କରିଛନ୍ତି। ସଦ୍ୟାନ୍ତଙ୍କ ଏହି ବିଜ୍ଞାନ ପ୍ରକଳ୍ପକୁ ଢେର୍ ପ୍ରଶଂସା ମିଳିଛି। ତାଙ୍କ ବିଜ୍ଞାନ ଶିକ୍ଷକ ଡ. ସୁଚେତା ସାଧୁ, ବିଦ୍ୟାଳୟର ଅଧ୍ୟକ୍ଷା ସଗୁପ୍ତା ପରଭିନ୍‌ଙ୍କ ମାର୍ଗଦର୍ଶନ ଏବଂ ପିତାମାତାଙ୍କ ସହଯୋଗରେ ସଦ୍ୟାନ୍ତ ଏହି ବିଜ୍ଞାନ ପ୍ରକଳ୍ପ ସେହି ଅଞ୍ଚଳ ପାଇଁ ଆବିଷ୍କାର କରିଛନ୍ତି ଯେଉଁଠାରେ ଏଲ୍‌ପିଜି ଗ୍ୟାସ ଓ ବିଦ୍ୟୁତ୍ ପହଞ୍ଚିପାରୁ ନାହିଁ। ଲୋକମାନେ ଚୁଲିରେ ରୋଷେଇ ପାଇଁ ସ୍ଥାନୀୟ ଇନ୍ଧନ, ଉଦାହରଣ ସ୍ୱରୂପ ଶୁଖିଲା ପତ୍ର, କାଠ, ଇତ୍ୟାଦି ବ୍ୟବହାର କରୁଥିବାରୁ ସଦ୍ୟାନ୍ତ ସୌର ପ୍ୟାନେଲ୍ ମାଧ୍ୟମରେ ଚୁଲିର ତିନି ପାର୍ଶ୍ୱରୁ ସୋଲାର ପ୍ୟାନେଲ ଦ୍ୱାରା ଆଲୋକ ସଂଗ୍ରହ କରି ଏହାକୁ ବିଦ୍ୟୁତ୍ ଶକ୍ତିରେ ରୂପାନ୍ତରିତ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ନିମନ୍ତେ ଉପାୟ ବାହାର କରିଛନ୍ତି। ସେହିପରି କମ୍ ଖର୍ଚ୍ଚରେ ବୃଦ୍ଧାବସ୍ଥାରେ ଶଯ୍ୟାଶାୟୀ ବ୍ୟକ୍ତିଙ୍କ ଉତ୍ତମ ପରିମଳ ସୁବିଧା ନିମନ୍ତେ କଦଳୀ ଗଛର ବାହୁଙ୍ଗାରୁ ତନ୍ତୁ ବାହାର କରି ପରିବେଶ ଅନୁକୂଳ ଡାଇପର ବା ନ୍ୟାପକିନ୍ ବିକଶିତ କରିଛନ୍ତି। ଉଭୟ ଚିନ୍ତାଧାରାର ମିଶ୍ରିତ କାର୍ଯ୍ୟକ୍ଷମ ବିଜ୍ଞାନ ପ୍ରକଳ୍ପ ସ୍କୁଲର ବିଜ୍ଞାନ ପ୍ରଦର୍ଶନୀ ଏବଂ ଜିଲ୍ଲାସ୍ତରୀୟ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରଦର୍ଶନୀ ପ୍ରତିଯୋଗିତାରେ ପ୍ରଦର୍ଶିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଗୁଡିକୁ ପୂରଣ କରିବାରେ ଏହି ପ୍ରକଳ୍ପ ସହାୟକ ହେଉଥିବା କାରଣରୁ ସଦ୍ୟାନ୍ତଙ୍କ ପ୍ରକଳ୍ପକୁ ଅଭିଭାବକ, ଶିକ୍ଷକ ଏବଂ ଛାତ୍ର ଛାତ୍ରୀମାନେ ବୁଲି ଦେଖିବା ସହିତ ପ୍ରଶଂସା କରିଛନ୍ତି। ସଦ୍ୟାନ୍ତଙ୍କ ଇଚ୍ଛା ଅପହଞ୍ଚ ଓ ଲକ୍ଷ୍ୟଭୁକ୍ତ ଲୋକଙ୍କ ପାଇଁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ପାରିଲେ ସମାଜର ଦୁର୍ବଳ ଗୋଷ୍ଠୀ ଉପକୃତ ହୋଇପାରନ୍ତେ।

## ବିଧାନସଭା ଅତିଥି ଭବନରେ ଭୋଜିଭାତର ଆସର

# ଆୟୋଜନ ଥିଲା କାହାର, ଯୋଗ ଦେଇଥିଲେ କିଏ?

**ପୁରୀ,୧୫।୧୧(ସମିସ):** ବିଧାନସଭା ଅତିଥି ଭବନରେ ଚାଲିଥିଲା ପାର୍ଟି। ଜମିଥିଲା ଭୋଜିଭାତର ଆସର। ଢେର ରାତିଯାଏ ରଙ୍ଗୀନ ଆଲୋକରେ ଖୁସି ମନାଇଥିଲେ ଆସରରେ ଯୋଗଦେଇଥିବା ବ୍ୟକ୍ତି। ତେବେ ପ୍ରଶ୍ନଉଠୁଛି ସରକାରୀ କୋଠାରେ ଏଭଳି ଆୟୋଜନ କରିଥିଲା କିଏ ଆଉ କେଉଁମାନେ ଏଥିରେ ଯୋଗଦେଇଥିଲେ? ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରଶ୍ନ ଉଠାଇଥିବା ବେଳେ ଏହି କୋଠାରେ ବିଦ୍ୟୁତ୍ ଚୋରି ହେଉଥିବା ମଧ୍ୟ ଅଭିଯୋଗ କରିଛି।

ଓଡ଼ିଶା ବିଧାନସଭାର ଅଧିକାରୀ ଏବଂ କର୍ମଚାରୀମାନେ ପୁରୀ ଆସିଲେ କିପରି ସୁବିଧାରେ ରହିପାରିବେ ସେ ନେଇ ବିଧାନସଭା ଅତିଥି ଭବନ ନିର୍ମାଣ କରାଯାଇଛି। ପେଣ୍ଠକଟା ଛକ ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିକଟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ୪ଟି କୋଠରି ବିଶିଷ୍ଟ ଏହି ଭବନ ନିର୍ମାଣ କରାଯାଇଥିଲା। ଏହାର ନିର୍ମାଣ ସରିବା ପରେ ୨୦୦୯ ମାର୍ଚ୍ଚରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଇତିମଧ୍ୟରେ ୧୬ ବର୍ଷ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅନ୍ୟ ଅତିଥିଙ୍କ କଥା ଦୂରେ ଥାଉ ଖୋଦ୍ ବିଧାନସଭା ସଦସ୍ୟ ଅତିଥି ଭାବେ ଏଠାରେ ଆପ୍ୟାୟିତ ହୋଇପାରି ନାହାନ୍ତି। ଆର୍ ଆଣ୍ଡ ବିଠାରୁ ଏହା ମଧ୍ୟ ହସ୍ତାନ୍ତର ହୋଇପାରିନି।

୨୦୧୯ ଫାନି ବାତ୍ୟାରେ ଏହି ଅତିଥି ଭବନ କ୍ଷତିଗ୍ରସ୍ତ ହୋଇଥିଲା। ଏଠାକୁ ସଂଯୋଗ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଛିଣ୍ଡି ଯାଇଥିଲା। କେହି ରହୁ ନ ଥିବାର ସୁଯୋଗ ନେଇ ଲୁଟେରାମାନେ ଏହା ପରିସରରେ ଲାଗିଥିବା ସମସ୍ତ ବିଦ୍ୟୁତ୍ ସରଞ୍ଜାମ, ଏସି, ଫ୍ୟାନ୍, ଲାଇଟ୍ ଆଦି ଚୋରି କରିନେଇଥିଲେ। ଝରକା, କବାଟ ବି ଭାଙ୍ଗି ନେଇଥିଲେ। ଏକପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଏହା ପଡ଼ିରହିଥିଲା। ପରବର୍ତ୍ତୀ ସମୟରେ ଏହାକୁ ପୁନରୁଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୫ ବର୍ଷ ପୂର୍ବେ ଆର୍ ଆଣ୍ଡ ବି ଏହାକୁ ମରାମତି କରିଥିଲା। କିନ୍ତୁ ଏହି କୋଠା ଯେଉଁ ଉଦ୍ଦେଶ୍ୟ ନେଇ ତିଆରି କରାଯାଇଥିଲା ତାହା ଆଦୌ କାମରେ ଲାଗି ନାହିଁ। ହେଲେ କିଛିବର୍ଷ ହେବ ଏହି କୋଠାରେ କିଛି ଲୋକ ରହୁଛନ୍ତି। ସେମାନେ କିଏ ତାହା ଜଣାପଡ଼ି ନ ଥିବାବେଳେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା ଏହା ପରିସର।

ତେବେ ଶୁକ୍ରବାର ରାତିରେ ଏହି କୋଠାରେ ପାର୍ଟି ଚାଲିଥିଲା। ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ଶୁକ୍ରବାର ରାତିରେ ସେଠାରେ ଫଙ୍କ୍‌ସନ ଚାଲିଥିବା ଦେଖିବାକୁ ମିଳିଥିଲା। ସେଠାକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିବା ପୂର୍ବରୁ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ଲାଇଟ୍ ଜଳୁଥିଲା କିପରି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଏହାର ଅର୍ଥ ଚୋରାରେ ବିଦ୍ୟୁତ୍ ସଂଯୋଗ ଯାଇଛି। ୧୬ ବର୍ଷରେ କେତେ ବିଜୁଳି ଚୋରି ହେଇଛି ଏବଂ ଏହାର ଭରଣା କିଏ କରିବ ସେ ପ୍ରଶ୍ନ କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି, ଶୁଣାଯାଉଛି ଯେ, କିଛି ଠିକାଦାର ଏହାକୁ କବ୍‌ଜା କରି ରଖିଛନ୍ତି। ଏଥିପାଇଁ କେବଳ ଜିଲ୍ଲା ମୁଖିଆମାନେ ହିଁ ଦାୟୀ। ଅନ୍ୟପକ୍ଷରେ ଶନିବାର ବିଜୁଳି ଭିଜିଲାନ୍ସ ବିଭାଗ ସେଠାରେ ଚଢ଼ଉ କରି ବିଦ୍ୟୁତ୍ ସଂଯୋଗ କାଟିଛି। ବଡ଼କଥା ହେଉଛି ଶୁକ୍ରବାର ଜିଲ୍ଲାର ଦୁଇ ବିଧାୟକଙ୍କ ପିଏସ୍‌ଓ ଏହି ଭୋଜିଭାତର ଆସର ଆୟୋଜନ କରିଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ଖୋଦ୍ ଅଙ୍ଗରକ୍ଷୀ ଏଭଳି ଭାବେ ନିୟମ କାନୁନ ଭାଙ୍ଗିବେ ତେବେ ସାଧାରଣ ଲୋକଙ୍କଠୁ କ'ଣ ଆଶା କରାଯିବ? ସେଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ବି ରହିଛି। ତେବେ ଏଭଳି କାର୍ଯ୍ୟ କରାଇବାରେ କେଉଁ କେଉଁ ବିଧାୟକ ସାମିଲ ଅଛନ୍ତି ତାହା ପର୍ଦ୍ଦାଫାସ ହେବା ଦରକାର। ଯିଏ ଦୋଷୀ ତା' ବିରୋଧରେ ଜିଲ୍ଲାପାଳ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା ବୋଲି ସଞ୍ଜୀବ କହିଛନ୍ତି। ତେବେ ଏହି କୋଠାକୁ ଏକ କଲ୍ୟାଣ ମଣ୍ଡପରେ ପରିବର୍ତ୍ତନ କରିଦିଆଯାଉ ବୋଲି ଆପ୍ ଦାବି କରିଛି।

ସୃଜନିକା
ସକାଳ THE SAKALA
www.sakalaepaper.com

## ଦୁଇଟି ମିନିଗପ



# ମାଛି



**ପୀତାମ୍ବର ତରାଇ**

ଗୋଧୂଳି ବେଳ । ତଥାପି ପିଲାମାନଙ୍କ ଖେଳ ସରୁନି । ପିଲାଙ୍କ ଅଜ୍ଞାତରେ ଦୁଇଟି ମାଛି ନିଜ ଭିତରେ ଗପସପ ହୋଇ ସେହି ଛୋଟ ବଗିଚା ଭିତରେ ଗଣଗଣ ହୋଇ ଉଡ଼ି ବୁଲୁଥିଲାବେଳେ ଜଣେ ପିଲାର ନଜର ପଡ଼ିଯିବାରୁ ସେ ଦୁଇଟି ମାଛିକୁ ନିରୀକ୍ଷଣ କଲା । ପିଲାଟି ଅନୁଭବ କଲା ଦୁଇଟି ମାଛି ଭିତରେ ବନ୍ଧୁତ୍ୱ ନିବିଡ଼, ଅଭିନ୍ନ । କିଛି ସମୟ ପରେ ଗୋଟେ ମାଛି ଗୋଟେ ଫୁଲ ଉପରେ ବସି ସୁରଭି ଆଘ୍ରାଣ କରୁଥିବା ବେଳେ ଆର ମାଛିଟି ବଗିଚା କୋଣରେ ଥିବା ଅପରିଷ୍କାର ସ୍ଥାନରେ ବସି ଦୁର୍ଗନ୍ଧ ଗ୍ରହଣରେ ମଗ୍ନ ଅଛି ।

ପିଲାଟି ଭାବିଲା,ଏ କି ବ୍ୟବସ୍ଥା । ଗୋଟେ ମାଛି ଫୁଲ ବାସକୁ ଆଦର କରୁଥିବା ବେଳେ ଆଉ ଗୋଟେ ମାଛି ଅପରିଷ୍କାର ସ୍ଥାନରେ ଦୁର୍ଗନ୍ଧକୁ ନେଇ ସୁଖ ପାଉଛି । ପିଲାଟି ନିଜକୁ ବୁଝାଇ ପାରୁ ନଥାଏ ।

ସନ୍ଧ୍ୟା ବେଳ । ଜଣେ ସାଧୁ ବଗିଚା ଭିତରକୁ ପ୍ରବେଶ କରିବା ମାତ୍ରେ ପିଲାଟି ପଚାରିଲା, "ହେ ସାଧୁ ମହାଶୟ ! ମାଛି ଦୁଇଟି ଦେଖିବାକୁ ଏକାପରି । କିନ୍ତୁ ଗୋଟିଏ ମାଛି ଫୁଲ ଉପରେ ତ ଆଉ ଗୋଟିଏ ମାଛି ଅପରିଷ୍କାର ଜାଗାରେ ବସିବାକୁ ଭଲ ପାଉଛି । ଏହା ଅର୍ଥ ବୁଝାଇ ଦିଅନ୍ତୁ ।"

ସାଧୁ କହିଲେ, "ଶୁଣ ବତ୍ସ ! ଦୁଇଟି ମାଛି ଦେଖିବାକୁ ସିନା ଏକାପରି, କିନ୍ତୁ ଯାହାର ସ୍ୱଭାବ ଯେପରି ସେ ବଞ୍ଚିବ ସେପରି । ନିକୃଷ୍ଟ ବ୍ୟକ୍ତିର ରୁଚି ସହ ଉତ୍କୃଷ୍ଟ ବ୍ୟକ୍ତିର ରୁଚି ସମାନ ହେବ କେମିତି? ଠିକ୍ ଏହିପରି ଦୁଇଟି ମାଛିଙ୍କ ଚରିତ୍ର ।"

ସାଧୁଙ୍କ ମଧୁର ବଚନ ଶୁଣି ପିଲାଟି ମାଛି ଦୁଇଟିକୁ ଖୋଜିଲା ବେଳକୁ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ■



# ଧର୍ମ ବିଚାର

ଯମରାଜାଙ୍କ ଦରବାର ବସିଥାଏ । ଦୁଇ ଜଣଙ୍କ ବିଚାର ଚାଲିଥାଏ । ଜଣେ ଦେହଜୀବୀ ଓ ଆଉ ଜଣେ ବେଇମାନ । ସମସ୍ତ ବିଚାର ପ୍ରକ୍ରିୟା ସାରି ଯମରାଜ ନ୍ୟାୟ ଘୋଷଣା କଲେ, ଦେହଜୀବୀ ମାତ୍ର ମାସେ ରଡ଼ ନିଆଁରେ ଚାଲିବ, କିନ୍ତୁ ବେଇମାନ ତତଲା ତେଲ କଡ଼େଇରେ ଚାରି ମାସ ଛଣା ହେବ ।

ଏ ପ୍ରକାର ନ୍ୟାୟ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ମନକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ପଚାରିଲେ, "ହେ ଧର୍ମରାଜ ! ଦେହଜୀବୀକୁ ଦଣ୍ଡ କମ୍, ବେଇମାନକୁ ଅଧିକ ଦଣ୍ଡ, ନ୍ୟାୟଟା ଅସଙ୍ଗତି ଲାଗୁଛି ।"

ଯମରାଜ କହିଲେ, "ପେଟଭୋକ ପାଇଁ ବିଚରା ମହିଳା ନିରୁପାୟ ହୋଇ ଦେହକୁ ବିକ୍ରି କଲା ଓ ଗ୍ରାହକର କାମନା ନିଆଁକୁ ନିର୍ବାପିତ କଲା । କିନ୍ତୁ ବେଇମାନ ବିଶ୍ୱାସରେ ବିଷ ଦେଇଥିବାରୁ ଧର୍ମ ବିଚାରରେ ଦେହଜୀବୀଠୁ ବେଇମାନ ବଡ଼ ଅପରାଧୀ ।

ମନ୍ତ୍ରୀ ଚିତ୍ରଗୁପ୍ତ ବିଚାର ଦସ୍ତାବିଜରେ ଉଲ୍ଲେଖ କଲେ ବରଂ ଦେହଜୀବୀକୁ ଛାଡ଼ ଅଛି । କିନ୍ତୁ ବେଇମାନକୁ ଧର୍ମ ଦୁଆରେ ଛାଡ଼ ନାହିଁ । ■

ମୋ: ୯୪୩୭୧୬୩୪୨୧

# କ୍ଷଣ କ୍ଷଣକେ ଆନ



**ଜୟନ୍ତୀ ରଥ**

ବୋଉ ମୁଁ ଆଜି ନନ୍ଦୀନାଗରୀ ଲିପି ଶିଖିଲି
ନଣ୍ଡା ବାଗୁଲି ଖାଉଚୁ
ହଉ ଖାଆ, ଖାଆ
ଭଲ ହଜମ ହେବ ।
ନା- ବୋଉକୁ ଶୁଭୁ ନାହିଁ
ତାକୁ କିଛି ବୁଝାଇ
କହି ହେବନି ।
ଆଉ, ସେ ଯାହା
ନିଜ ଆଡୁ କହୁଚି କହୁ...

ଦିଅଁ ପୂଜିବାକୁ
ରାତି ଚାରିଟାରେ ଉଠି
ଗାଧୋଉଥିଲା
ଏବେ ଅପରାହ୍ନ ସାଢ଼େ ପାଞ୍ଚ
କହୁଚି, କେତେ ଡେରି ହେଲାଣି
ମୋତେ ଉଠେଇ ଦେଲନି ଟିକେ
ନିଆଁ ଲଗା ନିଦଟା
ଅବେଳରେ ଆସୁଚି
ଆଉ ସମସ୍ତେ ଶୋଇଲାବେଳେ
ପତା ପଡୁନି ଆଖିର

ଭାସ୍କର ବେଲପତ୍ର ଆଣିଚି?
ତାକୁ କହିଥିଲି
ସବୁ ସଂକ୍ରାନ୍ତିରେ ହୋମ ହେବ
ବୋହୂ ମାଆ ଏକୁଟିଆ
ପାରିବନି ।
ତୁ ଆସି ଯୋଗାଡ଼ି ଦେବୁ
ଏବେ ସବୁ କଥାକୁ
ଗାଲଉଚି –
ପରା ଟୋକାଟା ।

ଓହୋ ବୋଉ ।
ସବୁ ପୂଜା ଠିକ୍ଠାକ୍ ଚାଲିଚି
ତୁ ଜମ୍ମା ବ୍ୟସ୍ତ ହ'ନା
ବୋଉ ଉଦାସ ହୋଇ
କହୁଚି
ବ୍ୟସ୍ତ ହୋଇ
କ'ଣ କରିବି
ମୁଁ ତ ମଲାଗଲା
ହୋଇ ପଡ଼ିଚି
ଜ୍ୱାଇଁଙ୍କ ପାଇଁ
ମିଠା ଦହି ଅଛି
ଫ୍ରିଜ୍‌ରେ
ଗଲାବେଳେ ମନେ କରି
ନେଇଯିବୁ

ମୁଁ ବୁଝି ଗଲି
କ୍ଷଣ କ୍ଷଣକେ ଆନ
ଏବେ ବୋଉର ପୃଥିବୀ...
ଦିନେ ମୋର ବି
ଏଇ ଦଶା ହେବ । ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

# ମରୁଥାଏ ବାରମ୍ବାର



**ଚିତ୍ତରଞ୍ଜନ ମିଶ୍ର**

ସେଦିନ କାଶ୍ମୀର ଘାଟିରେ
ମରିଥିଲି ଗୁଳି ଖାଇ ଆତଙ୍କବାଦୀର
ଆଉଥରେ ଗାଜାରେ ନିଖୋଜ ହୋଇ
ଛତ୍ରରେ ମୁଠାଏ ଖାଦ୍ୟ
ଖୋଜିଥିଲି ଭୋକ ବିକଳରେ ।
ଜୀବନ ବଞ୍ଚାଇବାକୁ ୟୁକ୍ରେନର
ସୀମା ପାର ହେବା ବେଳେ
ମରିଥିଲି, ମରିଥିଲି ଆଉଥରେ
ବଙ୍ଗଳାଦେଶରେ
ଘର ମୋର ଜଳିଗଲାପରେ
ମରିଥିଲି ମୁର୍ଶିଦାବାଦରେ
ମରିଥିଲି ସେ ଝିଅଟି ଜଳିଯିବା ବେଳେ
ନିଜକୁ ଅଙ୍ଗାର କରି ନ୍ୟାୟ ଅପେକ୍ଷାରେ
ମରିଥିଲି ଉତ୍ତରାଖଣ୍ଡରେ
ପାଦତଳୁ ପାହାଡ଼ଟି ଧସି ଯିବା ପରେ
ମରିଥିଲି ମଦ୍ୟପଙ୍କ ପଞ୍ଝାରେ, ଦାନ୍ତରେ
ପୀଡ଼ିତାର ଚିରା ଦେହ ଛପା ଛବି
କାଗଜରେ ଚିରି ଯିବାପରେ
କିଏ ବା ବଞ୍ଚାଇଥିଲା ଯେତେବେଳେ
ଚାରି ବରଷର ଶିଶୁ
ଫଡ଼ା ଫଡ଼ା ମାଂସ ହୋଇଗଲା
ବୁଲା କୁକୁରଙ୍କ ମେଳେ

ରକ୍ତାକ୍ତ ରାସ୍ତାରେ ?
କେତେଥର ମରିଛି ମୁଁ, ମରୁଛି ମୁଁ
ଧିକ୍ ମୋର ମରିବାକୁ
ବାରମ୍ବାର, ବଞ୍ଚିଥାଇ ଗୋଟେ ଜୀବନରେ
ଜଗତ ନର୍କରେ ଏବେ
କିଏ ଏଠି କାହାକୁ ଉର୍ଦ୍ଧ୍ୱରେ ? ■

ମଞ୍ଜୁଳା , ୱାଟର ୱର୍କ୍ସ ରୋଡ୍
ପୁରୀ - ୭୫୨୦୦୨



## ପୁସ୍ତକ ପରିଚୟ

### ବାଞ୍ଝ

**ସୁଚରିତା ମହାନ୍ତି**





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୧୫୦ ଟଙ୍କା

ଗାଳ୍ପିକା ସୁଚରିତା ମହାନ୍ତିଙ୍କ ଗଳ୍ପ ସଂକଳନ 'ବାଞ୍ଝ' ପ୍ରକାଶ ପାଇଛି । ୩୩ଟି ଗଳ୍ପ ଏହି ପୁସ୍ତକରେ ସଂକଳିତ ହୋଇଛି । 'ବଡ଼ ଅଫିସର',, 'ଅଗ୍ନି ପରୀକ୍ଷା', 'ଶେଷ ଥର', 'ବାଞ୍ଝ', 'ସଂପର୍କ', 'ଅଲିଭା ଗାର', 'ଉଦାସିଆ ଆଖି', 'କନ୍ୟାଦାନ', 'ଅସ୍ତଗାମୀ ସୂର୍ଯ୍ୟ', 'ଶେଷ ପାହାଚ', 'ରେବତୀ', 'ଆମାବାସ୍ୟାର ଚନ୍ଦ୍ର', 'ସମୟ ଖେଳ', 'ବୁଢ଼ୀ ମା'ର କାହାଣୀ ପେଡ଼ି' ପ୍ରଭୃତି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଆଶା, ନିରାଶା, ଦ୍ୱନ୍ଦ୍ୱ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି । ମାତୃତ୍ୱ ଲାଭ କରିବା ନାରୀ ଜୀବନର ବଡ଼ ଉପଲବ୍ଧି । କିନ୍ତୁ ଜନ୍ମ କଲା ସନ୍ତାନମାନେ ଯଦି ବଡ଼ ହୋଇ ବାପାମାଆଙ୍କୁ ଅସମ୍ମାନ ଓ ଅନାଦର କଲେ ସେମାନଙ୍କ ଜୀବନ ହୋଇଉଠେ ଦୁର୍ବିସହ । ଜୀବନର ଏହି ବାସ୍ତବତା ତାହା ଚିତ୍ରିତ ହୋଇଛି 'ବାଞ୍ଝ' ଗଳ୍ପରେ । ସେଥିପାଇଁ ଅବହେଳିତ ଶାଶୁ ଜଣକ ଜରାଶ୍ରମ ଖଟିରେ ପଡ଼ି ଥର ଥର କଣ୍ଠରେ କହୁଥିଲେ "ମୁଁ ବାଞ୍ଝ ହୋଇଥିଲେ ଭଲ ହୋଇଥାଆନ୍ତି ।" ଏହି ପୁସ୍ତକର ଅନେକ ଗପରେ ନାରୀ ଜୀବନ ଅକୁହା ବେଦନା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାଞ୍ଝ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଅପାସୋରା ମଣିଷ

**ସଂପାଦକ: ଡକ୍ଟର ବନଜ କୁମାର ବିଶ୍ୱାଳ**





ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ
ମଲ୍ଲୀପୁର, କିଶୋରନଗର, କଟକ
ପ୍ରଥମ ପ୍ରକାଶ : ୨୦୨୧
ମୂଲ୍ୟ : ୨୦ ଟଙ୍କା

କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜ ମନସ୍କ ସ୍ୱର୍ଗତ ଗୋପାଳ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡକ୍ଟର ବନଜ କୁମାର ବିଶ୍ୱାଳ ସଂପାଦନାରେ ପ୍ରକାଶ ପାଇଛି 'ଅପାସୋରା ମଣିଷ' ପୁସ୍ତକ । ଏହି ପୁସ୍ତକରେ ସ୍ୱର୍ଗତ ମହାନ୍ତିଙ୍କ ସମାଜ ପ୍ରତି ଅବଦାନ, ପରୋପକାର, ନିରାଡ଼ମ୍ବର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଜୀବନ ସଂପର୍କରେ ସ୍ମୃତି ଚାରଣ କରାଯାଇଛି । ଡକ୍ଟର ଅରବିନ୍ଦ ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଆଲୋକ କାନୁନ୍‌ଗୋ, ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କବିତା ଖଟାଇ, ପ୍ରାଧ୍ୟାପକ କିଶୋର କୁମାର ବିଶ୍ୱାଳ, ଡକ୍ଟର କିଶୋର ଚନ୍ଦ୍ର ଦାସ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଡକ୍ଟର ପାବକ କାନୁନ୍‌ଗୋ, ଡକ୍ଟର ତରଣୀ ସେନ୍ ବାରିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସ୍ମୃତିଚାରଣ କରିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଶୈଳୀ ଥିଲା ନିରାଡ଼ମ୍ବର । ସାଧାରଣ ଲୋକଙ୍କ ସୁଖଦୁଃଖରେ ସେ ସାମିଲ ହେଉଥିଲେ । ସ୍ୱର୍ଗତ ଗୋପଳଚରଣ ମହାନ୍ତିଙ୍କ ସୁଗୁଣାବଳୀ ଉତ୍ତର ପିଢ଼ିଙ୍କ ଉଦ୍‌ବୁଦ୍ଧ କରି ବୋଲି ଆଶା କରାଯାଏ । ■

### କାକ୍‌ଟସ୍‌ର ଲୁହ

**ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ**




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ : ୧୫୦ ଟଙ୍କା

"ବସ୍ତୁବାଦୀ ଦୁନିଆର ଲମ୍ବାରାସ୍ତା,/ ଛଳନା ପ୍ରତାରଣାର କଂକ୍ରିଟ୍ ନିର୍ମିତ/ଆବୁଡ଼ା ଖାବୁଡ଼ା ଚଟାଣର ଦେହ,/ ଆଉ ଥରେ ପୁଣି ସଜାଡ଼ି ଯାଉଛି ।" (ଭଙ୍ଗା ବିଶ୍ୱାସର ପୋଲ) ଆଶା ଓ ବିଶ୍ୱାସ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ତେବେ ବସ୍ତୁବାଦୀ ଦୁନିଆରେ ବେଳେବେଳେ ମଣିଷ ଧକ୍କା ଖାଏ । ତଥାପି ବିଶ୍ୱାସ ହିଁ ତାକୁ ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିବାକୁ ସାହସ ଓ ଶକ୍ତି ଦିଏ । ଏମିତି ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ 'କାକ୍‌ଟସ୍‌ର ଲୁହ' ପୁସ୍ତକର ଅନେକ କବିତାରେ । ଏହି ପୁସ୍ତକର 'ଆଉ ଏକ ଦୃଶ୍ୟ', 'ବିଭାଜନ', 'ଏକ ବିସ୍ଥାପିତ ଇଚ୍ଛା', 'ଜୀବନ ଗଣିତ', 'ଶବ୍ଦର ସ୍ୱରୂପ', 'ଧୈର୍ଯ୍ୟ', 'ଯନ୍ତ୍ରଣା', 'ଆଶଙ୍କା', 'ସମୁଦ୍ର ସ୍ନାନ', 'ଦୁଃଖୀଲୋକ', 'ପିତୃପୁରୁଷ', 'କକ୍‌ଟସ୍‌ର ଲୁହ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି କବିତାଗୁଡ଼ିକରେ କବି ଜୀବନର ବାସ୍ତବ ଚିତ୍ର ଦେବାରେ ବେଶ୍ ସଫଳ ହୋଇଛନ୍ତି । ସେହିପରି 'ବର୍ଷା', 'ପ୍ରକୃତି ମାୟାରେ ବନ୍ଧା', 'ଏକ ବରଗଛର ସ୍ମୃତିରେ' ଆଦି କବିତାରେ ପ୍ରକୃତିର ଜୀବନ୍ତ ଚିତ୍ର ମାର୍ମିକ ଭାବେ ଫୁଟି ଉଠିଛି । 'କାକ୍‌ଟସ୍‌ର ଲୁହ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ରାଧାନାଥୀୟ ପ୍ରତିଭାର ଅଭିଜାତ ଐଶ୍ୱର୍ଯ୍ୟ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ଯୁଗପ୍ରବର୍ତ୍ତକ କବି ରାଧାନାଥ ରାୟ । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ବିନ୍ଧାଣି । ରୀତିଯୁଗର ଆଳଙ୍କାରିକ ପଦଲାଳିତ୍ୟ ଓ ଯୌବନୋଚ୍ଛଳ ପ୍ରେମ ପ୍ରଣୟକୁ ଆଦୌ ପରିହାର ନ କରି ମଧ୍ୟ ଭଞ୍ଜୀୟ ପୃଷ୍ଠଭୂମି ଉପରେ ଗଢ଼ି ଦେଇଛନ୍ତି ଆଧୁନିକ କାବ୍ୟ ଚେତନାର ଏକ ବିଶାଳ ଓ ସୁରମ୍ୟ ହର୍ମ୍ୟ । ସେଥିପାଇଁ କିଏ ତାଙ୍କୁ ଯୁଗପ୍ରବର୍ତ୍ତକ କହେ ତ କିଏ କହେ ବିପ୍ଳବୀ ରାଧାନାଥ ।

କବିବର ରାଧାନାଥ ଥିଲେ ଶୁଦ୍ଧ ସୌନ୍ଦର୍ଯ୍ୟବାଦୀ । ପ୍ରକୃତିର ଉପାସକ । ଅସାଧାରଣ ତାଙ୍କ ଆହରଣ ଦକ୍ଷତା ଓ ସମୀକରଣ କୌଶଳ । ଚମତ୍କାର ତାଙ୍କ ଗଳ୍ପଗୁମ୍ଫନ କୌଶଳ । କଥାରେ ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ଖବର ।" ଜଗତର ବିଶାଳତାକୁ ଅନୁଭବ କରିବା ପାଇଁ ନିଜ ମନପକ୍ଷୀକୁ ଉଡ଼େଇ ଦେଇଛନ୍ତି ଦୂର ଆକାଶରେ । ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ପାର୍ସୀ ଓ ଉର୍ଦ୍ଦୁ ଆଦି ବିଭିନ୍ନ ଭାଷାରେ ପାରଦର୍ଶିତା ଯୋଗୁଁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନଠାରୁ ଆରମ୍ଭ କରି ଗ୍ରୀକ୍ ଓ ରୋମ୍ ସାହିତ୍ୟ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାଙ୍କ କଳ୍ପନାର ଚାରଣ ଭୂମି । ଗଭୀର ଅଧ୍ୟୟନ ଓ ଅଭିଜ୍ଞାନ ବଳରେ ବିଶ୍ୱର ବିଭିନ୍ନ କ୍ଷେତ୍ରରୁ ଚିନ୍ତା ଓ ସୌନ୍ଦର୍ଯ୍ୟର ପୁଷ୍ପ ଚୟନ କରି ସେ ନିର୍ମାଣ କରିଛନ୍ତି ଆପଣା କାବ୍ୟ ତପୋବନ । ବିଷୟବସ୍ତୁ କିମ୍ବଦନ୍ତୀୟ ହେଉ କି ପାଶ୍ଚାତ୍ୟ ଜନଶ୍ରୁତିର ରୂପକଥା ହେଉ, ତା'ର ଭାବକଳ୍ପର ଶିରାରେ ଶିରାରେ ଭରି ଦେଇଛନ୍ତି ଉତ୍କଳୀୟତାର ସ୍ପନ୍ଦନ । ଗ୍ରୀକ୍ କବି ଓଭିଡଙ୍କ 'ମେଟାଫରସିସ୍' ପୁସ୍ତକର ଆପୋଲ ଡାଫିନଙ୍କୁ ଆଣି ଓଡ଼ିଶା ମାଟିରେ ପହଞ୍ଚେଇ ଦେଇଛନ୍ତି, ଯିଏ କୋଣାର୍କର ବେଳାଭୂମିରେ ବିଚରଣ କରିଛନ୍ତି ସୂର୍ଯ୍ୟଦେବ ଓ ଚନ୍ଦ୍ରଭାଗା ରୂପରେ । ଏହା ହୋଇପାରେ ଏକ ବିଦେଶୀ କଥାବସ୍ତୁର ଓଡ଼ିଆ କରଣ, ମାତ୍ର କବିଙ୍କ ଲେଖନୀରେ ବିଭୂତିମଣ୍ଡିତ ହୋଇ ଚନ୍ଦ୍ରଭାଗା ପାଲଟି ଯାଇଛି ଏକ ତୀର୍ଥକ୍ଷେତ୍ର । ତା' ସହିତ ଯୋଡ଼ି ହୋଇଯାଇଛି ମାଘସପ୍ତମୀ ଓ ବାରୁଣିସ୍ନାନ । କବି କଳ୍ପନାର ଏହି ଇନ୍ଦ୍ରଜାଲ ଭିତରେ ଛନ୍ଦିହୋଇ ପାଠକ ବିଚାରା ବୁଝି ପାରେନି ଚନ୍ଦ୍ରଭାଗା କାହାର ନାମ ନାରୀର ନା ନଦୀର ?

କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକରଣ ନୁହେଁ, ଓଡ଼ିଶାର ଦେବଦେବୀ, ରାଜାମହାରାଜା, ମାଟି,ପାଣି, ପବନ, ନଦନଦୀ, ଶିଳା, ଶାଳଗ୍ରାମ ଆଦିର ସମାବେଶ ତଥା ଉତ୍କଳ ଗୌରବ ଗାଥାର ପୁନଃ ସ୍ଥାପନ ହିଁ ତା'ର ମୂଳକଥା । ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅନେକ ଉଚ୍ଚକୋଟୀର କାବ୍ୟ ଲେଖା ସାରିଥିଲେ ବି ସେଥିରେ କାବ୍ୟ ରୂପ ପାଇ ନଥିଲା ଜାତୀୟ ଅସ୍ମିତାର ସମକାଳୀନ ଚିନ୍ତନ । ଓଡ଼ିଆ ବାଙ୍ମୟ ଅଭିବ୍ୟକ୍ତିରେ ଊଣା ଥିଲା ଇତିହାସ ଦୃଷ୍ଟି । ଏହାକୁ ଅନୁଭବ କରି ଉତ୍କଳର ଭୂପ୍ରକୃତି,ଲୋକଜୀବନ ତଥା ତା'ର ଗୌରବମୟ ଅତୀତକୁ ଆଣି କବି ଠିଆ କରେଇ ଦେଲେ ଉତ୍କଳଲକ୍ଷ୍ମୀ 'ଚିଲିକା' କୂଳରେ । ରକ୍ତବାହୁ ଯବନର ପତନ, ମାଣିକ ଗଉଡୁଣୀ ଓ କାଞ୍ଚି ବିଜୟ କାହାଣୀକୁ ନେଇ ଓଡ଼ିଆ ଅସ୍ମିତାର ଏକ ବିମ୍ବ ହୋଇ ଠିଆ ହେଲା ମରାଳ ମାଳିନୀ ନୀଳାମ୍ବୁ ଚିଲିକା । କେବଳ 'ଚିଲିକା' ନୁହେଁ, ବିଦ୍ରୂପାତ୍ମକ କାବ୍ୟ 'ଦରବାର'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଜାତୀୟ ଅସ୍ମିତାର ଜୟଯାତ୍ରା । ମହାଯାତ୍ରା କାବ୍ୟରେ ସେ ପାଣ୍ଡବମାନଙ୍କୁ ସାରା ଓଡ଼ିଶା ବୁଲେଇଛନ୍ତି ଏବଂ ଉତ୍କଳର ମହିମା ଗାନ କରିବାକୁ ଯାଇ ଅଗ୍ନିଦେବଙ୍କ ଜରିଆରେ କହିଛନ୍ତି- "ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ... ।"

ରାଧାନାଥଙ୍କ ଶବ୍ଦର ଇନ୍ଦ୍ରଜାଲରେ ଓଡ଼ିଶାର ଗିରି ହୋଇଛି ଗିରୀନ୍ଦ୍ର,ସର ହୋଇଛି ସାଗର, ଶିମୁଳି ଗଛ ବି ଲଭିଛି ଶାଲ୍ମଳୀ ତରୁର ମର୍ଯ୍ୟାଦା । କବିଙ୍କ ଭାଷାରେ- "ଶାଲ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ, ଲଙ୍ଘି ନାନା ବନ ଜନପଦ ମିଶେ ବଙ୍ଗ ସାଗରେ ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଏବଂ ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ସାଂସ୍କୃତିକ ରାଜଧାନୀ । ସେହି ପବିତ୍ର ଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ ସେ ଲେଖିଛନ୍ତି – "ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ, ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ ।" ଏଥିସହ ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ପରିମଣ୍ଡଳ ଭାବରେ ଗଢ଼ିବାକୁ ଯାଇ ତାକୁ ସେ ଯୋଡ଼ିଛନ୍ତି 'ପାର୍ବତୀ', 'ଚନ୍ଦ୍ରଭାଗା' ଓ 'ଚିଲିକା' ଆଦି କାବ୍ୟ ସହିତ ।

ରାଧାନାଥଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକ ଗୁଣଟି ଥିଲା ପ୍ରକୃତି ଉପାସନା । ଶୈଶବରୁ ବିଜନତା ମଧ୍ୟରେ ନିମଜ୍ଜନ ତାଙ୍କୁ ଶିଖେଇ ଥିଲା ପ୍ରକୃତିର ମହାଭାବ ସହିତ ଏକାତ୍ମ ହେବାର ରହସ୍ୟ । କବି ସେହି ରହସ୍ୟମୟ ଭାବମୟତାର ଚିତ୍ରକର । ପ୍ରକୃତି ବର୍ଣ୍ଣନା ଓଡ଼ିଆ କାବ୍ୟରେ କିଛି ନୂଆ କଥା ନୁହେଁ, ବରଂ ଖୁବ୍ ବିସ୍ତୃତ ଓ ମାର୍ମିକ । ଏହା ରୀତି କାବ୍ୟରେ ଯେତିକି ପ୍ରାଣସ୍ପର୍ଶୀ, ରାଧାନାଥଙ୍କ ସମସାମୟିକ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସୃଷ୍ଟିରେ ସେତିକି ଆବେଗସ୍ନାତ । ମାତ୍ର ପ୍ରକୃତିକୁ କେନ୍ଦ୍ରରେ ରଖି ଗୋଟେ କାବ୍ୟ ଯେ ଲେଖା ଯାଇପାରେ, ରାଧାନାଥଙ୍କ ପୂର୍ବରୁ କେହି କେବେ କଳ୍ପନା କରି ନ ଥିଲେ ଏକଥା । ରୀତି ସାହିତ୍ୟରେ ପ୍ରକୃତି ଥିଲା ଏକ ଚିତ୍ର । ତାକୁ ଚରିତ୍ରରେ ପରିଣତ କରିଦେଲା ରାଧାନାଥୀୟ ପ୍ରତିଭା । ଚିଲିକା ହ୍ରଦଟିଏ ହେଲେ ବି କବି କଲମରେ ସେ ପାଲଟିଗଲା ଏକ ହାସ୍ୟମୟୀ ଓ ଲାସ୍ୟମୟୀ ନାରୀ, ଯେଉଁ କାବ୍ୟ ନାୟିକାର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି- "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।" କବି ଦୃଷ୍ଟିରେ ପ୍ରକୃତି ନିର୍ବାକ ଓ ନିସ୍ପନ୍ଦ ନୁହେଁ, ତାହା ପ୍ରାଣବନ୍ତ ଓ ବାଙ୍ମୟ । ସେ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ କବି, ଯିଏ ପ୍ରକୃତି ଉପରେ ଆରୋପ କରିଛନ୍ତି ମାନବିକ ଗୁଣ । ଓଡ଼ିଆ କାବ୍ୟ କବିତାରେ ବର୍ଷାବର୍ଣ୍ଣନା ତ ବିସ୍ତୃତ । ମାତ୍ର ସେ ବର୍ଣ୍ଣନାରେ ନ ଥିଲା ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ତୁଳନା । କବି ସେଭଳି ତୁଳନାତ୍ମକ ଚିତ୍ର ଆଙ୍କିବାର ପରମ୍ପରା ଆରମ୍ଭ କଲେ, ଯା'ର ଦୃଷ୍ଟାନ୍ତ ହେଉଛି- "ବହି ଯାଉଛି ବାରି ଭେଦି କିଆରି, ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ ।" (ତୁଳସୀ ସ୍ତବକ)

ମଣିଷ ଜୀବନର ମୌଳ ଆବେଗ ହେଉଛି ପ୍ରେମ ଏବଂ ଏହା ହିଁ ସବୁ କଳା କଳ୍ପନାର ମୂଳକଥା । ଜୀବନର ଏହି ଅଭିଜାତ ଐଶ୍ୱର୍ଯ୍ୟରେ ଖୁବ୍ ଐଶ୍ୱର୍ଯ୍ୟବନ୍ତ ଥିଲା ରୀତିଯୁଗୀୟ କାବ୍ୟକଳା । ମାତ୍ର ତା'ର ବିଷୟ ବିନ୍ୟାସରେ ନ ଥିଲା ବ୍ୟଞ୍ଜନାମୟ ବୈଚିତ୍ର । ସୁଖଦୁଃଖ, ହସକାନ୍ଦ ମିଶାମିଶି ଜୀବନ ହିଁ ମଣିଷର ଅଲଙ୍ଘନୀୟ ଭାଗ୍ୟ । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ମିଳନାତ୍ମକ ପରିସମାପ୍ତି ଥିଲା ରୀତିକାବ୍ୟର ପରଂପରା । ତା'ର ଏହି ଗତାନୁଗତିକ ପରିପାଟୀରେ ରାଧାନାଥ ଆଣିଲେ ଭିନ୍ନତା । ପ୍ରେମ ପାଇଁ ଜୀବନ ବିସର୍ଜି ଦେବାକୁ ଆଗେଇ ଆସିଲେ ତାଙ୍କ କାବ୍ୟର ନାୟକ ନାୟିକା କେଦାର ଓ ଗୌରୀ । କେବଳ 'କେଦାରଗୌରୀ' ନୁହେଁ, 'ପାର୍ବତୀ', 'ନନ୍ଦିକେଶରୀ', 'ଚନ୍ଦ୍ରଭାଗା' ଆଦି ଅନେକ କାବ୍ୟରେ ଦୁଃଖଦ ଉପସଂହାରକୁ ନେଇ ଉଦ୍‌ଘାଟିତ ହେଲା କଳାର ଏକ ଅଭିନବ ଦିଗନ୍ତ ।

ରାଧାନାଥ ଥିଲେ କାବ୍ୟିକ ଭାଷାର ପ୍ରଥମ ସଂସ୍କାରକ । କାବ୍ୟର ଆଙ୍ଗିକ ପରିବର୍ତ୍ତନ କରିବାକୁ ଯାଇ ସେ ହିଁ ପ୍ରଥମେ ପ୍ରୟୋଗ କଲେ ଅମିତ୍ରାକ୍ଷର ଛନ୍ଦ । ତାଙ୍କ ସରଳ, କୋମଳ, ମଧୁର ଓ ମଞ୍ଜୁଳ ଶବ୍ଦ ସଂଯୋଜନା ଯୋଗୁଁ ଆଉ ଅଳଙ୍କାରର ପ୍ରାବଲ୍ୟରେ ଭାରାକ୍ରାନ୍ତ ହେଲା ନାହିଁ କାବ୍ୟସୁନ୍ଦରୀ । ବରଂ ସବୁ ବର୍ଗର ପାଠକଙ୍କୁ ଆମୋଦିତ ଓ ଆହ୍ଲାଦିତ କଲା ତାଙ୍କ ଉପମା ପ୍ରୟୋଗର ସୂକ୍ଷ୍ମ ଚାତୁରୀ ଓ ଲଳିତ ପଦ ବିନ୍ୟାସ । ଅର୍ଥବୋଧ,ରସବୋଧ ଓ ଭାବ ସଞ୍ଚରଣଶୀଳତା ନିମନ୍ତେ ଆଉ ରହିଲାନି ପ୍ରତି ପଦରେ ଅଭିଧାନ ଅଣ୍ଡାଳିବାର ଭଞ୍ଜୀୟ ଝିଞ୍ଜଟ । ରାଧାନାଥ ଥିଲେ ଜଣେ ନିର୍ଭୀକ ତଥା ବାସ୍ତବବାଦୀ ସ୍ରଷ୍ଟା । ନିଜର ପ୍ରଜ୍ଞା, ପ୍ରତିଭା ଓ ଅଧ୍ୟବସାୟ ବଳରେ ସେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ସତ,ହେଲେ କେବେ କିଛି ଲେଖି ନାହାଁନ୍ତି ଅନୁଗୃହୀତ ହେବା ଲକ୍ଷ୍ୟରେ । ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଛନ୍ତି ଇଂରେଜ ସରକାର । ବାମଣ୍ଡା ରାଜଦରବାରରୁ ସେ ପାଇଛନ୍ତି କବିବର ଉପାଧି । ଅଥଚ ଇଂରେଜ ସରକାର ହୁଅନ୍ତୁ କି ଦେଶୀୟ ରାଜା ହୁଅନ୍ତୁ, ସେମାନଙ୍କ ପ୍ରଜା ଶୋଷଣ ନୀତିକୁ ସେ ଖୁବ୍ ବିଦ୍ରୂପ କରିଛନ୍ତି 'ଦରବାର' କାବ୍ୟରେ । ରାଧାନାଥ ଥିଲେ ସମକାଳୀନ ବାସ୍ତବତା ଓ ନିଜ ବିଷାଦରେ ଆଚ୍ଛନ୍ନ ଏକ ବିମର୍ଶ କବି ପ୍ରତିମା । ଜୀବନ ବିମୁଖତା ସତ୍ତ୍ୱେ ପ୍ରତିଟି ପରିବୋଧନୀୟ ମୁହୂର୍ତ୍ତର ଆତ୍ମିକ ଉପଲବ୍ଧିକୁ ବୌଦ୍ଧିକତାରେ ରସାଣିତ କରି ସେ ଶୁଣେଇଛନ୍ତି ଅନେକ ଦାର୍ଶନିକ ବାଣୀ । ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନବୋଧ ପ୍ରତି ଆସ୍ପୃହା ନେଇ ଗାଇଛନ୍ତି- "ଧର୍ମ ଏକା ସିନା ମହତ ପଣିଆ, ଆଉ ବଡ଼ପଣ ଅଢ଼େଇ ଦିନିଆ ।" (ଦରବାର) ■

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁପଟ୍ଟନାୟକ ନଗର ଭଦ୍ରକ
ମୋ: ୬୩୭୨୬୪୨୪୬୪

■ ସରକାରୀ ନିୟମର ଉଲଂଘନ

# ନିଯୁକ୍ତି ବୟସ ସୀମା ୩୨ ବର୍ଷକୁ କମାଇଲା ଓଏଚ୍‌ପିସି

ଭୁବନେଶ୍ୱର, ୧୫।୧୧ (ସମିସ): ନିଯୁକ୍ତି ପାଇଁ ସରକାରଙ୍କ ନିୟମକୁ ରାଜ୍ୟ ପିଏସ୍‌ୟୁ ସଂସ୍ଥା ମାନୁ ନାହାନ୍ତି। ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ଇଚ୍ଛା ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରୁଛନ୍ତି। ନିଯୁକ୍ତି ପାଇଁ ବୟସ ସୀମା ୪୨ ବର୍ଷକୁ ରାଜ୍ୟ ସରକାର ବଢ଼ାଇଥିବା ବେଳେ ରାଜ୍ୟ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏହାକୁ ୩୨ ବର୍ଷ କରିଛି। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସେମାନେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ଓଏଚ୍‌ପିସି ପକ୍ଷରୁ ଗତ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୧୨ ତାରିଖରୁ ଆବେଦନ ଆରମ୍ଭ ହୋଇ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏହି ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସସୀମା ୩୨ବର୍ଷ ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ସରକାର ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷ କରିଥିବା ବେଳେ

## ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଶାୟୀ

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ପିଏସ୍‌ୟୁ ସଂସ୍ଥା ଏହାକୁ କିପରି ଉଲ୍ଲଂଘନ କରୁଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା। ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଓଏଚ୍‌ପିସି କର୍ତ୍ତୃପକ୍ଷଙ୍କ କହିବା କଥା, କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା। ଯାହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଛି। ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ବୟସ ସୀମା କମାଇ ଦିଆଯାଇ ଥିବାରୁ ଆଶାୟୀମାନେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚ୍‌ପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ନିୟମିତ ବ୍ୟବଧାନରେ ନିଯୁକ୍ତି ବାହାରୁ ନଥିବାରୁ ବୟସ ସୀମା ୪୨ ବର୍ଷ କରିବା ପାଇଁ ତ୍ୱରିତ ନିର୍ଦ୍ଦେଶ ଦେବା ସହ ଓଏଚ୍‌ପିସିରେ ଖାଲି ଥିବା ମୋଟ୍ ୧୦୩୪ଟି ପଦରେ ନିଯୁକ୍ତି ଦେବାକୁ ଆଶାୟୀ ସୁନିଲ କୁମାର ମିଶ୍ର, ବିକାଶ ପାତ୍ର, ପରମେଶ୍ୱର ବଳ ଓ ରଜତମୟୀ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

### ଡିସେମ୍ବର ୨୪ରୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଆରମ୍ଭ ହେଲା କଳାକାର ଚୟନ

ବରଗଡ଼, ୧୫।୧୧ (ସମିସ): ଆସନ୍ତା ଡିସେମ୍ବର ୨୪ତାରିଖରୁ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏଥିପାଇଁ କଳାକାର ଚୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ ପରିସରରେ କଂସ ମହାରାଜଙ୍କ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଦେବକୀ, ନାରଦ, ଚାଣୁର, ମୁଷ୍ଟିକ, ସାର୍ତ୍ତକି, ବସୁଦେବ, ଅକ୍ରୂର ଏବଂ ଉଗ୍ରସେନ ପ୍ରଭୃତି ଚରିତ୍ର ନିମନ୍ତେ ଅଡିସନ୍ ନିଆଯାଇଛି। ସେହିପରି ୧୬ ତାରିଖରେ ମହାମନ୍ତ୍ରୀ ଓ ସେନାପତି ଏବଂ ୧୭ ତାରିଖ ଦିନ କଂସ ମହାରାଜ ସକାଶେ ସାକ୍ଷାତକାର ଅନୁଷ୍ଠିତ




ହେବ। ଆଜି ବିଚାରକ ଭାବେ ସୁବାସ ପ୍ରଧାନ, ମିହିର ମେହେର, ପରମେଶ୍ୱର ମୁଣ୍ଡ, ପ୍ରଦୀପ ପଣ୍ଡା, ସୁଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ ଧନୁଯାତ୍ରାର ଚୟନ ପ୍ରକିୟାରେ ବହୁ କଳାକାର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ନାରଦ ଚରିତ୍ର ପାଇଁ ୧୮ ଜଣ, ବସୁଦେବ ପାଇଁ ୨୫, ଅକ୍ରୂର ପାଇଁ ୧୭, ମୁଷ୍ଟିକ ପାଇଁ ୧୩, ସାର୍ତକି ପାଇଁ ୧୧, ଉଗ୍ରସେନ୍ ପାଇଁ ୧୦, ଚାଣୁର ପାଇଁ ୧୦, ଦେବକୀ ପାଇଁ ୯ ଜଣ କଳାକାର ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। କଳାକାର ସମନ୍ୱୟ ସମିତିର ସମ୍ପାଦକ ଅଶୋକ ବେହେରା, ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେବେ ହ୍ୟୁମାନ ସାଗର!

ଭୁବନେଶ୍ୱର, ୧୫।୧୧(ସମିସ): ଓଲିଉଡ୍‌ର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ଭୁବନେଶ୍ୱର ଏମ୍ସରେ ତାଙ୍କର ଚିକିତ୍ସା ଜାରି ରହିଛି। ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି। ଆଗାମୀ ୭୨ ଘଣ୍ଟା ହ୍ୟୁମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ତେବେ ଗତ ୨୪ ଘଣ୍ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନଥିବାରୁ ପରିବାରଲୋକ ବ୍ୟସ୍ତ ହୋଇପଡ଼ିଛନ୍ତି। ଆଜି ହ୍ୟୁମାନ୍‌ଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋ' ପୁଅର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନଥିବା ଡାକ୍ତର କହୁଛନ୍ତି। ତେଣୁ ତାଙ୍କୁ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛି। ଏଥିପାଇଁ ଓଡ଼ିଶାବାସୀ ଓ ସରକାରଙ୍କୁ ସାହାଯ୍ୟ ପାଇଁ ସେ ନିବେଦନ କରିଛନ୍ତି। ତେବେ ହ୍ୟୁମାନଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇପାରେ ବୋଲି ସୂଚନା ମିଳିଛି।

ଅପରପକ୍ଷେ, ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଚିନ୍ତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏମ୍ସର ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହ୍ୟୁମାନ ସାଗର ଓଡ଼ିଶାର ଜଣେ ଲୋକପ୍ରିୟ ପ୍ରତିଭାବାନ ସଙ୍ଗୀତଜ୍ଞ।



ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଡାକ୍ତରମାନେ ସର୍ବୋତ୍ତମ ଉଦ୍ୟମ ଜାରି ରଖନ୍ତୁ। ଆବଶ୍ୟକ ହେଲେ ଦିଲ୍ଲୀ ଏମ୍ସକୁ ତାଙ୍କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନା ଅନୁସାରେ, ହ୍ୟୁମାନ୍ ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ଅପରାହ୍‌ଣରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ବରିଷ୍ଠ ଇଣ୍ଟେନ୍ସିଭିଷ୍ଟ ଏବଂ ଇସିଏମଓ ସ୍ପେଶାଲିଷ୍ଟ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏମ୍‌ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି।

# ସୃଷ୍ଟି ହେଲା ୪୪୩୩ଟି ନର୍ସିଂ ଅଫିସର ପଦ

ଭୁବନେଶ୍ୱର, ୧୫।୧୧ (ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡର୍‌ର ଏହି ପଦଗୁଡିକ ସୃଷ୍ଟି କରାଯାଇଛି। ଏହି ପଦାଧିକାରୀମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ହେଲ୍‌ଥ ସେଣ୍ଟରଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏହି ନୂଆ ପଦବୀ ସୃଷ୍ଟିକୁ ଅର୍ଥ ବିଭାଗର ସହମତି ମିଳିଥିବାବେଳେ ଖୁବ୍‌ଶୀଘ୍ର ପରୀକ୍ଷା, ପ୍ରଶିକ୍ଷଣ ଓ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ନିୟମାବଳୀ ପ୍ରକାଶ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଡ଼ିଗଲା ଥାନା...

ଘଟିଥିବା କୁହାଯାଉଛି। କିନ୍ତୁ ତାଙ୍କୁ ଚିହ୍ନଟ କରାଯାଇପାରିନାହିଁ। କୁହାଯାଉଛି ଯେ ଥାନାରେ ୩୬୦ କେଜି ବିସ୍ଫୋରକ ରଖାଯାଇଥିଲା।

ତେବେ ଏହି ବସ୍ଫୋରଣ ଏକ ଦୁର୍ଘଟଣା ଥିଲା ବୋଲି ଜମ୍ମୁ-କଶ୍ମୀର ଡିଜିପି ନୀଲମ ପ୍ରଭାତ କହିଛନ୍ତି। ନମୁନା ସଂଗ୍ରହ ବେଳେ ବି।।ସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରକ ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡା ମୁଜାମିଲ ଗନୋଇର ଭଡ଼ା ଘରୁ ଜବତ କରାଯାଇଥିଲା।। ପୁଲିସ ଏବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରିଦେଇଛି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସେମାନଙ୍କୁ ଭିତରକୁ ଛାଡୁନାହିଁ। ବିସ୍ଫୋରଣ କାରଣ ନେଇ ଯାଞ୍ଚ କରାଯାଉଛି ବୋଲି ଜମ୍ମୁ-କଶ୍ମୀର ଡିଭିଜନର ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଇତିମଧ୍ୟରେ ସିଆରପିଏଫ୍‌ର ଆଇଜି ଘଟଣାସ୍ଥଳକୁ ଯାଇଛନ୍ତି।

### ନୀତୀଶଙ୍କୁ ନେଇ...

ପରେ କହିଥିଲେ ଯେ ନୀତୀଶ ହିଁ ମୁଖ୍ୟମନ୍ତ୍ରୀ ରହିବେ। କିନ୍ତୁ ଆଜି ଦଳ ପକ୍ଷରୁ ସେପରି କିଛି କୁହାଯାଉ ନାହିଁ। ଗତକାଲି ବିଭିନ୍ନ ସ୍ଥାନରେ ପାର୍ଟି ପକ୍ଷରୁ ପୋଷ୍ଟର ଲଗାଯାଇଥିଲା। 'ଟାଇଗର ଅଭି ଜିନ୍ଦା ହୈ' ଏବଂ 'ହମାରେ ବିହାର କା ଏକ ଷ୍ଟାର, ହର ବାର ନୀତୀଶ କୁମାର' ବୋଲି ପୋଷ୍ଟରରେ କୁହାଯାଇଥିଲା। କିନ୍ତୁ ଆଜି ସମସ୍ତେ ନିରବ ରହିଛନ୍ତି। କେବଳ ଦଳୀୟ ନେତା ଶ୍ୟାମ ରଜାକ କହିଛନ୍ତି ଯେ 'କେବଳ ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବେ। ଶପଥ ଗ୍ରହଣ ଉତ୍ସବ କେବେ ହେବ, ତାହା ନୀତୀଶ କୁମାର ହିଁ ସ୍ଥିର କରିବେ।'

ଅନ୍ୟପକ୍ଷରେ ବିଜେପି ନେତାମାନେ ଏହାକୁ ନେଇ ଚୁପ୍ ରହିଛନ୍ତି। କେନ୍ଦ୍ର କିମ୍ବା ରାଜ୍ୟର କୌଣସି ନେତା ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ଏଥର ମୁଖ୍ୟମନ୍ତ୍ରୀ ପଦ ବିଜେପିକୁ ମିଳିବା ଉଚିତ ବୋଲି ରାଜ୍ୟର ନେତାମାନେ ଜୋରଦାର ଦାବି କରିଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ନିର୍ବାଚନରେ ଜେଡିୟୁ ଠାରୁ ବିଜେପି ଅଧିକ ଆସନ ପାଇଛି ଏବଂ ଦ୍ୱିତୀୟତଃ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଦଳ ପକ୍ଷରୁ ନିର୍ବାଚନ ପୂର୍ବରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ। ନୀତୀଶ ରାଜି ନହେଲେ ଅନ୍ୟ ଦଳ ସହାୟତାରେ ବିଜେପି ସରକାର ଗଠନ କରିପାରିବ ବୋଲି ସେମାନେ କହିଛନ୍ତି। ଏହାକୁ ନେଇ ବିଜେପି ଭିତରେ ବିଚାର ଆଲୋଚନା ଚାଲିଛି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ହାଇକମାଣ୍ଡ ନେବେ ବୋଲି ସେମାନେ କହିଛନ୍ତି।

ଗତକାଲି ଘୋଷିତ ଫଳାଫଳ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ବିଜେପିକୁ ସର୍ବାଧିକ ୮୯ଟି ଆସନ ମିଳିଥିବା ବେଳେ ଜେଡିୟୁକୁ ୮୫, ପାଶ୍ୱାନଙ୍କ ଏଲଜେପିକୁ ୧୯, ହାମ୍‌କୁ ୫ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାକୁ ୪ଟି ଆସନ ମିଳିଛି। ସରକାର ଗଠନ ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ବିଜେପିକୁ ଆଉ ୩୩ ବିଧାୟକଙ୍କ ସମର୍ଥନ ଦରକାର। କୁହାଯାଉଛି ଯେ ନୀତୀଶ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନହେଲେ ଜେଡିୟୁକୁ ବାଦ ଦେଇ ଅନ୍ୟ ଛୋଟ ଛୋଟ ଦଳର ବିଧାୟକଙ୍କର ସମର୍ଥନ ନେଇ ବିଜେପି ସରକାର ଗଠନ କରିପାରିବ। ଏଥିରେ ଏଲ୍‌ଜେପିର ୧୯, ହାମ୍‌ର ୫ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ୪ ବିଧାୟକ ରହିଛନ୍ତି। ଏମାନଙ୍କୁ ମିଶାଇଲେ ବିଜେପିକୁ ୧୧୭ ବିଧାୟକଙ୍କ ସମର୍ଥନ ମିଳିଯାଉଛି। ଆଉ ୫ ବିଧାୟକଙ୍କ ସମର୍ଥନ ଯୋଗାଡ଼ କରାଯାଇପାରିବ ବୋଲି ରାଜ୍ୟ ଦଳୀୟ ନେତା ଜଣାଇଥିବା କୁହାଯାଉଛି। ତେବେ କେନ୍ଦ୍ରୀୟ ନେତା ନିରବ ରହିଥିବାରୁ ସ୍ପଷ୍ଟ ଭାବେ କିଛି ଜଣାପଡୁ ନାହିଁ।

### ଆଳୁ କେଜି...

ଏହି ଆଳୁ ବର୍ଷକୁ କେବଳ ୧୦୦ ଟନ୍ ଉତ୍ପାଦନ ହେଉଛି। ପ୍ରତି ବର୍ଷ ମେ' ଏବଂ ଜୁନ୍‌ରେ ଏହାର ବିକ୍ରି ହୋଇଥାଏ। ଆଟଲାଣ୍ଟିକ ମହାସାଗରର ଲୋଇରା ଅଞ୍ଚଳ ସ୍ଥିତ ଫ୍ରାନ୍ସର 'ନୋଇରମୌସିର' ଦ୍ୱୀପରେ ଏହି ଆଳୁ ଚାଷ କରାଯାଉଛି। ନିଆରା ସ୍ୱାଦ କାରଣରୁ ଏହାର ଚାହିଦା ଅଧିକ ରହିଛି। ଉତ୍ପାଦନ ଅଧିକ ହେଉ ନ ଥିବାରୁ ଏହାର ମୂଲ୍ୟ ବଢ଼ି ବଢ଼ି ଚାଲିଛି। ସ୍ଥାନୀୟ ଚାଷୀ 'ବିନୋଇଟ ବିନୋଟେ'ଙ୍କ ନାମରେ ଏହି ଆଳୁର ନାମକରଣ ହୋଇଛି। ପାରମ୍ପରିକ ଉପାୟରେ ଏହି ଆଳୁ ଚାଷ କରାଯାଉଛି। ଉତ୍ପାଦନରେ ମେସିନର ବ୍ୟବହାର କରାଯାଏ ନାହିଁ। ଏହି ଆଳୁ ଛୋଟ ହୋଇଥିଲେ ମଧ୍ୟ ଚୋପା ବହୁତ ପତଳା। ସାଧାରଣତଃ ଏହାକୁ ସିଝାଇ ଲୁଣ ଏବଂ ଲହୁଣୀ ସହ ଖିଆଯାଇଥାଏ।

### ଜାଡ଼ରେ ଥରୁଛି...

ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ରବିବାର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ ଶୀତ ଲହରୀ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଶିମିଳିପାଳରେ ଆଜି ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅଧୀନ ଉପରବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩, ଚହଲା ରେଞ୍ଜରେ ୭, ବରେହିପାଣିରେ ୯, ଗୁଡୁଗୁଡିଆରେ ୧୦, ରାମତୀର୍ଥ ଓ ସାତକୋଶିଆରେ ୧୪ ଓ କିଆଝରୀରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହା ଚଳିତ ବର୍ଷର ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା ୫ବାଲି କୁହାଯାଉଛି।

### ଦୁଇ ଦିନରେ...

ମଧ୍ୟରୁ ୧୨ଜଣ ସ୍ପିନରଙ୍କ ଶିକାର ହୋଇଥିଲେ। ଭାରତର ଅଧିନାୟକ ଶୁବମନ୍ ଗିଲ ରିଟାୟାର୍ଡ ହର୍ଟ୍ ହୋଇ ପାଭିଲିୟନ ଫେରିଥିଲେ। ପିଚ୍ ସଂପର୍କରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ୍ ଭନ୍ ଏହା ଏକ 'ଭୟଙ୍କର' ପିଚ୍ ବୋଲି କହିଥିବା ବେଳେ ଅନୀଲ୍ କୁମ୍ବଲେ ବାମହାତୀ ବ୍ୟାଟ୍ସମ୍ୟାନ୍‌ଙ୍କୁ ଏହି ପିଚ୍ ସୁହାଇଥାଏ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ଏଭଳି ଫଳାଫଳ ଦେଖି ବହୁ ଦର୍ଶକ ଓ କ୍ରିକେଟ୍ ଫ୍ୟାନ୍‌ମାନେ ଇଡେନ୍‌ରେ ଆଉ ଟେଷ୍ଟ ମ୍ୟାଚ୍ ଆୟୋଜନ ନ କରିବାକୁ ଦାବି କରିଛନ୍ତି।


## AFFIDAVIT

I, Babita Jena, aged about 42 years, W/o- Pramod Kumar Jena, resident of At- Dolamandap Sai, Patia, PS- Infocity, Bhubaneswar, PIN- 751001, Dist- Khordha, Odisha declared by this affidavit No. 46, dtd- 12/11/2025 that now onwards I shall be known as **BEBITA JENA** for all future purposes instead of Babita Jena.

## AFFIDAVIT

By virtue of an affidavit (CF No.10, dtd- 14/11/2025) sworn before the Notary Public, Padampur. I, **Bina Suna,** W/o Bihari Suna, resident of Khuntpali, PS- Gaisilat, Dist- Bargarh, PIN- 768036, Odisha declare that I have changed the name of my minor son from **Donraj Suna** (old name) to **Akant Prasad Suna** (new name). Henceforth, he shall be known as **Akant Prasad Suna** for all purposes.

**Bina Suna**

## AFFIDAVIT

I, Tellavadu, aged about 60 years, S/o- G Enkeya, resident of At- Plot No. 62/3726, Jagannath Nagar, GGP Colony, Rasulgarh, Bhubaneswar, PS- Mancheswar, Dist- Khordha, PIN- 751010, Odisha declared by this affidavit No. 2331, dtd- 15/11/2025 that now onwards I shall be known as **G TELEDU** for all future purposes.

## AFFIDAVIT

By virtue of an affidavit no-1642 sworn before the Executive Magistrate, Dhenkanal on dtd- 09/10/2025, I **Mita Padhan**, resident of At- Chhadasingh, Po- Badanagena, Ps- Sadar, Dist- Dhenkanal, Pin- 759014, Odisha, I have changed my name from **Rasmita Dehury** (old name) to **Mita Padhan** (new name). Henceforth, both name **Rasmita Dehury** and **Mita Padhan** is one & same person & I will be known as **Mita Padhan** for all future purposes.

**Sd/- Mita Padhan**

**IN THE COURT OF THE CIVIL JUDGE (SR. DIVISION) RANAPUR**

**C.S. No 249/18**

**ମନୋଜ କୁମାର ଭୂୟାଁ ...ବାଦୀ**

ବନାମ

**ଅମରୀ ଦତ୍ତ ଏବଂ ଅନ୍ୟମାନେ ...ପ୍ରତିବାଦୀ**

**Summon U/O R.5. Rule.20 C.P.C**

ପ୍ରାପ୍ତେଷୁ,

ଧରଣୀଧର ମଣ୍ଡଳ, ପିତା- ରଘୁ ମଣ୍ଡଳ, ସା- ପାଟବେରଣା, ପୋ- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା-ନୟାଗଡ଼ ।

ଉପରଲିଖିତ ବାଦୀ ଏହି ଭାଗ ବଣ୍ଟା ମକଦ୍ଦମା ତୁମ ବିପକ୍ଷରେ ଆଣିଛନ୍ତି ଓ ଏଥିରେ ତୁମ ପାଖକୁ ପଠାଯାଇଥିବା ଅଦାଲତ ସମନକୁ ତୁମେ ଉପେକ୍ଷା କରିଛ ଏଥିନିମନ୍ତେ, ତୁମକୁ ଆଦେଶ ଦିଆଯାଇଛି କି ତୁମେ ଏହି ଦିନ ତା. ୦୮/୧୨/୨୦୨୫ ସମୟ ୧୦.୩୦ମିରେ ଅଦାଲତରେ ଉପସ୍ଥିତ ରହିବ ଅଥବା ତୁମ ବିନା ଉପସ୍ଥିତିରେ ଏହି ମୋକଦ୍ଦମା ଶୁଣାଣି ହେବ ।

ଜମିଜମା ବିବରଣୀ- ତହସିଲ-ଥାନାରଣପୁର ଜିଲ୍ଲା-ନୟାଗଡ଼, ମୌ-ରଣପୁରଗଡ଼, ଖା -ନଂ- ୬୧, ଖା-ନଂ୧୫, 'ଖା-ନଂ୨୨୭, ଖା-ନଂ ୬୮

ଏଥିରେ ମୋର ଦସ୍ତଖତ ସହିତ କୋର୍ଟର ସିଲ୍ ଦିନ ୧୩-୧୧-୨୦୨୫ ।

**ସିଭିଲ୍ ଜଜ୍ (ସି) ଡିଭିଜନ ରଣପୁର**

## LOST

**I, Khageswar Behera, S/o- Late Panchanan Behera,resident of At-Dharosyamsundarpur,P.O- Sukleswar, P.s- Mahanga, Dist- Cuttack. Declare that my original Sale deed vide No-433 dated 16/03/1996 has been lost at any where inspite of my best efforts I could not able trace it out.If anybody has got interest in any manner on the above property in question, may put forth his grievance/complain with supporting documents within 15days of this publication notice, before the advocate mentioned below.**

**Name- Diptimayee sahoo,**

**Mobile no - 7978874629.**

## AFFIDAVIT

I, Birendra Kishore Tripathy Sharma, aged about 71 years, S/o- Narasingh Tripathy resident of At: Plot No-1533p, Lane-9, Kukuteswar Colony, Aerodrome Area, Bhubaneswar, Dist- Khurda, Pin- 751020, Odisha declare by this affidavit No.2331, dtd- 15/11/2025, that now onwards I shall be known as **BIRENDRA KISHORE TRIPATHY** for all future purposes.

## AFFIDAVIT

By virtue of an affidavit sworn before the Notary Public, Swampatna, dated- 14/11/2025 vide No.5249, I Rani Kisku, D/o- Jamuna Tudu, resident of At/Po- Damahuda, Ps- Patna, Dist- Keonjhar, Odisha declare that I have changed my name from **Rani Kisku,** D/o- Jamuna Tudu to **Rani Tudu,** D/o- Jamuna Tudu. Henceforth, I shall be known as **Rani Tudu,** D/o- Jamuna Tudu for all future purposes.

**Rani Tudu**

## AFFIDAVIT

I, Mohammad Hamid Akhter, aged about 61 years, H/o- Farzana Rahman, Resident of Flat No: 4/A4-08, Hi-Tech Heaven Apartment, Matiapada-II, Po- Govindpur, Dist-Puri, Odisha, Pin- 752104 declare by this affidavit No. 947, dated- 15/11/2025 that now onwards I shall be known as **MD HAMID AKHTAR** for all future purposes.

## ଘୋଷଣାନାମା

ଶ୍ରୀ ଗଦାଧର ବେହେରା ପି.: ୰ ପ୍ରାଣବନ୍ଧୁ ବେହେରା, ଗ୍ରା/ପୋ-ବଡ ଖଲାଡି, ଥାନା- କପ୍ତିପଦା, ଜିଲ୍ଲା- ମୟୂରଭଞ୍ଜ, ପି. କୋଡ- ୭୫୭୦୪୦, ଏତଦ୍ୱାରା ଘୋଷଣା କରୁଅଛୁ କି ମୋର ପୁଅର ନାମ ସାଧୀନ ଭାରତ ଥିଲା । ଏହି ନାମଟି ତାହାର ଜନ୍ମ ପ୍ରମାଣ ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ପାନ କାର୍ଡ ଆଦିରେ ସାଧୀନ ଭାରତ ଭାବେ ସ୍ଥାନ ପାଇଅଛି । ତାହାର ପାସପୋର୍ଟ ଓ ଅନ୍ୟାନ୍ୟ କାଗଜାତ ନିମେନ୍ତ ବର୍ତ୍ତମାନ ତାହାର ନାମକୁ ସାଧୀନ ରଖାଗଲା ଓ ସଂଜ୍ଞା ଭାବରେ ଭାରତ ରଖାଗଲା । ଉକ୍ତ ବିଷୟ Executive Magistrate cum Addl. Tahasildar, ବାରିପଦାଙ୍କ ସମ୍ମୁଖରେ ଏଫିଡେଭିଟ କରାଯାଇଛି । ବର୍ତ୍ତମାନ ଠାରୁ ତାର ନାମ ସାଧୀନ ଏବଂ ସଂଜ୍ଞା ଭାରତ ଭାବେ ପରିଚୟ ପାଇବେ ।

**ସା/- ଗଦାଧର ବେହେରା**

## AFFIDAVIT

By virtue of an affidavit No. 6029 sworn before the Executive Magistrate, Champua on dated- 01/11/2025, I **Pabani Mahanta,** W/O- Pramod Mahanta resident of Vill- Banguriposi, Po- Padua, Ps- Baria, Dist- Keonjhar, Odisha, Pin-758032, I have changed my minor daughter's name from **Rreetimai Mahanta To Preetimayee Mahanta.** Henceforth she shall be known as **Preetimayee Mahanta** for all future purposes.

**Pabani Mahanta**

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା,
ଫୋନ୍: ୦୬୮୦-୨୨୨୫୨୭୨

## ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, **୨) ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, **୩) ଶ୍ରୀମତୀ ସୋରାଲୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, **୪) ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, **୫) ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ଦୁର୍ଗା ପ୍ରସାଦ ପ୍ରଧାନ,** ପିତା: ଉମାକାନ୍ତ ପ୍ରଧାନ, ସା: ବଡ଼ସାହି, ସାହାପୁର, ପୋ.: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା | **୧) ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, **୨) ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, **୩) ଶ୍ରୀମତୀ ସୋରାଲୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, **୪) ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, **୫) ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ (ମିଳିତ ସମ୍ପତ୍ତି) ଯାହାର ପ୍ଲଟ୍ ନଂ.: ୪୫୨୩, ଖାତା ନଂ.: ୧୮୬୩, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଗ୍ରାମ/ମୌଜା: ସୁନାଥର, ରେଭିନ୍ୟୁ ସର୍କଲ: ପୁରୁଷୋତ୍ତମପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବସନ୍ତିଆଙ୍କ ଜମି, ପଶ୍ଚିମ: ଶ୍ରୀ ତ୍ରିନାଥ ବସନ୍ତିଆଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୯.୦୮.୨୦୨୩ / ୦୨.୦୧.୨୦୨୪ / ୧୪.୧୧.୨୦୨୫ |
| **ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୯୩୨୬୯୦୩୦୩୧ /** **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ୱାଧିକାରୀ: ସୁକେଶ କୁମାର ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟ: ସୁଶିଳା ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀମତୀ ସୁଶିଳା ପଣ୍ଡା,** ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ୍ଡ ଷ୍ଟ୍ରିଟ୍‌ର ସାଉଦର୍ଣ୍ଣ ରୋଡରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୂଲ୍ୟା ନଦୀ | ୦୭.୦୬.୨୦୨୨ / ୨୬.୦୮.୨୦୨୨ / ୧୪.୧୧.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** **ଋଣଗ୍ରହୀତା: ମେସର୍ସ କାଜଲ ପ୍ଲାଏଉଡ୍ସ, ସ୍ୱତ୍ୱାଧିକାରୀ: ଭଞ୍ଜରାମ ମହାରଣା,** ସା: ପିଡବ୍ଲୁଡି ଅଫିସ୍ ଏବଂ ଲକ୍ଷ୍ମୀ ନାଏକ କଲ୍ୟାଣୀ ମଣ୍ଡପ ନିକଟ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪ / **ଋଣଗ୍ରହୀତା/ବନ୍ଧକଦାତା: ଭଞ୍ଜରାମ ମହାରଣା,** ପିତା: ଅର୍ଜୁନ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ / **ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀ ମହାରଣା,** ସ୍ୱାମୀ: ଭଞ୍ଜରାମ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ | **ଭଞ୍ଜରାମ ମହାରଣାଙ୍କ** ନାମରେ ଥିବା ଗୃହ ସମ୍ପତ୍ତି (ଘରବାରୀ) ଯାହାର ରେଭିନ୍ୟୁ ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଇଲୁଣ୍ଡି, ଥାନା: ବୈଦ୍ୟନାଥପୁର, ତହସିଲ/ ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୨୩୦/ ୬୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ | ୨୯.୦୪.୨୦୨୫ / ୩୦.୧୦.୨୦୨୫ / ୧୪.୧୧.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** **୧) ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, **୨) ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, **୩) ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, **୪) ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୧୪.୧୧.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **ଋଣଗ୍ରହୀତା: ଏନ୍ ସୀମା ପାତ୍ର,** ପିତା: ଏନ୍. ବାୟା ପାତ୍ର / **କୋ-ଆପ୍ଲିକାଣ୍ଟ: ଏନ୍. ପର୍ଶୁରାମ ପାତ୍ର,** ପିତା: ଏନ୍. ସୀମା ପାତ୍ର, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣିଆପଲ୍ଲୀ, ପୋ.: ଛତ୍ରପୁର, ଗଞ୍ଜାମ-୭୬୧୦୨୦ | ଏନ୍ ସୀମା ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୯୩/୧୭୮୩, ଖାତା ନଂ.: ୨୯୬/୧୫୫, ମୌଜା: ବ୍ରାହ୍ମଣିଆପଲ୍ଲୀ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୦ଡିସିମିଲି ଯାହା ୪୩୫୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ବୁଦ୍ଧିଆ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୨), ପଶ୍ଚିମ: ପ୍ଲଟ୍ ନଂ.: ୭୮୬ ଏବଂ ୭୮୭, ପିଏଚ୍‌ଡି ରୋଡ୍, ଉତ୍ତର: ଏନ୍. ସୀମା ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୮୯), ଦକ୍ଷିଣ: ବି. ଚନ୍ଦ୍ରୁ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୩) | ୩୧.୦୩.୨୦୨୧ / ୩୦.୧୦.୨୦୨୧ / ୧୪.୧୧.୨୦୨୫ |
| **ନୀଳକଣ୍ଠନଗର ଶାଖା, ଫୋନ୍: ୯୮୬୧୨୮୧୨୩୪/** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାନ୍ତି ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୧୮ | **ଶ୍ରୀ ନୀଳକଣ୍ଠ ମହାନ୍ତିଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ଜମି ଯାହାର ଖାତା ନଂ.: ୧୫୩୦/୭୯୪୦, ପ୍ଲଟ୍ ନଂ.: ୪୨୬୭/୧୫୬୩୯/ ୧୬୮୩୬, କ୍ଷେତ୍ର: ଏକର୦.୦୧୪୫/୧୦ ଡିସିମିଲି, ରେଭିନ୍ୟୁ ମୌଜା: ଭାବିନିପୁର, ଅଳକାପୁରୀ, ୟୁସି ଇଞ୍ଜିନିୟରିଙ୍ଗ୍ ସ୍କୁଲ ନିକଟ, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ପଣ୍ଡାଙ୍କ ସମ୍ପତ୍ତି, ପଶ୍ଚିମ: ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୧.୧୦.୨୦୧୯ / ୦୩.୦୧.୨୦୨୦ / ୧୪.୧୧.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ /** **୧) ମେସର୍ସ ପାତ୍ର ଜୁଏଲାରୀ, ସ୍ୱତ୍ୱାଧିକାରୀ: ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **୨) ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **୩) ପି ସଂଯୁକ୍ତା ପାତ୍ର,** ସ୍ୱାମୀ: ପି ଗୌରୀ ଶଙ୍କର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **୪) ୰ ପି ଦେବେନ୍ଦ୍ର ପାତ୍ର(ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: କ) ପି ତେଜଲକ୍ଷ୍ମୀ ପାତ୍ର,** ସ୍ୱାମୀ: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଖ) ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଗ) ପି କୈଳାସ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଘ) ପି ତ୍ରିପତି ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଙ) ପି ପୂର୍ଣ୍ଣ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା | **୧) ୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ **ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮୦, ଖାତା ନଂ.: ୭୨୨, କ୍ଷେତ୍ର: ଏକର୦.୦୫୭ ଡ଼ିସିମିଲି ଯାହା ୨୪୮୩ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୌରୀଶଙ୍କର ପାତ୍ରଙ୍କ ଗୃହ, ପଶ୍ଚିମ: ସନ୍ତୋଷ ସାହୁଙ୍କ ଗୃହ, ଉତ୍ତର: ବଡ଼ ନଦୀ, ଦକ୍ଷିଣ: ରାଜ ଦାଣ୍ଡ, **୨) ୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ **ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୯, ଖାତା ନଂ.: ୬୧୮, କ୍ଷେତ୍ର: ଏକର୦.୦୩୮ ଡ଼ିସିମିଲି ଯାହା ୧୫୭୫ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପି ସୁବାଷ ଚନ୍ଦ୍ର ପାତ୍ରଙ୍କ ଗୃହ, ପଶ୍ଚିମ: ପି ଦେବେନ୍ଦ୍ର ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୪.୦୯.୨୦୨୦ / ୧୦.୧୨.୨୦୨୧ / ୧୪.୧୧.୨୦୨୫ |
| **ବାରାକ୍ସ ଶାଖା, ଫୋନ୍: ୭୮୦୦୦୧୬୮୦୦ /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଭି ଜ୍ୟୋତି,** ସ୍ୱାମୀ: ଭି କାଳି / **ଗ୍ୟାରେଣ୍ଟିଦାତା: ଶ୍ରୀ ଭି ଭୋଟିକଳା କାଳି,** ପିତା: ଭି ଦଣ୍ଡାସି, ଉଭୟଙ୍କ ଠିକଣା- ସା: କାମ୍ପ ସାହି, କାପୁ ଷ୍ଟ୍ରିଟ୍, ୧ମ ଲେନ୍, କେ ସି ଟାଉନ୍ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ଆଇନଗତ ମତାମତ ଅନୁଯାୟୀ **ଶ୍ରୀମତୀ ଭି ଜ୍ୟୋତିଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୮/୯୪୯, ଖାତା ନଂ.: ୮୯/୨୦୨, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭, ଖାତା ନଂ.: ୧୨୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, ରେଭିନ୍ୟୁ ମୌଜା: ସତ୍ୟନାରାୟଣପୁର, ରେଭିନ୍ୟୁ ସର୍କଲ: ବ୍ରହ୍ମପୁର, ଥାନା: ଟାଉନ୍ ଥାନା, ଏସ୍‌ଆରଓ: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | ୧୪.୦୯.୨୦୨୩ / ୦୮.୧୨.୨୦୨୩ / ୧୪.୧୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସ୍ଥାନ: ବ୍ରହ୍ମପୁର**
**ତାରିଖ: ୧୫.୧୧.୨୦୨୫**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

ସକାଳ THE SAKALA



## ଖୋଲିଲା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ

# ପ୍ରଥମ ଦିନରେ ୩୦ ପର୍ଯ୍ୟଟକ



ଗଣିଆ,୧୫ା୧୧(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳ ମଙ୍ଗାନାସୀଠାରେ ଥିବା ପର୍ଯ୍ୟଟନସ୍ଥଳୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଶନିବାର ମଧ୍ୟାହ୍ନରେ ପର୍ଯ୍ୟଟକଙ୍କ ପାଇଁ ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ୧୪ଟି କଟେଜ ବୁକିଂ ହୋଇଥିବା ବେଳେ ୩୦ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡିଛି। ରିସୋର୍ଟ ତରଫରୁ ସେମାନଙ୍କୁ ଗୋଲାପ ଫୁଲ ଏବଂ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଭୁବନେଶ୍ୱରର ପର୍ଯ୍ୟଟକ ଅମିତ ବକ୍ସି ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ପର୍ଯ୍ୟଟନ ସ୍ଥଳୀକୁ ପରିଚାଳନା କରୁଥିବା ମୁଦୁଲିଗାଡ଼ିଆ ଗ୍ରାମର ମା' ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟସଭ୍ୟାଙ୍କ ଦ୍ୱାରା ରଙ୍ଗବେରଙ୍ଗର ଫୁଲ ଓ ବେଲୁନରେ ସଜା ଯାଇଥିଲା। ସ୍ୟାଣ୍ଡ ରିସୋର୍ଟ ପରିସରରେ ଥିବା ଡାଇନିଂ ହଲ୍ (ଯାହାକି ଚାଳ ଛପରରେ ନିର୍ମିତ) ପର୍ଯ୍ୟନ୍ତ ମାଟିରେ ଲିପାଲିପି କରିବା ସହିତ ବିଭିନ୍ନ ପ୍ରକାରର ଝୋଟି ଏବଂ ଚିତା ପକାଯାଇଥିଲା। ଦିନକୁ ଦିନ ଏହି ପରିବେଶ ପର୍ଯ୍ୟଟନସ୍ଥଳୀ ଜନଆଦୃତି ଲାଭ କରୁଥିବା ବେଳେ ଅନ୍‌ଲାଇନ ଜରିଆରେ ବୁକିଂ କରି ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ କଟେଜ ଗୁଡିକ ବୁକିଂ ଥିବା ଜଣାପଡିଛି। ଅପରାହ୍ନରେ ରେଞ୍ଜର ଲକ୍ଷ୍ମୀନାରାୟଣ ପଣ୍ଡା ରିସୋର୍ଟ ପରିସରରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ଡ୍ରେନ୍ ମରାମତିରେ କେଳେଙ୍କାରୀ

# ପାଣିରେ ପଡ଼ିବ ୮ କୋଟି ଟଙ୍କା

ନୟାଗଡ଼,୧୫ା୧୧(ସମିସ)

ନୟାଗଡ଼ ପୌର ପରିଷଦ ଅଧୀନସ୍ଥ ନୟାଗଡ଼ ସହରରେ ରହିଥିବା ବିଭିନ୍ନ ସାହି, ଗଳି ଏବଂ କଲୋନୀ ଗୁଡ଼କରେ ରହିଥିବା ଡ୍ରେନ୍ ଗୁଡ଼ିକ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ଏଥିପାଇଁ ଦୁଇଟି ଟେଣ୍ଡର ଜରିଆରେ ୮ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟକୁ ୯୦ଟି ଭାଗରେ ବିଭକ୍ତ କରାଯାଇଛି। କିଛି ରାସ୍ତା କାମ ସହ ଡ୍ରେନ୍ ମରାମତି କାର୍ଯ୍ୟ ରହିଛି। ସହରର ସମସ୍ତ ସ୍ଥାନରେ କାର୍ଯ୍ୟ ପାଇଥିବା ଠିକାଦାରମାନେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପୌର ପରିଷଦ ଜେଇ, ଏଇଇଙ୍କ ଅନୁପସ୍ଥିତିରେ ଯେନତେନ କାର୍ଯ୍ୟ କରାଯାଉଛି। ଜେଇ, ଏଇଇଙ୍କ ଅନୁପସ୍ଥିତିରେ ଠିକାଦାରମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଡ୍ରେନରୁ ମାଟି ସଫେଇ, ମରାମତି ଏବଂ ସ୍ଲାବ ପକାଇବା ପାଇଁ ପୌର ପରିଷଦ ପକ୍ଷରୁ ଯୋଜନା କରାଯାଇଥିବା ବେଳେ କାମ ପାଇଥିବା ଠିକାଦାରମାନେ କେବଳ ଉଚ୍ଚତା ବୃଦ୍ଧି କରି ସ୍ଲାବ ପକାଉଥିବା ଦେଖିବାକୁ ମିଳିଛି। ପୌର ପରିଷଦ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଏହି ଅର୍ଥ ପାଣିରେ ପଡ଼ିବ ବୋଲି ଅଭିଯୋଗ ହେଉଛି। ବିଭିନ୍ନ ସାହିବାସିନ୍ଦା ମନ୍‌ମାନୀରେ ହେଉଥିବା କାର୍ଯ୍ୟକୁ ବିରୋଧ କରୁଥିବା ବେଳେ କେହି ଶୁଣିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି।

**● ଜେଇ, ଏଇଇଙ୍କ ଅନୁପସ୍ଥିତିରେ ଚାଲିଛି କାର୍ଯ୍ୟ**

**● କେବଳ ଉପରେ ସ୍ଲାବ୍ ପକାଇ ହରିଲୁଟ ମସୁଧା**

ସହରରେ ଏକ ସାଙ୍ଗରେ ୮୦ରୁ ଊର୍ଦ୍ଧ୍ୱ କାର୍ଯ୍ୟ କରାଯାଉଥିବା ବେଳେ ପୌର ପରିଷଦ ଜେଇ, ଏଇଇ ନୀରବ ଦ୍ରଷ୍ଟା ସାଜୁଛନ୍ତି। କୌଣସି ସ୍ଥାନରେ ଜେଇ, ଏଇଇଙ୍କୁ ଦେଖିବାକୁ ମିଳୁନାହିଁ। ପୌର ପରିଷଦ ଡ୍ରେନ୍ ସଫେଇ ଓ ସ୍ଲାବ୍ ପକାଇବା ନାଁରେ କେବଳ ଠିକାଦାର ପୋଷିବା ସାରହେଉଛି। ପୌର ପରିଷଦର କିଛି କାଉନସିଲର କାମ ହାତେଇ ମନମାନୀ ଚଳାଇଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଡ୍ରେନ ତଳ ଅଂଶ ଫାଟି ଭାଙ୍ଗି ଯାଇଥିବା ବେଳେ ସେଗୁଡ଼ିକ ମରାମତି ନକରି ଉପରେ ସ୍ଲାବ୍ ପକାଯାଉଛି। ପୌର ପରିଷଦ ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଏଭଳି ଅନିୟମିତତାକୁ ରୋକ ଲଗାଇବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଡ୍ରେନ ମରାମତି ଆଳରେ ପୌର ପରିଷଦ ଏକ ବଡ଼ କେଳେଙ୍କାରୀକୁ ସୁଯୋଗ ଦେଇଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଆଖି ଆଗରେ ସରକାରୀ ଅର୍ଥର ଅପବ୍ୟବହାର ହେଉଥିବା ବେଳେ ସମସ୍ତ ଜାଣିଶୁଣି ନୀରବ ରହିଛନ୍ତି। ପୌର ପରିଷଦ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କହିଛନ୍ତି। ଲୋକ ସଚେତନ ହୁଅନ୍ତୁ, କୌଣସି ସ୍ଥାନରେ କାମ ନିମ୍ନମାନର ହେଉଥିଲେ ତୁରନ୍ତ ଅଭିଯୋଗ କରନ୍ତୁ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ



ନୟାଗଡ଼,୧୫ା୧୧(ସମିସ): ନୟାଗଡ଼ ବ୍ଲକ ଅନ୍ତର୍ଗତ ପାଣିପୋଇଲା ସରସ୍ୱତୀ ଶିଶୁମନ୍ଦିର ଷୋଡ଼ଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାମନ୍ଦିର ସମ୍ପାଦକ ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିବା ସହିତ ସ୍ୱାଗତ ଅଭିଭାଷଣ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାମୋହନ ପତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ୟଙ୍ଗକବି ରବିନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ତଥା ବ୍ୟଙ୍ଗକବି ପ୍ରତାପ କୁମାର ସାହୁ ଏବଂ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କ୍ରିଦାଶପୁରର ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଯୋଗ ଦେଇ ଶିଶୁମନ୍ଦିରର ଶିକ୍ଷାଦାନ ବ୍ୟବସ୍ଥା ଶିଶୁର ସାମଗ୍ରିକ ବିକାଶରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା କମିଟିର ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ମହାନ୍ତି ଶିଶୁଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅଟୋ ଦୁର୍ଘଟଣାରେ ଜଣେ ଗୁରୁତର

ଗଣିଆ, ୧୫ା୧୧(ସମିସ): ଗଣିଆ ଥାନା ଅନ୍ତର୍ଗତ କିଶୋର ପ୍ରସାଦ ଠାରେ ଶନିବାର ଏକ ଅଟୋ ଧକ୍କାରେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ଜଣକ ବୈଦେଶ୍ୱର ଅଞ୍ଚଳର ବୋଲି ଜଣାପଡିଥିବା ବେଳେ ପରିଚୟ ମିଳି ପାରିନାହିଁ। ତାଙ୍କ ହାତ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପ୍ରବଳ ରକ୍ତସ୍ରାବ ହେଉଥିବା ଜଣାପଡିଛି। କିଶୋର ପ୍ରସାଦ ଗ୍ରାମର କିଛି ଯୁବକ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଅଟୋରେ ଆଣି ଗଣିଆ ମେଡିକାଲରେ ଭର୍ତ୍ତି କରିଥିଲେ। ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ହେଉ ନଥିବାରୁ ଗଣିଆ ମେଡିକାଲରେ ତାକୁ ବ୍ୟାଣ୍ଡେଜ କରି ନୟାଗଡ ମେଡିକାଲ ପଠାଇଥିବା ଜଣାପଡିଛି। ତାଙ୍କ ପରିବାରକୁ ଖବର ଦେବା ସହିତ ଗଣିଆ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଟୋଟି ସ୍ଥାନୀୟ ବିଜୟନଗର ଗ୍ରାମର ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

## ଚାକିରି କରାଇ ଦେବାକୁ ୧୫ ଲକ୍ଷ ଠକେଇ

# ମହିଳା ନେତ୍ରୀ କମଳିନୀ ଗିରଫ



ନୟାଗଡ଼,୧୫ା୧୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସ ଚାକିରି କରାଇ ଦେବାକୁ କହି ଅର୍ଥ ଠକେଇ କରିଥିବା ମହିଳା ନେତ୍ରୀ କମଳିନୀ ପାଟଶାଣୀକୁ ଗିରଫ କରିଛି। ୭ ଜଣ ଲୋକଙ୍କଠାରୁ ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି। ଇଟାମାଟି ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମର ରାକେଶ କୁମାର ଜେନାଙ୍କ ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୁଲିସ, ଏମ୍ସ ହସ୍ପିଟାଲ ପ୍ରଭୃତି ସ୍ଥାନରେ ଚାକିରି କରାଇ ଦେବାକୁ କହି ଅନେକ ଲୋକଙ୍କଠାରୁ କମଳିନୀ ଠକେଇ କରିଥିଲା। ଏହି ଠକେଇ କାର୍ଯ୍ୟରେ ଖୋର୍ଦ୍ଧା ଜିଲ୍ଲା ବାଘମାରି ଅଞ୍ଚଳର ଜଣେ ବ୍ୟକ୍ତି ଏବଂ କମଳିନୀଙ୍କ ଭାଇ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ କହିଛନ୍ତି। ୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ପ୍ରାଥମିକ ପଦକ୍ଷେପ ସ୍ୱରୁପ କମଳିନୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଇଟାମାଟି ଥାନା ଅଧିକାରୀ କହିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା




ଓଡ଼ଗାଁ,୧୫ା୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକସ୍ତରୀୟ ପ୍ରଥମ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଓଡ଼ଗାଁ ମହୋତ୍ସବ ପଡ଼ିଆ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡା.ପ୍ରକାଶ ଚନ୍ଦ୍ର ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା.ବସନ୍ତ କୁମାର ବେହେରା, ଜିଲ୍ଲା ସହକାରୀ ପ୍ରାଣୀ ସମ୍ପଦ ଅଧିକାରୀ ଡା. ପ୍ରିୟ ରଞ୍ଜନ ଦାସ, ପ୍ରାଣୀ ସମ୍ପଦ ଉପଖଣ୍ଡ ଅଧିକାରୀ ଡା.ତପନ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ଗାଁରେ ଗୋଶାଳା ନିର୍ମାଣ ପାଇଁ ଓଡ଼ଗାଁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ପ୍ରସ୍ତାବ ଉପରେ ବକ୍ତବ୍ୟ ରଖି ପ୍ରାୟ ଗୋଟିଏ ବର୍ଷ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମତ୍ସ୍ୟ ପାଇଁ ୪ ଜଣ, ପ୍ରାଣୀ ପାଳନ ପାଇଁ ୪ ଜଣ, ଜଣେ ଗୋରକ୍ଷକ ଏବଂ ଅନ୍ୟ ଜଣେ କ୍ଷୀର ବିକାଳି ଲାଭାର୍ଥି ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଜଣ ଚାଷୀଙ୍କୁ କାମଧେନୁ ଯୋଜନାରେ ଗୋପାଳନ ନିମନ୍ତେ ଅତିଥିଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ, ଜଳ ବିଭାଜିକା, ଓଡ଼ିଶା ଶ୍ରୀଅନ୍ନ ଅଭିଯାନ, ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ସମସ୍ତ ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସିର ଗୋପାଳକ, ପ୍ରାଣୀ ପାଳକ, ମତ୍ସ୍ୟ ଚାଷୀ ଓ ପଞ୍ଚାୟତ ଜନ ପ୍ରତିନିଧି ମାନଙ୍କ ସହିତ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଜନସମାଗମ ହୋଇଥିଲା।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଗଣିଆ,୧୫ା୧୧(ସମିସ): ଗଣିଆ ପୁଲିସ ପକ୍ଷରୁ ବସ୍‌ଷ୍ଟାଣ୍ଡ ପରିସରରେ ସାଇବର ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରୁ ଏକ ଶୋଭାଯାତ୍ରା ବାହାରି ଗଣିଆ ବଜାର ପରିକ୍ରମା କରି ବ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସଡିପିଓ ମଦନ ମୋହନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସାଇବର ସୁରକ୍ଷା ଅଭିଯାନର ନୋଡାଲ ଅଫିସର ସୁକାନ୍ତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ସରସ୍ୱତୀ ଜାନି, ଅତିରିକ୍ତ ବିଡିଓ ରତନଲାଲ ଲୋହରା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଅଞ୍ଚଳ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନାଟ୍ୟକାର ଗିରିଶ କୁମାର ମିଶ୍ରଙ୍କ ରଚିତ କ୍ଷୁଦ୍ର ନାଟକ 'ମାରିନେଲେ ମହାପାତ୍ରେ ଚାହିଁ ଥାରେ ଜଳକା' ଥାନା କର୍ମଚାରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିବେଟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଏସଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସଆଇ ମନୋରଞ୍ଜନ ପ୍ରଧାନ, ଏଏସଆଇ ଶାହା ଆଲାମ ଖାଁ, ଏଏସଆଇ ଦେବାଶିଷ ସେଠୀଙ୍କ ସମେତ ବହୁ ପୁଲିସ କର୍ମଚାରୀମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

# 'ପଠାଣି ସାମନ୍ତଙ୍କ ପାଇଁ ଏ ମାଟି ଗର୍ବିତ'



ଖଣ୍ଡପଡ଼ା,୧୫ା୧୧(ସମିସ): ଖଣ୍ଡପଡ଼ା ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ସମାରୋହ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ଅତିଥି ଭାବେ ଅନୁଷ୍ଠାନ ସଭାପତି ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ଓଡ଼ିଶା ଶିକ୍ଷା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାଶ, ଶିଶୁକବି କାଶୀନାଥ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ରଥ, ସଂସ୍କୃତ ଗବେଷକ ପଣ୍ଡିତ ମନୋଜ ଦାଶ, ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଶିକ୍ଷାନୁଷ୍ଠାନର ଉତ୍ତୋରତ୍ତର କାମନା କରିଥିଲେ। ପଠାଣିସାମନ୍ତଙ୍କ ପରିପ୍ରତିଭା ପାଇଁ ଏ ମାଟି ଯଶ ଅର୍ଜନ କରିବା ସହ ତାଙ୍କ ପାଇଁ ସମସ୍ତେ ନିଜକୁ ଗୌରବାନ୍ୱିତ ମନେ କରନ୍ତି ବୋଲି ପ୍ରଫେସର ଶ୍ରୀ ଆଚାର୍ଯ୍ୟ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ଖଣ୍ଡପଡ଼ାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରି ରୌପ୍ୟ ଜୟନ୍ତୀ ସମାରୋହ ଉତ୍ସବକୁ ସଫଳ କରାଇଥିଲେ।

# ନୀଳମାଧବ କଲେଜରେ ବିର୍ସା ମୁଣ୍ଡା ଜୟନ୍ତୀ

କଣ୍ଟିଲୋ, ୧୫ା୧୧(ସମିସ): ନୀଳମାଧବ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସହିତ ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ପରିସରରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏବିଭିପିର ନୟାଗଡ଼ ଜିଲ୍ଲା ସଂଯୋଜକ ମଙ୍ଗୁଲି ବେହେରା, ପୁରୀ ବିଭାଗର ଖେଲୋ ଭାରତ ପ୍ରମୁଖ ଭାବଗ୍ରାହୀ ପ୍ରଧାନ, କ୍ୟାମ୍ପସ ୟୁନିଟ୍ ସଭାପତି ସୂର୍ଯ୍ୟକାନ୍ତି ସ୍ୱାଇଁ, ଅଧ୍ୟାପକ ନିରୋଦ କୁମାର ମନ୍ତ୍ରୀ, ଦୀପା ମନ୍ତ୍ରୀ ଓ ମହାବିଦ୍ୟାଳୟର କ୍ୟାମ୍ପସ ୟୁନିଟ୍‌ର କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ଜିଲ୍ଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ

ଦଶପଲ୍ଲା,୧୫ା୧୧(ସମିସ): ଜନଜାତିଙ୍କ ଗର୍ବଗୌରବ ଓ ଆଦର୍ଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକ ପୂର୍ତ୍ତି ଅବସରରେ ନୟାଗଡ଼ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଦଶପଲ୍ଲା ବ୍ଲକର ଟାକରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ତହସିଲଦାର ଗ୍ରାମ ଜଙ୍ଗଲ ଅଧିକାର କମିଟିକୁ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଜିଲ୍ଲାର ପ୍ରାୟ ଏକ ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମରେ ଖାଇବାକୁ ନପାଇ ଅନେକ ଜନସାଧାରଣ ଫେରିଯାଇଥିବା ବେଳେ କାର୍ଯ୍ୟକ୍ରମରେ ପାନୀୟ ଜଳର



ଦଶପଲ୍ଲା ସ୍ମୃତିରଞ୍ଜନ ଶତପଥି ସହ କନ୍ଧମାଳ ସାଂସଦଙ୍କ ପ୍ରତିନିଧି କିଶୋର ଦଳବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ ମାଧ୍ୟମରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ଉପବିଭାଗ ତରଫରୁ ଧରିତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ତରଫରୁ ଛେଳି ଓ କୁକୁଡ଼ା ପାଳନ ନିମନ୍ତେ ପାଞ୍ଚ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜଙ୍ଗଲ ଜମି ଆଇନ୍ ମାଧ୍ୟମରେ ୨୧ ଗୋଟି ଗୋଷ୍ଠୀ ସମ୍ବଳ ପଟା (ଶିରୋନାମା) କୌଣସି ବ୍ୟବସ୍ଥା କରାନଯାଇଥିବା ଅଭିଯୋଗ କରିଥିଲେ ସାଧାରଣ ଲୋକେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଡକାଯାଇଥିବା ବେଳେ ତାଙ୍କ ବସିବା ପାଇଁ କୌଣସି ସୁବନ୍ଦୋବସ୍ତ କରାଯାଇନଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏ ସମସ୍ତ ଘଟଣାକୁ ନେଇ କିଛି ସମୟ ଜନସାଧାରଣଙ୍କ ହୋହାଲ୍ଲା କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମୁଖ୍ୟଅତିଥି ତଥା ଖଣ୍ଡପଡା ବିଧାୟକ ଶ୍ରୀ ସ୍ୱାଇଁ ଜାଣିବା ପରେ ତୁରନ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବି ବୋଲି ପ୍ରତିକ୍ରିୟା ରଖିଥିଲେ।

## ଜିଲ୍ଲା ପରିଷଦ ସ୍ୱତନ୍ତ୍ର ସମୀକ୍ଷା ବୈଠକ

# ୩ ବର୍ଷର କାର୍ଯ୍ୟ ତାଲିକା ପ୍ରଦାନ ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ

ନୟାଗଡ଼,୧୫ା୧୧(ସମିସ)



ନୟାଗଡ଼ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ବନବିଭାଗ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମିନି କନଫରେସନ୍ସ ହଲଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ବୈଠକ ପରିଚାଳନା କରିଥିଲେ। ବନବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର କହଁର, ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି, ଅଖିଳ ଜାନୀ, କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ ପ୍ରମୁଖ ବୈଠକରେ ଯୋଗ ଦେଇଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବର୍ଦ୍ଧନ ବେହେରା, ଏସିଏଫ୍ ହିମାଂଶୁ ମୁଦୁଲି, ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଏସିଏଫ୍ ଦେବୀପ୍ରସାଦ ରାଉତ, ରଣପୁର ବନାଞ୍ଚଳ ଅଧିକାରୀ ସିଧୁ ସିଂ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଜିଲ୍ଲାରେ ବାଉଁଶ ଚାରାରୋପଣକୁ ବିଧାୟକ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ସ୍ଥାନରେ ବାଉଁଶ ଜଙ୍ଗଲ ବୃଦ୍ଧି କରାଯିବା ଦ୍ୱାରା ବାଉଁଶ କାରିଗରଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ। ସମୀକ୍ଷା ବୈଠକରେ କାମ୍ପା ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୨୦୨୫-୨୬ ମସିହା ପାଇଁ କାମ୍ପା ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ କାର୍ଯ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟଜନ୍ତୁ ଶିକାର ରୋକିବା, ବନ ସୁରକ୍ଷା ସମିତି ଗୁଡ଼ିକୁ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା ହୋଇଥିଲା। ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ସିଂଘାପଡ଼ା ଅଞ୍ଚଳରେ କରାଯାଇଥିବା ୩ ବର୍ଷର କାର୍ଯ୍ୟ ତଦାରଖ କରି ରିର୍ପୋଟ ପ୍ରଦାନ ପାଇଁ ଡିଏଫ୍‌ଓଙ୍କୁ କହିଥିଲେ। ଉକ୍ତ ଅଧିବେଶନରେ ହୋଇଥିବା ବାଉଁଶ ଚୋରି ଘଟଣାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରିଥିଲେ। ବାଉଁଶ କାଟିଥିବା ସଂସ୍ଥାକୁ ୨୫ ହଜାର ଜରିମାନା କରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଥିଲେ। କଲରାପତରିଆ ବାଘ ମୃତ୍ୟୁ ଘଟଣାରେ ବନରକ୍ଷୀଙ୍କ ବିରୋଧରେ ପ୍ରୋସିଡିଂ ହୋଇଥିବା ସୂଚନା ଦେଇଥିଲେ। ନୟାଗଡ଼ ବନଖଣ୍ଡରେ କର୍ମଚାରୀ ଅଭାବକୁ ନେଇ ଡିଏଫ୍‌ଓ ଉଦ୍‌ବେଗ ପ୍ରକାଶ କରିଥିଲେ। ୯୪ଟି ବିଟ୍ ହାଉସ ରହିଥିବା ୬୪ ବନରକ୍ଷୀ ପଦବୀ ଖାଲି ଥିବା ସୂଚନା ଦେଇଥିଲେ। ସରକାର ନିକଟରେ ୨୮ ଜଣ ବନରକ୍ଷୀଙ୍କୁ ନିଯୁକ୍ତି ଦେଇଥିବା କହିଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ସ୍କ୍ୱାଡ୍ ନିୟୋଜନ, ଫାୟାର ସ୍କ୍ୱାଡ ନିୟୋଜନ ଉପରେ ଆଲୋଚନା ହୋଇଥିଲା। ଏହା ସହିତ ବିଗତ ୩ ବର୍ଷରେ ବନବିଭାଗ ଦ୍ୱାରା କରାଯାଇଥିବା ସମସ୍ତ ବୃକ୍ଷରୋପଣ କାର୍ଯ୍ୟ, ଉନ୍ନତୀ ମୂଳକ କାର୍ଯ୍ୟ, ରାସ୍ତା ନିର୍ମାଣ, ନର୍ସରୀଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟର ତାଲିକା ପ୍ରଦାନ ପାଇଁ ଜିଲ୍ଲା ପରିଷଦ ପକ୍ଷରୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ୨୦ ତାରିଖ ସୁଦ୍ଧା ବନବିଭାଗ ତାଲିକା ପ୍ରଦାନ କଲେ, ଜିଲ୍ଲା ପରିଷଦ ପକ୍ଷରୁ ଗଠିତ କମିଟି ସମସ୍ତ କାର୍ଯ୍ୟର ସ୍ଥିତି ଓ ଅବସ୍ଥିତି ଦେଖିବା ପାଇଁ ପରିଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସହିତ ନୟାଗଡ଼ ବନଖଣ୍ଡରେ ୫୪ଟି ହାତୀ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୭ଟି ହାତୀ, ରଣପୁର ବନାଞ୍ଚଳରେ ୫୦ଟି ହାତୀ ବିଚରଣ କରୁଥିବା ସୂଚନା ମିଳିଛି। ସେମାନଙ୍କ ସୁରକ୍ଷାକୁ କିଭଳି ଗୁରୁତ୍ୱ ଦିଆଯାଉଛି ବୋଲି ଆଲୋଚନା ହୋଇଥିଲା। ଏହା ସହିତ ଅନେକ ଦିନ ଧରି ଗୋଟିଏ ସ୍ଥାନରେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିବାରୁ ମନମାନୀ ବୃଦ୍ଧି ପାଉଥିବା ସଦସ୍ୟମାନେ କହିଥିଲେ। ସେମାନଙ୍କ ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସଦସ୍ୟମାନେ ମତ ଦେଇଥିଲେ। ଜଙ୍ଗଲ ସୁରକ୍ଷାକୁ କଡ଼ାକଡ଼ି କରିବା, ବନ୍ୟଜନ୍ତୁ ଶୀକାର ରୋକିବାକୁ ପଦକ୍ଷେପ ନେବାକୁ ନୟାଗଡ଼ ବିଧାୟକ ପରାମର୍ଶ ଦେଇଥିଲେ। ସମାନ ଭାବେ ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ରଣପୁର ଅଞ୍ଚଳରେ ୨୦୨୫-୨୬ ମସିହାରେ ହେବାକୁ ଥିବା କାର୍ଯ୍ୟ ଖସଡ଼ା ଉପରେ ସମୀକ୍ଷା କରାଯାଇଥିଲା।

# ସବୁ ପଞ୍ଚାୟତରେ ହୋଇପାରୁନି ମତ୍ସ୍ୟ ପୋଖରୀ

## ଫେଲ୍‌ମାରୁଛି ଯୋଜନା




ନିରାକାରପୁର,୧୫।୧୧(ସମିସ): ମତ୍ସ୍ୟ ପୋଖରୀ ଯୋଜନା ଓଡ଼ିଶାରେ ୨୦୧୭-୧୮ ମସିହାରୁ ଆରମ୍ଭ ହୋଇଥିଲା। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ ପୋଖରୀ ଖନନ ମାଧ୍ୟମରେ ମଧୁର ଜଳରେ ମାଛ ଚାଷକୁ ବୃଦ୍ଧି କରିବା। ଯାହା ଫଳରେ ମାଛ ଉତ୍ପାଦନ ବଢ଼ିବ ଏବଂ ଚାଷୀମାନଙ୍କର ଆୟରେ ଉନ୍ନତି ଆସିବ। ଏହାକୁ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ମାଛ ଚାଷ କରିବାକୁ ଚାହୁଁଥିଲେ ଏହି ଯୋଜନା ରେ ସାମିଲ ହୋଇପାରିବେ। ଏହି ଯୋଜନା ଅଧୀନରେ ନୂଆ ପୋଖରୀ ଖୋଳା ଖର୍ଚ୍ଚ ଏବଂ ପ୍ରଥମ ବର୍ଷର ମାଛ ଚାଷ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ମଞ୍ଜି ଏବଂ ଖାଦ୍ୟ ଇତ୍ୟାଦି ପାଇଁ ସବ୍‌ସିଡି ମିଳିଥାଏ। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ରେ ୨୦୨୦-୨୧ ଆର୍ଥିକ ବର୍ଷରେ ୩୮ ଟି , ୨୦୨୧-୨୨ରେ ୧୦ଟି ମତ୍ସ୍ୟ ପୋଖରୀ ମଞ୍ଜୁର କରାଯାଇଥିଲା ଯାହା ମତ୍ସ୍ୟ ବିଭାଗର ଅଫିସିଆଲ୍ ୱେବସାଇଟ ତଥ୍ୟରୁ ଜଣାପଡିଛି। ମତ୍ସ୍ୟ ପୋଖରୀ ଯୋଜନାକୁ ବର୍ତ୍ତମାନ "ମୋ ମତ୍ସ୍ୟ ପୋଖରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ନାମକରଣ କରାଯାଇଛି। ମୁଖ୍ୟମନ୍ତ୍ରୀ କଲ୍ୟାଣ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଟାଙ୍ଗୀ ବ୍ଲକ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଜରିଆରେ ୬୬ ଟି ଏସ.ଏଚ.ଜି ଙ୍କୁ ୩୮.୯୩ ଲକ୍ଷ ସବ୍‌ସିଡି ଏବଂ ପ୍ରାଥମିକ ପ୍ରଜନନ କାର୍ଯ୍ୟକ୍ରମରେ ମାଛ ମଞ୍ଜି ଚାଷୀଙ୍କୁ ୪.୫୬୯୫ ଟଙ୍କା ସବସିଡି ଦିଆଯାଇଛି। ଟାଙ୍ଗୀ ବ୍ଲକ୍‌ର ମଙ୍ଗଳାଯୋଡ଼ି, ବଡ଼ପାରି, ସୁନ୍ଦରପୁର ଗ୍ରାମ ପଞ୍ଚାୟତ ଗୁଡ଼ିକ ଚିଲିକାର ତଟବର୍ତ୍ତୀ ପଞ୍ଚାୟତ ଏବଂ ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ ଉପଯୁକ୍ତ ସଚେତନତା ଏବଂ ଜିଲ୍ଲା ପ୍ରଶାସନର ଆନ୍ତରିକତା ବୃଦ୍ଧି ପାଇଲେ ଅଧିକ ମତ୍ସ୍ୟଚାଷୀ ଏହାର ଲାଭ ଉଠାଇପରିବେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ସାଇବର ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ଛାତ୍ରଛାତ୍ରୀ




ଖୋର୍ଦ୍ଧା,୧୫।୧୧(ସମିସ): ସ୍ଥାନୀୟ ସିଗ୍‌ମା ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଇବର ଅପରାଧ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲେ।

ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଅନାଦି ଚରଣ ସେଠୀ, ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆୟୋଜିତ ରାଲିକୁ ଶୁଭାରମ୍ଭ କରିବା ସହ ଜନସାଧାରଣଙ୍କୁ ସାଇବର ଅପରାଧକୁ ରୋକିବା ଦିଗରେ ସଚେତନତା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, କାଉନ୍ସିଲର ପ୍ରବିଣା ଜଗଦେବରାୟ, କାଉନ୍‌ସିଲର ଅଜିତ ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ଦିବସର ମହତ୍ୱ ଏବଂ ଆଜିର ଡିଜିଟାଲ ଯୁଗରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷା ଅନୁଷ୍ଠାନର ଶିକ୍ଷକମାନେ ଗୁରୁତ୍ୱ ଦେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଛାତ୍ରୀ ଆଦ୍ୟାଶା ମହାପାତ୍ରଙ୍କ ସଂଯୋଜନାରେ କୁନି କୁନି ଶିଶୁ ବିଭିନ୍ନ ଫାନ୍ସି ଡ୍ରେସ୍‌ରେ ସଜ୍ଜିତ ହୋଇ ବିଭିନ୍ନ ପ୍ରଦର୍ଶନ କରିଥିଲେ। ଏଥି ପୂର୍ବରୁ ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ବାଲ୍ କ୍ରୀଡ଼ାବିତ୍‌ଙ୍କୁ ଅତିଥିମାନେ ମେଡାଲ ଏବଂ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

## ନିଯୁକ୍ତି ପ୍ରତିଶ୍ରୁତି ରଖିଲାନି 'ଟ୍ରାଇମେଟ୍ରୋ'

# କମ୍ପାନୀ ସମ୍ମୁଖରେ ଧାରଣାଦେଲେ ସ୍ଥାନୀୟ ଆଶାୟୀ

ନିରାକାରପୁର,୧୫।୧୧(ସମିସ)



ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ କଳାବତୀ ମୌଜାରେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ଗ୍ରାମର ଯୁବକ ଯୁବତୀ କାମ ପାଇବା ସହ ଲୋକମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ, ସ୍ଥାନୀୟ ଲୋକମାନେ ରୋଜଗାର ପାଇବେ ବୋଲି ଗ୍ରାମବାସୀ ଆଶା ରଖୁଥିଲେ। କମ୍ପାନୀ ଜମି ନେଇସାରିବା ପରେ ମୋଟା ଗ୍ରାମବାସୀଙ୍କ ସହ ଏକ ଆଲୋଚନା କରି ଗ୍ରାମରେ ଥିବା ସମସ୍ତ ଯୁବକ ଯୁବତୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ନିଯୁକ୍ତି ଦେବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହା ମଧ୍ୟରେ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଥିବାବେଳେ ମୋଟା ଗ୍ରାମର କୌଣସି ପିଲା ନିଯୁକ୍ତି ନପାଇବାରୁ ଗ୍ରାମବାସୀ ଅସନ୍ତୁଷ୍ଟ ହୋଇ ଟ୍ରାଇମେଟ୍ରୋ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀ ମୁଖ୍ୟ ଗେଟ ସମ୍ମୁଖରେ ଗ୍ରାମର ଶହଶହ ଆଶାୟୀ ଯୁବକ ଯୁବତୀ ଧାରଣାରେ ବସିଥିଲେ।

ସୂଚନାଯୋଗ୍ୟ ଖୋର୍ଦ୍ଧା ତହସିଲର କଳାବତୀ ମୌଜାରେ ଟ୍ରାଇମେଟ୍ରୋ ଗ୍ରାର୍ମେଣ୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ୭୦୫୦ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବାର ସମ୍ଭାବନା ଥିବା ବେଳେ ପରୋକ୍ଷରେ ୫ ଶହ ଲୋକଙ୍କୁ ନିଯୁକ୍ତି ମିଳିବ କୁହାଯାଉଥିଲା। ଗ୍ରାମବାସୀଙ୍କ ଆଗରେ କମ୍ପାନୀ ପରିଚାଳକ ପ୍ରତିଶ୍ରୁତି ଦେଇ କହିଥିଲେ, ଯେ ହେତୁ ଆମର ଗାର୍ମେଣ୍ଟ କମ୍ପାନୀ ଆମେ ୮୦ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ଦେବା ବେଳେ ୨୦ ପ୍ରତିଶତ ପୁରୁଷଙ୍କୁ ନିଯୁକ୍ତି ଦେବା ପାଇଁ ସ୍ଥିର କରିଛୁ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ କମ୍ପାନୀ ପୁରୁଷମାନଙ୍କ କ୍ଷେତ୍ରରେ ଶତକାଡା ୩୦ଭାଗ ମୋଟା ତଥା ଆଖପାଖ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ରାଜି ହୋଇଥିଲା। ଏହା ମଧ୍ୟରେ ବାହାର ଜିଲ୍ଲା ତଥା ବାହାର ରାଜ୍ୟରୁ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କହିଥିଲେ ଯେ ୪୦ ଜଣ ସ୍ଥାନୀୟ ଯୁବକଙ୍କୁ ଆବେଦନ କରିବା ପାଇଁ। ୧୨ ଜଣଙ୍କୁ ଛାଡ଼ିଦେଇ ଗ୍ରାମର ଅନ୍ୟ ଯୁବକଙ୍କ ପାଖକୁ ଖବର ନ ଯିବାରୁ ଯୁବକଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଥିଲା।

ଗ୍ରାମର ଜଳ ଜମି ଜଙ୍ଗଲ ସବୁ ନେଇ କମ୍ପାନୀ ଅନ୍ୟ ଜିଲ୍ଲା ତଥା ଅନ୍ୟ ରାଜ୍ୟରୁ ନିଯୁକ୍ତି ଦେଉଥିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କମ୍ପାନୀ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଜଙ୍କିଆ ପୁଲିସ, ମୋଟା ଗ୍ରାମ୍ୟ କମିଟିର ସମସ୍ତ ସଭ୍ୟ କମ୍ପାନୀ ମୁଖ୍ୟ ପରିଚାଳକ, ଏଚ୍‌ଆର୍ ମିଳିତ ବୈଠକରେ ବସିଥିଲେ। ପରେ ଆସନ୍ତା ୨୦ରେ ଗ୍ରାମର ଥିବା ସମସ୍ତ ୪୦ଜଣ ଯୁବକଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରି ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିବା ପରେ ଗ୍ରାମବାସୀ ଧାରଣରୁ ଉଠିଥିଲେ। ଏହି ସମୟରେ କିଛି ସ୍ଥାନୀୟ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ନିରାକାରପୁର,୧୫।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଜାତୀୟ ସେବା ଶିବିରର ଯୁବ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ଗ୍ରୀନ ଆର୍ମିର ମୁଖ୍ୟ କମାଣ୍ଡର ଭାବେ ପରିଚିତ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ବ୍ରତତୀ ମିଶ୍ର ଏହାକୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ସଭାପତି ଡ. ସଞ୍ଜୟ କୁମାର ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ସଞ୍ଚାଳକ ପ୍ରଫେସର ବ୍ରଜ ନାରାୟଣ ପାତ୍ର, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସଚିବ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ଜାତୀୟ ସେବା ଅଫିସର ଡ. ଜୟଶ୍ରୀ ବାଳା ମଲ୍ଲିକ ଯୋଗଦେଇ ଜାତୀୟ ସେବା ଶିବିର ପ୍ରଶିକ୍ଷଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. କୈବଲ୍ୟ ଚରଣ ପତି ଶିବିରର ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ। ଶିବିରରେ ଯୋଗ ଦେଇଥିବା ୩ଟି ଜିଲ୍ଲାର ସମସ୍ତ ସେଚ୍ଛାସେବୀଙ୍କୁ ୧୦ଟି ପ୍ରତିଯୋଗିତା ସହ ୩ ଦିନ ତାଲିମ ଦିଆଯାଇ କୃତୀ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟସ୍ତରୀୟ ତାଲିମ ପାଇଁ ମନୋନୀତ କରାଯିବ ବୋଲି ପ୍ରୋଗ୍ରାମ କୋର୍ଡିନେଟରଠାରୁ ସୂଚନା ମିଳିଛି।



# ତାଲୁକ ଆଇନ ସେବା ସମିତିର ଆଇନ ସଚେତନତା କାର୍ଯ୍ୟକ୍ରମ



ବାଣପୁର,୧୫।୧୧(ସମିସ) : ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଶ୍ରୀଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟେଗ୍ରାଲ ଏଜୁକେସନ, ବାଣପୁର ପରିସରରେ ଶିଶୁଦିବସ ପାଳନ ଅବସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଲୁକ ଆଇନା ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଯୋଗ ଦେଇ ଶିଶୁ ଅଧିକାର, କିଶୋର ଯତ୍ନ ଓ ସୁରକ୍ଷା ଅଧିନିୟମ, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଆଦି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ, ଫ୍ରଣ୍ଟ ଅଫିସ ରିଟେନର ରାମଚନ୍ଦ୍ର ପଲାଇ ଆଦି ଯୋଗ ଦେଇଥିଲେ। ଶେଷରେ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂକୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।

# ଅନ୍ତର୍ଜାତୀୟ ଲୋକ ସଂସ୍କୃତି ଉତ୍ସବ ଉଦ୍‌ଘାଟିତ

## ଦର୍ଶକଙ୍କ ମନ ମୋହିଲା ଦକ୍ଷିଣ କୋରିଆ ସମର କଳା

ବାଲୁଗାଁ,୧୫।୧୧(ସମିସ) : ଶନିବାର ସନ୍ଧ୍ୟାରେ ୧୧ ତମ ଚିଲିକା ଅନ୍ତର୍ଜାତୀୟ ଲୋକକଳା ସଂସ୍କୃତି ଉତ୍ସବ ବାଲୁଗାଁ ନିକଟ ବଡକୁଳ ସ୍ଥିତ ଓଡ଼ିଆର୍ଟ ସେଣ୍ଟର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଭିଏତନାମ ଅମ୍ବାସି ଜେନି ଲୁଇସ, ପୂର୍ବତନ ସଚିବ ସୁନୀଲ କୁମାର ମିଶ୍ରଙ୍କ ସମେତ ଓଡ଼ିଆର୍ଟ ପ୍ରତିଷ୍ଠାତା ପ୍ରସନ୍ନ କୁମାର ଦାସ ଏବଂ ଉତ୍ସବର ଚେୟାରମ୍ୟାନ ହେଲେନା ଆଚାର୍ଯ୍ୟ ଯୋଗଦେଇ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଦକ୍ଷିଣ କୋରିଆରୁ ଆସିଥିବା କଳାକାରଙ୍କ ଦ୍ୱାରା ସମର କଳା ପରିବେଷଣ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ତତସହିତ ମଣିପୁରର ଥାଙ୍ଗ ତା ନୃତ୍ୟ, ଓଡ଼ିଶା ପାଇକ ନୃତ୍ୟ ଏବଂ ମୟୂରଭଞ୍ଜ ଛଉ ନୃତ୍ୟ ଆଦି କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରତ୍ୟକ ଦିବସରେ ବିଭିନ୍ନ ଲୋକ କଳା ସମେତ ଆଞ୍ଚଳିକ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ନେଇ ଶଙ୍ଖନାଦ, ହୁଳହୁଳି, ମଟକା ରେସ, କବାଡି, ପୁଚି ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ବାଣପୁର ଓକିଲ ସଂଘର ବାର୍ଷିକୋତ୍ସବ

ବାଣପୁର,୧୫।୧୧(ସମିସ) : ବାଣପୁର ଓକିଲ ସଂଘର ୪୬ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ପାଳିତ ହୋଇଯାଇଛି। ସଙ୍ଘର ସଭାପତି ବୃନ୍ଦାବନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ପୀତାମ୍ବର ଆଚାର୍ଯ୍ୟ ଯୋଗ ଦେଇଥିଲେ। ସନ୍ତୋଷ ମହାପାତ୍ର ବେଦ ପାଠ କରିଥିବା ବେଳେ ସଂଘର ସମ୍ପାଦକ ଜଗଦୀଶ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ନରେନ୍ଦ୍ର କୁମାର ନାୟକ ଓ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରସନ୍ନ ଜେନା, ସନ୍ତୋଷ ମହାପାତ୍ର, ଭି କାମେଶ୍ୱର ଅଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସଂଘର ଅନ୍ୟାନ୍ୟ ସଦସ୍ୟଙ୍କ ସମେତ ଚିଲିକା ଓକିଲ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସଂଘର ଉପସଭାପତି ପଦ୍ମଜା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାତ୍ରରେ ସଂଘର ସଦସ୍ୟଙ୍କ ଦ୍ୱାରା "ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ସାମାଜିକ ନାଟକ ପରିବେଷଣ କରାଯାଇଥିଲା।



# ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ,୧୫/୧୧(ସମିସ): ବାଘମାରୀ ଥାନା ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତଲଗଡ ଗ୍ରାମର ଶୁକ୍ରବାର ବିଳମ୍ବିତ ରାତିରେ ବ୍ରଜ ଦେହୁରୀ (୭୦)ଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଫଳରେ ପରିବାର ଲୋକମାନେ ଚିକିତ୍ସା ପାଇଁ ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ବେଳେ ବାଘମାରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

# ସୁରଭି ସଙ୍ଗୀତ କାର୍ଯ୍ୟକ୍ରମରେ ସଙ୍ଗୀତା ତୃତୀୟ

ନିରାକାରପୁର,୧୫।୧୧(ସମିସ): ରାଜ୍ୟସ୍ତରୀୟ ସୁରଭିର ସଙ୍ଗୀତ କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରିଛନ୍ତି ଖୋର୍ଦ୍ଧା କମାଗୁରୁ ପଞ୍ଚାୟତ ଜଗନ୍ନାଥପୁରର ପ୍ରମୋଦ ତାଡ଼ଙ୍କ କନ୍ୟା ସଙ୍ଗୀତା ତାଡ଼। ୨୦୨୪-୨୦୨୫ରେ ଅନୁଷ୍ଠିତ ଏହି ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ସଙ୍ଗୀତ ବିଭାଗରେ ଭାଗନେଇ ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅତ୍ୟନ୍ତ ଆର୍ଥିକ ଅନଟନ ମଧ୍ୟରେ ନିଜର ଚେଷ୍ଟା ଜାରି ରଖି ସେ ଏଭଳି ସଫଳତା ପାଇଛନ୍ତି। ତାଙ୍କର ଏହି ସଫଳତାରେ ଗ୍ରାମବାସୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଟାଙ୍ଗୀ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୂର୍ବତନ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସଙ୍ଗୀତା ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ଯୁଜିଏମ୍‌ଇ ବିଦ୍ୟାଳୟରେ ଅଧ୍ୟୟନରତ।



# ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ

ଖୋର୍ଦ୍ଧା,୧୫।୧୧(ସମିସ): ଖୋର୍ଦ୍ଧାରେ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ଶୁକ୍ରବାର ଖୋର୍ଦ୍ଧା ବିଭାଜନ ସମବାୟ ସମିତି ସମୂହର ଉପନିବନ୍ଧକ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ଗଣଦୌଡ଼କୁ ସମବାୟ ସମିତି ସମୂହର ଉପନିବନ୍ଧକ ଅଳକାନନ୍ଦା ଜେନା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ଼ ସମବାୟ ସମିତି ସମୂହ କାର୍ଯ୍ୟାଳୟଠାରୁ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଶତାଧିକ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀ ଅନାଦି ଚରଣ ସେଠୀ, ଏସଡିପିଓ ନିହାରରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ରାଲିକୁ ଶୁଭାରମ୍ଭ କରିବା ସହ ଜନସାଧାରଣଙ୍କୁ ସାଇବର ଅପରାଧକୁ ରୋକିବା ଦିଗରେ ସଚେତନତା କରିଥିଲେ। ଜିଲ୍ଲାର ବିଶିଷ୍ଟ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବ୍ୟାଙ୍କ ଅଧିକାରୀ ରମାକାନ୍ତ ପାଟଯୋଶୀ, ହିମାଦ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ନିବନ୍ଧକ ଭାଗମତ ମାରାଣ୍ଡି, ତପନ କୁମାର ଦାସ, କର୍ମଚାରୀ ଏବଂ ବ୍ୟାଙ୍କ ଏଜିଏମ୍ ସନ୍ଦୀପ ପଟ୍ଟନାୟକ, ଜ୍ୟୋତିରଞ୍ଜନ ରାଉତରାୟ, ଝଜ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଆନ୍ତଃସ୍କୁଲ କ୍ରିକେଟ୍ ଉଦ୍‌ଯାପିତ; ଗ୍ରୀନ୍ ମିଳିତ ଏକାଦଶ ଚାମ୍ପିଅନ

ଖୋର୍ଦ୍ଧା,୧୫।୧୧(ସମିସ): ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନିଷ୍ଟାଡିୟମଠାରେ କ୍ରିକେଟ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଗ୍ରୀନ୍ ମିଳିତ ଏକାଦଶ, କେ.ଟି.ଗ୍ଲୋବାଲ ସ୍କୁଲକୁ ୮ ୱିକେଟ ରେ ପରାସ୍ତ କରି ଚାମ୍ପିଅନ ହୋଇଛି। କେ.ଟି. ଗ୍ଲୋବାଲ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୩୧.୧ ଓଭରରୁ ସମସ୍ତ ୱିକେଟ ହରାଇ ୯୦ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ମହେଶ ବରାଳ ୧୯ ରନ୍ ଓ ସାଇ ଅମନ ୧୮ରନ୍ କରିଥିଲେ। ଗ୍ରୀନ ଦଳ ତରଫରୁ ଜଗନ୍ନାଥ ବେହେରା, ଓମ ସାହୁ ଓ ସୁଭାଦିତ୍ୟ ପଣ୍ଡା ପ୍ରତ୍ୟକ ୨ ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ଗ୍ରୀନ ଏକାଦଶ ଆବଶ୍ୟକ ୯୧ରନ୍‌କୁ ୧୭. ୨ଓଭରରୁ ୨ୱିକେଟ ହରାଇ ସଂଗ୍ରହ କରି ନେଇଥିଲେ। ଦଳ ପକ୍ଷରୁ ଦେବାଂଶୁ ଜେନା ୪୧ ରନ୍ ଓ ଶୁଭାଦିତ୍ୟ ପଣ୍ଡା ଅପରାଜିତ ୨୬ରନ୍ କରିଥିଲେ। ଦେବାଂଶୁ ଜେନା ଶ୍ରେଷ୍ଠ ବ୍ୟାଟର, ଜଗନ୍ନାଥ ବେହେରା ଶ୍ରେଷ୍ଠ ବୋଲର, ଶୁଭାଦିତ୍ୟ ପଣ୍ଡା ଫାଇନାଲ୍ ର ଶ୍ରେଷ୍ଠ ଖେଳାଳି, ମହେଶ ବରାଳ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ରୋହିତ ପତି ଇମରଜିଂ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପ୍ରୀତିରଞ୍ଜନ ବିଜୟ ସିଂ, ଚନ୍ଦ୍ରମୋହନ ବରାଳ, ଅବଦୁଲ ରହିମ ଖାନ୍ ଖେଳକୁ ପରିଚାଳନା କରିଥିଲେ। ସ୍କୋରର ଭାବେ ସୁନୀଲ ସୁନ୍ଦରାୟ ଏବଂ ସରୋଜ ପାତ୍ର ମ୍ୟାଚ ରେଫରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।




## ବଦଳି ହେବେ ସମିତି ସମ୍ପାଦକ

# କ୍ୟାଡର୍ ନିୟମ କାର୍ଯ୍ୟକାରୀ କରିବାକୁ ଆସିଲା ନିର୍ଦ୍ଦେଶ

ନିରାକାରପୁର,୧୫।୧୧(ସମିସ)

ଗ୍ରାମାଞ୍ଚଳ ହେଉ ବା ସହରାଞ୍ଚଳ ସମିତିର ଗୁରୁତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ନିବନ୍ଧକ ସମବାୟ ସମିତି ସମୂହଙ୍କ ଚିଠି ନମ୍ବର - ୧୧୮୧୯ ତା ୨୪.୦୬.୨୦୨୫ ଅନୁଯାୟୀ ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ କ୍ୟାଡର୍ ନିୟମକୁ ମଞ୍ଜୁର କରିଥିଲେ। ସମିତିରେ ଚାକିରି ପାଇଲା ଦିନଠୁ ମୃତ୍ୟୁ ପର୍ଯ୍ୟନ୍ତ ସମିତି କର୍ମଚାରୀ ଗୋଟିଏ ଗୋଟିଏ ସ୍ଥାନରେ ରହି କର୍ଯ୍ୟ କରିପାରୁଥିଲେ। ଯାହା ଫଳରେ ଦୁର୍ନୀତି ବଢୁଥିଲା। ଏବେ ଏହି ପଦକୁ ଜିଲ୍ଲା ଭିତ୍ତିକ କ୍ୟାଡର୍ କରି ବଦଳି କରିବା ପାଇଁ ସ୍ଥିର ହୋଇଛି। ସମିତି ଗୁଡ଼ିକ ଗ୍ରାମାଞ୍ଚଳରେ ଧାନ ମଣ୍ଡି, କୃଷି ଋଣ, ସାର ଏବଂ ବିହନ ଯୋଗାଣ, ଜନ ସେବା କେନ୍ଦ୍ର, ମହିଳା ଗୋଷ୍ଠୀଙ୍କୁ ଋଣ , ଗାଈ, ଛେଳି, କୁକୁଡ଼ା ଚାଷ, ମତ୍ସ୍ୟ ଚାଷ , ଗାଡ଼ି ଋଣ, ସ୍ୱର୍ଣ୍ଣ ବନ୍ଧକ ଋଣ ଇତ୍ୟାଦି କାର୍ଯ୍ୟରେ ଜଡ଼ିତ ରହୁଛନ୍ତି। ଓଡ଼ିଶା ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ ଚିଠି ନମ୍ବର- ୨୧୯୭୫ ତା ୧୧.୧୧.୨୦୨୫ ଅନୁଯାୟୀ ସମସ୍ତ ଜିଲ୍ଲାର ଉପ ନିବନ୍ଧକ ସମବାୟ ସମିତି ସମୂହ ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆକ୍ସନ ପ୍ଲାନ୍ ପ୍ରଦାନ କରିଛନ୍ତି।

ଖୋର୍ଦ୍ଧା ଜିଲ୍ଲାପାଳ ଚିଠି ନମ୍ବର - ୨୨୦୫ ତା ୧୩.୦୮.୨୦୨୫ ରିଖ ଅନୁଯାୟୀ କ୍ୟାଡ଼ର କମିଟି ଗଠନ କାର୍ଯ୍ୟ କରିସାରିଛନ୍ତି। ଯେଉଁଥିରେ ନିଜେ ଜିଲ୍ଲାପାଳ ଅଧ୍ୟକ୍ଷ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେବେ ସଭା ଆବାହକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସଭ୍ୟ, ଜିଲ୍ଲା ଉପନିବନ୍ଧକ ସମବାୟ ସମିତି ସମୂହ ସଭ୍ୟ, ଜିଲ୍ଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସଭ୍ୟ, ସହକାରୀ ସମୀକ୍ଷକ ସମବାୟ ସମିତି ସମୂହ ସଭ୍ୟ, ରାଜ୍ୟ ସମବାୟ ବ୍ୟାଙ୍କର ପ୍ରତିନିଧି ସଭ୍ୟ ଭାବରେ କମିଟି ଗଠନ କରାଯାଇଅଛି। ଟାଙ୍ଗୀ ବ୍ଲକ୍‌ରେ ସର୍ବମୋଟ ୨୬ ଟି ଗ୍ରାମ ପଞ୍ଚାୟତ ରହିଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ସମିତି ଖୋଲିବା ପାଇଁ ସରକାର ସ୍ଥିର କରିଛନ୍ତି। କିନ୍ତୁ ପୂର୍ବରୁ ୧୪ ଟି ପ୍ରଥମେ ସମିତି ଥିଲା ଏବଂ ପରେ ୭ ଟି ନୂତନ ସମିତି ଗଢି ଉଠିଛି କିଛି ସମିତିକୁ ଅଲଗା ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ ନିଜ ଦୁର୍ନୀତିକୁ ଘୋଡ଼ାଇବା ଉଦ୍ଦେଶ୍ୟ ମୂଳ ସମିତି ର ପରିଚାଳନା ପରିଷଦଙ୍କୁ ଧରି କୋର୍ଟର ଆଶ୍ରୟ ନେଇଛନ୍ତି ଏବଂ ଯେଉଁ ପଞ୍ଚାୟତରେ ନୂତନ ସମିତି ଗଢ଼ାହୋଇନି, ସେହି ଗ୍ରାମ ପଞ୍ଚାୟତର ସମାଜସେବୀ ମାନେ ଆଗ୍ରହ ପ୍ରକାଶ କରି ନୂତନ ସମିତି ଗଠନ କରିବା ଉଚିତ୍। ନୂତନ ସମିତି ଗୁଡିକରେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାୟୀ ସମ୍ପାଦକ ନାହାନ୍ତି, ନିକଟସ୍ଥ ମୂଳ ସମିତିର ସମ୍ପାଦକଙ୍କୁ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

ବେଗୁନିଆ,୧୫।୧୧(ସମିସ): ବେଗୁନିଆ ବ୍ଲକ୍ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ମନୋଜ କୁମାର ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ସାହୁ, ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସଙ୍ଗୀତା ବେହେରା ଓ ଶ୍ୱେତା ଭଞ୍ଜ ବିଚାରକ ଭାବେ ଯୋଗ ଦେଇ ବିଜ୍ଞାନ ଦ୍ୱାରା ମୋଟ ୨୦ଟି ପ୍ରକଳ୍ପକୁ ନିରୀକ୍ଷଣ କରି ୩ ଗୋଟି ପ୍ରକଳ୍ପ ମଣ୍ଡଳ ସ୍ତରକୁ ଯିବା ପାଇଁ ଚୟନ କରିଥିଲେ। ପରେ ବିଦ୍ୟାଳୟସ୍ତରରେ ଉନ୍ନୀତ ହୋଇଥିବା ଛାତ୍ର ବିଜୟ କୃଷ୍ଣ ପ୍ରସାଦ, ଅଜିତ ମହାରଣା ଓ ବିଶ୍ୱଜିତ୍ ବେହେରା ପ୍ରମୁଖଙ୍କୁ ପୁରସ୍କାର ଅତିଥି ମାନେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟିତ୍ରୀ ସଂଘମିତ୍ରା ମହାଳିକ ଓ ହିରାମତୀ ମଲ୍ଲିକ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୬
- ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭
- ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପରାଜୟ ପରେ ଭାଙ୍ଗୁଛି ଟ୍ରମ୍ପଙ୍କ ଦମ୍ଭ



## କଫି-ଫଳରୁ ହଟାଇଲେ ଶୁଳ୍କ

ୱାଶିଂଟନ, ୧୫।୧୧ (ଏଜେନ୍ସି): ଭର୍ଜିନିଆ ଏବଂ ନ୍ୟୁଜର୍ସି ନିର୍ବାଚନରେ ହାରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫୁଟାଣୀ ଭାଙ୍ଗି ଯାଇଛି। ପୁଣିଥରେ ଟ୍ରମ୍ପ ପଛଘୁଞ୍ଚା ଦେଇଛନ୍ତି। ସେ ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରି ଶୁଳ୍କ ହ୍ରାସ କରିଦେଇଛନ୍ତି। କଫି, ଫଳ, ବିଫ୍ ସହିତ ୧୨ରୁ ଅଧିକ କୃଷିଜାତ ପଦାର୍ଥରେ ଲଗାଯାଇଥିବା ଶୁଳ୍କକୁ ହଟାଇ ଦେଇଛନ୍ତି। ଏହା ପଛରେ ଦରଦାମ ବୃଦ୍ଧି ବଡ଼ କାରଣ ରହିଛି। ତେବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଉତ୍ପାଦର ମୂଲ୍ୟକୁ ସ୍ଥିର ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ଉପରେ ଲଗାଯାଇଥିବା ଶୁଳ୍କର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିଥିଲା। ଚା, ଫଳରସ, ମସାଲା, କୋକୋ, କଦଳୀ, କମଳା, ଟମାଟୋ ସମେତ ଆଉ କିଛି ଉତ୍ପାଦରୁ ଶୁଳ୍କ ଛାଡ଼ି କରିଦିଆଯାଇଛି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶୁଳ୍କ ଯୋଗୁ ଆମେରିକୀୟଙ୍କ ଉପରେ ବୋଝ ବଢ଼ିଥିଲା। ପରିବାରର ବାର୍ଷିକ ହାରାହାରି ଆୟ ୨ ଲକ୍ଷରୁ ବଢ଼ି ୮ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଖାଦ୍ୟସାମଗ୍ରୀ ମୂଲ୍ୟ ୨.୭%, ବିଫ ୭%, କଦଳୀ ୭% ମହଙ୍ଗା ହୋଇଥିଲା। ଏଥିଯୋଗୁ ମାସିକ ବ୍ୟୟ ୯ ହଜାର ଟଙ୍କାରୁ ବଢ଼ି ୬୬ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା।

ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆମେରିକାକୁ ଭାରତ ପରି ଅନେକ ଦେଶର ଯୋଗାଣ ହ୍ରାସ ପାଇଛି। ଶୁଳ୍କ ଯୋଗୁଁ ଲୋକଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଫଳ ବିପରୀତ ହୋଇଥିଲା। ଏବେ ପନିପରିବା ଏବଂ ଫଳ ଆମଦାନୀ ବଢ଼ାଇବାକୁ ଆମେରିକା ନିଷ୍ପତ୍ତି ନେଇଛି।

## ଦେବାଳିଆ ହେଲାଣି ୬୫୫ ବଡ଼ କମ୍ପାନୀ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଣ୍ଡରେ ଚଢ଼କ ପଡ଼ିଛି। ଆମେରିକାରେ ନିବେଶ ପାଇଁ ସାରା ବିଶ୍ୱ ଉପରେ ଚାପ ପକାଉଥିବା ଟ୍ରମ୍ପ ଏବେ ନିଜ ଚାପରେ ଅଛନ୍ତି। କାରଣ ଆମେରିକା କମ୍ପାନୀଗୁଡ଼ିକର ସ୍ଥିତି ଦିନକୁ ଖରାପ ହେବାରେ ଲାଗିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶର ୬୫୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଗଲେଣି। ଏହା ଗତ ୧୫ ବର୍ଷରେ ସର୍ବାଧିକ। ଯଦି ଏହି ଧାରା ଜାରି ରହେ ତେବେ ବର୍ଷ ଶେଷ ସୁଦ୍ଧା ପ୍ରାୟ ୮୦୦ଟି କମ୍ପାନୀ ଦେବାଳିଆ ହୋଇଯିବେ। ଗତ ବର୍ଷକୁ ଛାଡ଼ିଦେଲେ ଏହା ୨୦୧୦ ପରେ ସବୁଠୁ ଅଧିକ। ୨୦୨୪ରେ ଆମେରିକାର ୬୮୭ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲେ। ଆମେରିକାରେ ଚଳିତ ବର୍ଷ ଅଗଷ୍ଟରେ ୭୬, ସେପ୍ଟେମ୍ବରରେ ୬୬, ଅକ୍ଟୋବରରେ ୬୮ କମ୍ପାନୀ ଦେବାଳିଆ ହୋଇଥିଲା। ଏଗୁଡ଼ିକ ମଧ୍ୟରୁ ୯୮ଟି କମ୍ପାନୀ ଶିଳ୍ପ କ୍ଷେତ୍ର ସହ ଜଡ଼ିତ। ଏହା ପରେ କଞ୍ଜ୍ୟୁମର ଡିସକ୍ରିସନାରୀ (୮୦) ଏବଂ ହେଲ୍‌ଥକେୟାର (୪୫) ରହିଛି। ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଆମେରିକାରେ ସବୁ କିଛି ଠିକ୍ ନାହି ବୋଲି ଏଥିରୁ ଜଣାପଡୁଛି। ଏହା ପୂର୍ବରୁ ୨୦୧୦ରେ ୮୨୮, ୨୦୧୧ରେ ୬୩୪ଟି, ୨୦୧୬ରେ ୫୭୬, ୨୦୧୭ରେ ୫୨୦, ୨୦୧୮ରେ ୫୧୮, ୨୦୧୯ରେ ୫୮୯, ୨୦୨୧ରେ ୪୦୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲା।

## ଫ୍ଲିପକାର୍ଟ ପକ୍ଷରୁ ଜିରୋ କମିଶନ ମଡେଲର ଶୁଭାରମ୍ଭ

ଭୁବନେଶ୍ୱର, ୧୫।୧୧ (ସମିସ): ଫ୍ଲିପକାର୍ଟ ପକ୍ଷରୁ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ସମସ୍ତ ଉତ୍ପାଦଗୁଡିକ ପାଇଁ ଜିରୋ କମିଶନ ମଡେଲର ଶୁଭାରମ୍ଭ କରି ସେଲର ରେଟ୍ କାର୍ଡ ପାଇଁ ନୂଆ ଘୋଷଣା ହୋଇଛି। ଏହି ନୂଆ ଢାଞ୍ଚା ଅଧିନରେ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡ଼ିକୁ ତାଲିକାଭୁକ୍ତ କରୁଥିବା ସମସ୍ତ ଯୋଗ୍ୟ ସେଲରଙ୍କଠାରୁ କମିଶନ ଫି' ନିଆଯିବ ନାହିଁ। ସପ୍‌ସିରେ ସମସ୍ତ ଉତ୍ପାଦ ଉପରେ ମଧ୍ୟ ଏହି ଜିରୋ କମିଶନ ସୁବିଧା ଉପଲବ୍ଧ। ଫ୍ଲିପକାର୍ଟର ବରିଷ୍ଠ ଉପାଧ୍ୟକ୍ଷ ଓ ମାର୍କେଟପ୍ଲେସ ବିଭାଗ ମୁଖ୍ୟ ସାକେତ ଚୌଧୁରୀ କହିଛନ୍ତି ଯେ ଫ୍ଲିପକାର୍ଟରେ ଆମେ ଅନଲାଇନ ବିକ୍ରିକୁ ସରଳ ଓ ଶକ୍ତିଶାଳୀ କରୁଥିବା ପଦକ୍ଷେପଗୁଡ଼ିକ ମାଧ୍ୟମରେ ଭାରତର ଏମ୍‌ଏସଏମଇ ଓ ନୂତନ ଯୁଗର ଉଦ୍ୟୋଗୀମାନଙ୍କର ବିସ୍ତୃତ ନେଟ୍‌ୱର୍କକୁ ସଶକ୍ତ କରିବାକୁ ପ୍ରତିବଦ୍ଧ। ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡ଼ିକୁ ତାଲିକାଭୁକ୍ତ କରୁଥିବା ସେଲର ଓ ସପ୍‌ସିର ସମସ୍ତ ସେଲରଙ୍କ ସାମଗ୍ରିକ ଖର୍ଚ୍ଚରେ ୩୦% ପର୍ଯ୍ୟନ୍ତ ହ୍ରାସ ଘଟିବ।

## ଏଚ୍-୧ବି ଭିସା ପ୍ରତ୍ୟାହାର କରିବ ଆମେରିକା

ୱାଶିଂଟନ, ୧୫।୧୧ (ଏଜେନ୍ସି): ଆମେରିକାରେ ଭାରତୀୟଙ୍କ ପ୍ରବେଶ ନେଇ ଖୁବ୍‌ଶୀଘ୍ର ସମସ୍ୟା ସୃଷ୍ଟି ହେବାକୁ ଯାଉଛି। ଚାକିରି ପାଇଁ ଏଚ୍-୧ବି ଭିସା ସମ୍ପୂର୍ଣ୍ଣ ଭାବେ ଶେଷ ହେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ପାଇଁ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଖୁବ୍‌ଶୀଘ୍ର ବିଲ୍ ଆଣିବାକୁ ଯାଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଆମେରିକାରେ ଭାରତୀୟଙ୍କ ଚାକିରି କରିବାର ରାସ୍ତା ବନ୍ଦ ହୋଇଯିବ। ଟ୍ରମ୍ପଙ୍କ ଘନିଷ୍ଠ ତଥା ଆମେରିକା ପ୍ରତିନିଧି ସଭାର ସଦସ୍ୟା ମାର୍ଜୋରୀ ଟେଲର ଗ୍ରୀନ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏ ନେଇ ଖୁବ୍‌ଶୀଘ୍ର ବିଲ୍ ଅଣାଯିବ। ଆମେରିକା ଫାର୍ଷ୍ଟ ଅର୍ଥାତ ଆମେରିକୀୟଙ୍କ ପ୍ରାଧାନ୍ୟ ଦେବା ପାଇଁ ଏଚ-୧ବି ଭିସା ପ୍ରଦାନ ପ୍ରକ୍ରିୟାକୁ ଶେଷ କରିବାକୁ ହେବ ବୋଲି କୁହାଯାଇଛି। ଏହି ଭିସାର ଅପବ୍ୟବହାର ହେଉଛି ବୋଲି ସେ କହିଛନ୍ତି। ତେବେ ଆଗାମୀ ୧୦ ବର୍ଷ ପାଇଁ ପ୍ରତିବର୍ଷ ୧୦ ହଜାର ଡାକ୍ତରଙ୍କୁ ଏଚ୍-୧ବି ଭିସା ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି। ଆମେରିକା ପ୍ରତିବର୍ଷ ଦେଉଥିବା ୮୫ ହଜାର ଏଚ୍-୧ବି ଭିସାରୁ ପାଖାପାଖି ୭୦ ପ୍ରତିଶତ ଭାରତୀୟଙ୍କୁ ହିଁ ପ୍ରଦାନ କରାଯାଇଥାଏ।

## ଶିଶୁ ଦିବସରେ ୯ ହଜାରରୁ ଅଧିକ ପିଲାଙ୍କ ପାଖରେ ପହଞ୍ଚିଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୧୫।୧୧ (ଏଜେନ୍ସି): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରେ ଶିଶୁ ଦିବସ ୨୦୨୫ ପାଳନ କରିଛି। ଶିକ୍ଷାଗତ ସହାୟତା, ସାଂସ୍କୃତିକ ସମ୍ପର୍କ, କ୍ରୀଡା ଏବଂ ଦକ୍ଷତା-ନିର୍ମାଣ ଉପରେ କେନ୍ଦ୍ରିତ ଏକ ସମୃଦ୍ଧ ମିଶ୍ରଣ ମାଧ୍ୟମରେ ଏହି ଉତ୍ସବ ୯, ୦୦୦ ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। ଏହା ଯୁବ ମନକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାର ବ୍ୟାପକ ସିଏସଆର ଦୃଷ୍ଟିକୋଣର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତାରେ ନିରନ୍ତର ହସ୍ତକ୍ଷେପ ମାଧ୍ୟମରେ ପିଲାମାନଙ୍କର ସାମଗ୍ରିକ ବିକାଶରେ ନିବେଶ ଜାରି ରଖିଛି। ଅତ୍ୟାଧୁନିକ ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସୁସଜ୍ଜିତ ବିଜ୍ଞାନ ପ୍ରୟୋଗଶାଳାଠାରୁ ଆରମ୍ଭ କରି ଧନୁଯାତ୍ରା ଏକାଡେମୀ ଏବଂ ବ୍ୟାପକ ଦକ୍ଷତା ବିଦ୍ୟାଳୟ ପର୍ଯ୍ୟନ୍ତ,




କମ୍ପାନୀର ପଦକ୍ଷେପଗୁଡ଼ିକ ପିଲା ଏବଂ ଯୁବକମାନଙ୍କୁ ସେମାନଙ୍କର ଉନ୍ନତି ପାଇଁ ଆବଶ୍ୟକ ଉପକରଣ ସହିତ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଶିଶୁ ଦିବସ ପାଳନ ସେହି ସମାନ ଦର୍ଶନକୁ ପ୍ରତିଫଳିତ କରୁଛି।

## ଟିପିସିଓଡିଏଲର ଅତ୍ୟାଧୁନିକ 'କଷ୍ଟମର୍ କେୟାର୍ ସେଣ୍ଟର୍' ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ପାୱର ହାଉସ୍ କଲୋନୀ ନିକଟରେ ଏହାର ବିସିଡିଡି୧ ମଡେଲ୍ ଗ୍ରାହକ ସେବା କେନ୍ଦ୍ର ଉଦଘାଟନ କରିଛି। ଏହା ମାଧ୍ୟମରେ ଭୁବନେଶ୍ୱରର ଚାରି ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ



ଗୋଟିଏ ସ୍ଥାନରେ ସବୁ ସମସ୍ୟାର ସମାଧାନ ପାଇପାରିବେ। ଏହି କେନ୍ଦ୍ରକୁ ଗ୍ରାହକ ସେବାର ଏକ ମଡେଲ୍ ଭାବରେ ପ୍ରତିଷ୍ଠା କରାଯାଇଛି। ଏଠାରେ ଆଧୁନିକ ସୁବିଧା ସହିତ ପ୍ରଯୁକ୍ତିବିଦ୍ୟା ଆଧାରିତ ସେବାଗୁଡିକ ଉପଲବ୍ଧ ରହିଛି। ଏଠାରେ ଡିଜିଟାଲ୍ କିଓସ୍କ, ସ୍ୱୟଂ-ସେବା ବିକଳ୍ପ, ଏକ ଉତ୍ସର୍ଗୀକୃତ ଧାଡ଼ି ପରିଚାଳନା ପ୍ରଣାଳୀ, ବାସ୍ତବ-ସମୟ ମତାମତ ବ୍ୟବସ୍ଥା, ସମ୍ମିଳନୀ କକ୍ଷ ଏବଂ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ରହିଛି। ଏହି ସେଣ୍ଟର ଗ୍ରାହକ ସଂପର୍କ ଓ ସଚେତନତାର ଏକ ମୁଖ୍ୟ କେନ୍ଦ୍ର ଭାବେ କାମ କରିବ। ଉଦଘାଟନ ଉତ୍ସବରେ ଟାଟା ପାୱାରର ସିଏଚ୍‌ଆର୍‌ଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ହିମଲ ତିୱାରୀ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ହିମଲ ତିୱାରୀ କହିଥିଲେ ଯେ ଏହି କେନ୍ଦ୍ର ସରଳ, ସ୍ୱଚ୍ଛ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସେବା ଅଭିଜ୍ଞତା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

### ଏମ୍‌ଜଙ୍କ୍‌ସନ୍‌ର ଇସ୍ପାତ ସମ୍ମିଳନୀ

## ଭାରତର ଇସ୍ପାତକୁ ଅଙ୍ଗାରକମୁକ୍ତ କରିବାର ଚାବି 'ସ୍କ୍ରାପ୍'

ମୁମ୍ବଇ, ୧୫।୧୧ (ସମିସ): ସବୁଜ ଇସ୍ପାତ ନିମନ୍ତେ ସ୍କ୍ରାପ୍ ଏକ ମୁଖ୍ୟ ଉପାଦାନ ଭାବରେ ଉଭା ହେଉଛି ବୋଲି ଦ୍ୱାଦଶ ଇଣ୍ଡିଆନ ଷ୍ଟିଲ ମାର୍କେଟସ୍ କନ୍‌ଫରେନ୍ସରେ ବକ୍ତାମାନେ ଉଲ୍ଲେଖ କରିଛନ୍ତି। 'ଇସ୍ପାତ ଏଭଳି ଏକ ପଦାର୍ଥ ଯାହାକୁ ନିଜର ସାମର୍ଥ୍ୟ ଅଥବା ଗୁଣବତ୍ତା ନ ହରାଇ ଅପରିମିତ କାଳ ପର୍ଯ୍ୟନ୍ତ ପୁନଃଚକ୍ରଣ କରାଯାଇପାରିବ। ଏହା ଇସ୍ପାତକୁ ଶିଳ୍ପ ଅଭିବୃଦ୍ଧିର କେବଳ ମେରୁଦଣ୍ଡ କରି ଗଢିତୋଳୁନାହିଁ, ବରଂ ଦୀର୍ଘସ୍ଥାୟୀ କରିଛି। ଭାରତ ସମ୍ପ୍ରତି ବାର୍ଷିକ ୪୨ ନିୟୁତ ଟନ୍ ସ୍କ୍ରାପ୍ ବ୍ୟବହାର କରୁଛି। ଏହି ପରିମାଣ ବାର୍ଷିକ ୬% ହାରରେ ବୃଦ୍ଧିପାଉଛି। ଦେଶକୁ ପ୍ରତିବର୍ଷ ପ୍ରାୟ ୯ ନିୟୁତ ଟନ୍ ସ୍କ୍ରାପ୍ ଆମଦାନୀ କରାଯାଏ,' ବୋଲି ଏମ୍‌ଜଙ୍କସନ୍ ସର୍ଭିସେସ୍ ଲିମିଟେଡର ଏମ୍‌ଡି ବିନୟ ବର୍ମା କହିଛନ୍ତି। ଦୁଇଦିନିଆ ଦ୍ୱାଦଶ ଇଣ୍ଡିଆନ୍ ଷ୍ଟିଲ ମାର୍କେଟସ୍ କନ୍‌ଫରେନ୍ସର ଉଦ୍‌ଘାଟନୀ ଅଧିବେଶନରେ ସେ ଏହି ଟିପ୍ପଣୀ



ଦେଇଛନ୍ତି।

ଇସ୍ପାତ କ୍ଷେତ୍ରକୁ ଅଙ୍ଗାରକମୁକ୍ତ କରିବା ନିମନ୍ତେ ବିଶ୍ୱସ୍ତରରେ ଚିନ୍ତା ପ୍ରକାଶ ପାଉଥିବାବେଳେ ଚଳିତ ବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ 'ଇଣ୍ଡିଆନ ଷ୍ଟିଲ ଭାଲ୍ୟୁ ଚେନ- ରିସାଇକଲ, ରିସେପ୍, ଇନୋଭେଟ, ସଷ୍ଟେନ' ରହିଛି। ସେଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜାଭେଦ ଅହମ୍ମଦ କହିଥିଲ ଯେ ଦୀର୍ଘ ସ୍ଥାୟୀତ୍ୱ ଆଉ ଏକ ଇଚ୍ଛାଧୀନ ବିଷୟ ହୋଇ ରହିନାହିଁ ବରଂ ତାହା ରଣକୌଶଳମୂଳକ ହୋଇସାରିଛି। ସେହିପରି ଏହି କାର୍ଯ୍ୟକ୍ରମରେ ଗିରିଶ କୁମାର କଦମ୍ (ସିନିୟର ଭାଇସ ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍, କର୍ପୋରେଟ ସେକ୍ଟର ରେଟିଂସ୍, ଆଇସିଆରଏ) ଏବଂ ସନ୍ଦୀପ କୁମାର ସାମିଲ (ଟାଟା ଷ୍ଟିଲ ର ମ୍ୟାଟେରିଆଲ୍ସର ଉପାଧ୍ୟକ୍ଷ) ହୋଇ ନିଜ ମତ ରଖିଥିଲେ। ଏମ୍‌ଜଙ୍କସନ ଗତ ତିନିବର୍ଷ ମଧ୍ୟରେ ୧୫ଟି ରାଜ୍ୟରେ ବୃହତ୍ ସମନ୍ୱିତ ଇସ୍ପାତ କାରଖାନା (ଆଇଏସ୍‌ପି) ଗୁଡିକୁ ୧.୨ ନିୟୁତ ଟନ୍ ସ୍କ୍ରାପ୍ ଯୋଗାଇ ଦେଇଛି ବୋଲି ଶ୍ରୀ ବର୍ମା ଉଲ୍ଲେଖ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ




ସମ୍ବଲପୁର, ୧୫।୧୨ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଲାଠୋର ଶାଖା ପକ୍ଷରୁ କୃଷି ଋଣ ସୁବିଧା ସମ୍ବନ୍ଧରେ ସଚେତନତା ସୃଷ୍ଟି ଏବଂ କୃଷକ ସମାଜକୁ ଆର୍ଥିକ ସହାୟତା ପ୍ରଦାନ କରି ସଶକ୍ତ ଉଦ୍ଦେଶ୍ୟରେ ଏକ କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଆଖପାଖ ଅଞ୍ଚଳର ଗ୍ରାମୀଣ ଉଦ୍ୟୋଗୀଙ୍କ ସମେତ ପ୍ରାୟ ୨୫୦ଜଣ ଋଣଗ୍ରହୀତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମୟୋଚିତ କୃଷି ଋଣର ଗୁରୁତ୍ୱ ଏବଂ ବ୍ୟାଙ୍କର ବିଭିନ୍ନ କୃଷି ଉପଯୋଗୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। କରୁଆଁଝରର ସରପଞ୍ଚ ଜପସ୍ୱୀନି ସାହୁ ଏଥିରେ ଯୋଗ ଦେଇ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବାରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଫସଲ ଋଣ, କୃଷି ମିଆଦୀ ଋଣ ଓ ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ କୃଷି ଋଣଗ୍ରହୀତାଙ୍କୁ ପ୍ରାୟ ୧.୫ କୋଟି ଟଙ୍କର ଋଣ ମଞ୍ଜୁରକରାଯାଇଥିଲା। ଲାଠୋର ବ୍ୟାଙ୍କର ଶାଖା ପ୍ରବନ୍ଧକ ମାଧବ ବିଶି ବ୍ୟାଙ୍କର ବିଭିନ୍ନ କୃଷିଯୋଜନାଗୁଡିକ ବିଷୟରେ ସୂଚନା ଦେଇଥିଲେ।

## ଜୋନାଥନ ଗ୍ରାନଫ୍‌ଙ୍କୁ 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର'



ଭୁବନେଶ୍ୱର, ୧୫।୧୧(ସମିସ): ବିଶ୍ୱଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ଗ୍ରାନଫ୍ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ। ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ। ଗ୍ରାନଫ୍ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲା।

ପ୍ରାରମ୍ଭରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ହାତୀଛୁଆର ମୃତଦେହ ଠାବ

ବାରିପଦା, ୧୫।୧୧ (ସମିସ): ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଠାବ ହୋଇଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶାବକର ଶବ ବ୍ୟବଚ୍ଛେଦ କରାଇବା ସହ ନମୁନା ସଂଗ୍ରହ କରିଛି। ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିଥିବାରୁ ଏହି ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପାଚିଲା ଧାନ ଖାଇବାକୁ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ଏକ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ଏହି ପଲରେ ଥିବା ଏକ ନବଜାତ ହାତୀ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ହଳଦୀବଣି ଜଙ୍ଗଲରେ ମରିପଡ଼ିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗରିପୋଷି ଅଞ୍ଚଳରେ ସେହି ପଲରୁ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା। ସେତେବେଳେ ପଲରେ ଥିବା ଅନ୍ୟ ଗର୍ଭବତୀ ହାତୀ ପରେ ଜନ୍ମ ଦେଇଥିବା କୁହାଯାଉଛି। ତେବେ ଘଞ୍ଚ ଜଙ୍ଗଲ ପରିବର୍ତ୍ତେ ଏହି ହାତୀପଲ ବିଭିନ୍ନ ଧାନକ୍ଷେତ ଓ ଗାଁଗଣ୍ଡା ବୁଲୁଥିବାରୁ ଗୋଟିଏ ପରେ ଗୋଟିଏ ଶାବକ ପ୍ରାଣ ହରାଉଛନ୍ତି। ହାତୀ ମୃତ୍ୟୁର କାରଣ ଓ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ପ୍ରୟାସ ଜରୁରୀ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।



# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା, ୧୫।୧୧ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଗାଇଡଲାଇନ୍ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ବାଘ ଗଣନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା ଓ ଶାକହାରୀ ପ୍ରାଣୀମାନଙ୍କ ସାଇନ ସର୍ଭେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ (ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ।



- ୨୦୨୬ ମସିହା ମାର୍ଚ୍ଚରେ ଶେଷ ହେବ
- ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା

କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ରୟାଲ ବେଙ୍ଗଲ ଟାଇଗର୍ ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱରେ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନଟସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାସୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଲଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୦୩ଟି ବିଟ୍ ଅଞ୍ଚଳରେ ଏହି ଗଣନା କରାଯିବ। ଏଥିପାଇଁ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ।

ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କିମି ଗ୍ରିଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି।

ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ। ପୂର୍ବ ଗଣନା ଅନୁଯାୟୀ, ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ ପାର୍ କରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୦୨୨ର ସର୍ବଭାରତୀୟ (ପାନ-ଇଣ୍ଡିଆ) ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ତେବେ, ଅଲ୍ ଓଡ଼ିଶା ଟାଇଗର୍ ଏଷ୍ଟିମେଣ୍ଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ। ରାଜ୍ୟରେ ଥିବା ମହାବଳ ବାଘ ମଧ୍ୟରୁ ସର୍ବାଧିକ ୩୯ଟି ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି।



# ‘ଚକ୍ରାନ୍ତ’ର ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ

ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ଚକ୍ରାନ୍ତ’ର ପୋଷ୍ଟ ପ୍ରଡକ୍ସନ୍ ଶେଷ ହୋଇଛି। ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି। ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଏହି ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଟାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଏଥିରେ ଭରପୂର କମେଡି ମଧ୍ୟ ଅଛି। ଫ୍ୟାମିଲି ଡ୍ରାମା ସହ ଲଭ୍ ରୋମାନ୍ସ ଥିବା ବେଳେ, ଆମ ଓଡ଼ିଶାର ଦୋଳ ପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ।। ଏହି ଫିଲ୍ମ ରେ, ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରି ହେବ। ■



# ପ୍ରଶଂସା ସାଉଁଟୁଛି ଅଭିଜିତଙ୍କ ‘ସଜନା’

# ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ

ରିଲିଜ୍ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ ‘ସଜନା’। ଯାହା ଦର୍ଶକଙ୍କ ହୃଦୟ ଜିଣୁଥିବା ବେଳେ ୟୁଟ୍ୟୁବରେ ଖୁବ୍ ପ୍ରଶଂସା ସାଉଁଟୁଛି। ‘ସଜନା’ ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ୍ ଫ୍ୟୁଜନ୍। ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ‘ସଜନା’ ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ। ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି। ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଏହି ମ୍ୟୁଜିକ୍ ଭିଡିଓରେ ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି। ‘ସଜନା’ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ୍ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି। ତେବେ ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି। ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ ‘ସଜନା’କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■



## ଟେଲିଭିଜନ ପ୍ରିମିୟର

# ‘ଗଙ୍ଗା, ଯମୁନା, ସରସ୍ୱତୀ’

ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଟିଭିରେ ଟେଲିଭିଜନ ପ୍ରିମିୟର୍ ହେବ ‘ଗଙ୍ଗା, ଯମୁନା, ସରସ୍ୱତୀ’। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଶ୍ରଦ୍ଧା। ଶ୍ରଦ୍ଧା ଏଥିରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ତିନିଟି ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ସଞ୍ଜୟ ନାୟକ। ପ୍ରଯୋଜନାରେ ଅଛନ୍ତି କ୍ଷୀରୋଦ ପଟ୍ଟନାୟକ। ସଂଗୀତରେ ସନ୍ଦୀପ ପଣ୍ଡା ଥିବା ବେଳେ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ସନ୍ଦୀପ। ସେହିପରି ସିନେମାଟିର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍. ଜିତୁ, ପାୟଲ ମହାନ୍ତି। ଶ୍ରଦ୍ଧାଙ୍କ ବ୍ୟତୀତ ସିନେମାରେ ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ରଶ୍ମି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂହ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ■





# ମାଣବସା ଗୁରୁବାରରେ ‘ଲକ୍ଷ୍ମୀପୁରାଣ’

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇ ଆସିଛି ବଳରାମ ଦାସଙ୍କ ଅନନ୍ୟ କୃତି ‘ଲକ୍ଷ୍ମୀ ପୁରାଣ’। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଦର୍ଶକ ଏଥିରେ ‘ଲକ୍ଷ୍ମୀ ପୁରାଣ’ ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୪ଟା ସମୟରେ ଦେଖିବାର ସୁଯୋଗ ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିଛନ୍ତି ଓଡ଼ିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଦର୍ଶକେ ଯୋଡ଼ି ହେବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

# ରେକର୍ଡିଂ ପୂର୍ବରୁ ଗୀତର ସୁଟିଂ

ସାଧାରଣତଃ ଫିଲ୍ମ ଗୀତଗୁଡ଼ିକ ପ୍ରଥମେ ରେକର୍ଡିଂ କରାଯାଇଥାଏ। ତାପରେ ଗୀତ ଅନୁଯାୟୀ ଏହାର ଦୃଶ୍ୟ ସୁଟିଂ ହୋଇଥାଏ। କିନ୍ତୁ ଏଭଳି ଏକ ଗୀତ ରହିଛି, ଯାହାର ଗୀତ ରେକର୍ଡିଂ ପୂର୍ବରୁ ପ୍ରଥମେ ଦୃଶ୍ୟର ସୁଟିଂ ହୋଇଥିଲା। ଏହି ଗୀତଟି ଥିଲା ‘ପଟାଖା ଗୁଡ୍ଡି’। ୧୧ ବର୍ଷ ତଳେ ଆସିଥିବା ଏହି ଗୀତ ରାତାରାତି ସୁପରହିଟ୍ ହୋଇଥିଲା। ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ‘ହାଇୱେ’ର ଏହା ଏକ ଲୋକପ୍ରିୟ ଗୀତ। ଏହି ଗୀତକୁ ନୁରନ୍ ସିଷ୍ଟର୍ସ ଗାଇଥିଲେ। ଏହାର ମ୍ୟୁଜିକ୍ ଓ କମ୍ପୋଜିସନ୍ ଏଆର୍ ରେହମାନ୍ କରିଥିଲେ। ଗୀତକୁ ରଚନା କରିଥିଲେ ଇରଶାଦ୍ କାମିଲ। ଏହା ଫିଲ୍ମ ଇଣ୍ଡଷ୍ଟ୍ରୀର ପ୍ରଥମ ଗୀତ ଯାହା ରେକର୍ଡିଂ ପୂର୍ବରୁ ପ୍ରଥମେ ସୁଟିଂ ହୋଇଥିଲା। ଇମତିୟାଜ୍ ଅଲ୍ଲୀ ପ୍ରଥମେ ଏହି ଗୀତର ଭିଜୁଆଲ୍ ସୁଟ୍ କରିସାରିଥିଲେ। ସେ ଲୋକେସନ୍, ମୁଡ୍ ଓ ଚରିତ୍ର ଅନୁଯାୟୀ ସ୍ଥାନ ନିରୂପଣ କରିଥିଲେ। ପରେ ଏ.ଆର୍. ରେହମାନଙ୍କୁ ପ୍ରଶ୍ନ କରିଥିଲେ, ଗୀତ ପାଇଁ କେଉଁଭଳି ପରିବେଶ ଆବଶ୍ୟକ। ହିନ୍ଦୀ ସିନେମାରେ ଏପରି ଦୃଶ୍ୟ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଇମତିୟାଜ୍ ଅଲ୍ଲୀ ଗୀତରେ ବାସ୍ତବ ଯାତ୍ରା ଓ ନୂତନତ୍ୱର ଏକ ଝଲକ ଦେଖାଇବାକୁ ଚାହୁଁଥିଲେ। କେବଳ ସେତିକି ନୁହେଁ, ସୁଟିଂ ଯାଏଁ ଗୀତର ଧୁନ୍ ମଧ୍ୟ ଜଣା ନ ଥିଲା। କିନ୍ତୁ ସେ ଆଲିୟା ଓ ରଣଦୀପ ହୁଡ୍ଡାଙ୍କୁ ନେଇ ଏପରି ଦୃଶ୍ୟ ସୁଟ୍ କରିଥିଲେ, ଯେଉଁଥିରେ ସ୍ୱାଧୀନତା ଓ ବେଫିକର୍ ହୋଇ ବୁଲିବାର ଦିଶୁଥିଲେ। ପରବର୍ତ୍ତୀ ସମୟରେ ରେହମାନ୍ ଏହି ଦୃଶ୍ୟ ଦେଖିବା ପରେ ଫିଲ୍ମର ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ। ଏଥିପାଇଁ ଏହି ଗୀତରେ ଏକ ବାସ୍ତବ, ଜୀବନ୍ତ ଦୃଶ୍ୟର ଅନୁଭୂତି ଦେଖିବାକୁ ମିଳିଥିଲା। ଏହାକୁ ପଞ୍ଜାବ ଓ ହରିୟାଣାର ସୁନ୍ଦର ରାସ୍ତାରେ ସୁଟିଂ କରାଯାଇଥିଲା। ଖୋଲାପ୍ରାନ୍ତର, ରାସ୍ତା ଓ ଟ୍ରକ୍‌ସବାରୀ ଗୀତରେ ଏକ ନିଆରା ଅନୁଭୂତି ଦେଇଥିଲା। ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଦ୍ୱିଗୁଣା ଆୟ କରିଥିଲା। ■



ସାକ୍ଷାତକାର

ବାପା ତାଙ୍କର କଳା ଜଗତ ସହିତ ଜଡ଼ିତ ଥିଲେ। ତାଙ୍କୁ ଦେଖି ସେ ବି ଜଣେ ଅଭିନେତ୍ରୀ ହେବାକୁ ଚାହିଁଥିଲେ। ସ୍କୁଲରୁ କଲେଜ ସବୁଠି ଏକକ ଅଭିନୟ କରି ସେ ଦର୍ଶକଙ୍କ ମନ କିଣି ପାରୁଥିଲେ। ଅଭିନେତ୍ରୀ ହେବାର ଜିଦ୍ ତାଙ୍କୁ ପରବର୍ତ୍ତୀ ସମୟରେ ଦେଇଥିଲା ସଫଳତା। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ହେଉଛନ୍ତି କେଉଁଝର ଜିଲ୍ଲା ଆନନ୍ଦପୁରର ମାମାଲି ସାହୁ। କମେଡିରୁ କାମ ଆରମ୍ଭ କରି ‘ମୋ ଶାଶୂର ଶାଶୂମା’ରେ ଚମତ୍କାର ଅଭିନୟ କରିଛନ୍ତି। ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିଛନ୍ତି। ନିକଟରେ ସେ ‘ଚାରିଧାମ’ ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ଜଣେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# ‘ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ’

## ମାମାଲି ସାହୁ, ଅଭିନେତ୍ରୀ



**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଟି ଦିନେ ଟିଭିରେ ଯାହା ଦେଖୁଥିଲି ତାକୁ ନକଲ କରୁଥିଲି। ‘ଛଅ ମାଣ ଆଠ ଗୁଣ୍ଠ’, ‘ବଡ଼ ଘର ବଡ଼ ଗୁମର କଥା’ ଆଦି ଧାରାବାହିକ ମୋର ପ୍ରିୟ ଥିଲା। ସେଥିରେ ଶ୍ୱେତା ଆଚାର୍ଯ୍ୟଙ୍କ ନେଗେଟିଭ୍ ଚରିତ୍ରକୁ ମୁଁ ଅନୁକରଣ କରୁଥିଲି। ତାଙ୍କର ମୁଁ ପ୍ରଶଂସକ ଥିଲି। ତାଙ୍କ ପରି ଅଭିନୟ କରିବାକୁ ସ୍ୱପ୍ନ ଦେଖୁଥିଲି। ଯେହେତୁ ମୋ ପିତା କଳା ଲାଇନ୍‌ରେ ଥିଲେ ସେ ବି ଚାହୁଁଥିଲେ ଝିଅ ଅଭିନେତ୍ରୀ ହେଉ। ତେଣୁ ମୋର ଏହି ଯାତ୍ରା ସହଜ ହୋଇଯାଇଥିଲା। ପ୍ରଥମେ ପ୍ରଜ୍ଞା ଭାଇଙ୍କ ସହିତ କିଛି କମେଡି କରିଲି। ପରେ ଧାରାବାହିକ ‘ମୋ ଶାଶୂର ଶାଶୂମା’ରେ କମେଡି ଚରିତ୍ରରେ ନଜର ଆସିଥିଲି। ପରବର୍ତ୍ତୀ ସମୟରେ ‘ଆଭା’, ‘ଦୁର୍ଗା’ ସିନେମାରେ କାମ କରିବାକୁ ସୌଭାଗ୍ୟ ଲାଭ କରିଛି। ସେହିଭଳି ‘ବେଶୀ ଜମା ଭଲ ନୁହେଁ’ ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ଦର୍ଶକଙ୍କ ଭଲ ପାଇବା ପାଇଛି।

**କମେଡି ସିନ୍‌ରୁ ସିନେମାରେ ନେଗେଟିଭ୍ ଚରିତ୍ର କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

- କମେଡି ଆଉ ଅଭିନୟ ଏ ଦୁଇଟି ମୋତେ କରିବାର ଥିଲା। ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବ। ଏହି କଥାକୁ ମନେ ରଖି ସିନେମାରେ ଅଭିନୟ କରିଛି। ‘ଆଭା’ ସିନେମାରେ ମୁଁ ଜଣେ ଶିକ୍ଷୟିତ୍ରୀ ଭାବେ ଅଭିନୟ କରିଥିଲି। ‘ଦୁର୍ଗା’ ଚଳଚ୍ଚିତ୍ରରେ ମୁଁ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଥିଲି। ‘ଚାରିଧାମ’ରେ ମୁଁ ବୋହୂ ଭୂମିକାରେ ନଜର ଆସିଥିଲି। ଯିଏକି ନିଜର ଶାଶୂ ଏବଂ ଶ୍ୱଶୁରଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛି। ଯଦିଓ କମ୍ ସମୟ ପାଇଁ ଏହି ଚରିତ୍ର ଥିଲା। ହେଲେ ଦର୍ଶକ ମୋ ଚରିତ୍ରକୁ ବହୁତ ଭଲପାଇବା ଦେଇଛନ୍ତି। କେବଳ ‘ଚାରିଧାମ’ ନୁହେଁ ‘ଆଭା’ ସିନେମାଟି ମୋତେ ଲୋକପ୍ରିୟ କରାଇଛି।

**‘ଚାରିଧାମ’ରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

- ‘ଚାରିଧାମ’ ସିନେମାରେ ଅଭିନୟ କରିବା ପୂର୍ବରୁ ମୁଁ କିଛି ସିନେମାରେ କାମ କରିସାରିଥିଲି। ଏହାକୁ ଦେଖି ତାପସ ସରଘରିଆ ଭାଇ ‘ଚାରିଧାମ’ ପରି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। ଆଉ ଚରିତ୍ର ଭଲ କେମିତି କରିବି ସେ ନେଇ ସେ ଗାଇଡ୍ କରିଥିଲେ। ତେଣୁ ‘ଚାରିଧାମ’ ପରି ସିନେମା କରିବା ସୌଭାଗ୍ୟର ବିଷୟ। ବହୁତ ଖୁସି ଲାଗିଥିଲା ଏହି ସିନେମାକୁ ନେଇ।

**ଫିଟ୍ ରହିବାକୁ କଣ କରନ୍ତି?**

- ଆଗରୁ ଧାରାବାହିକରେ କାମ କରୁଥିଲି। ସେଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ପଡୁଥିଲା। ଏହା ଦ୍ୱାରା ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଧାରାବାହିକ କାମ ଛାଡ଼ି ନିଜକୁ ସମୟ ଦେଉଛି। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ। ବ୍ୟାୟାମ ଓ ଯୋଗ କରେ।

**ଡ୍ରିମ ରୋଲ?**

- ନେଗେଟିଭ୍ ଏବଂ ଲାଜକୁଳା ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛି। ମୌଳିକଧର୍ମୀ କାହାଣୀର ସିନେମାରେ କାମ କରିବାକୁ ଯୋଜନା ରଖିଛି। ଯାହା ବି ମୋତେ ଚରିତ୍ର ମିଳିବ ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେଉଛି।

**ଭଲ ଅଭିନୟ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

- ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ମୋ ମୁହଁର ଭାବ, ବେଶ ପରିପାଟୀ ଖାପ ଖାଉଛି କି ନାହିଁ, କେମିତି ମୋ ଅଙ୍ଗଭଙ୍ଗୀ ରହିବ ତାହାକୁ ସବୁ ଧ୍ୟାନ ଦିଏ। ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ।

**କଳା କ୍ଷେତ୍ରକୁ ନୂଆ କରି ଆସୁଥିବା ପିଲାଙ୍କୁ କ’ଣ କହିବେ?**

- ନୂଆ ପିଢ଼ିଙ୍କୁ ଏତିକି କହିବି ଏ ଲାଇନ୍‌କୁ ଆସୁଥିଲେ, ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଧୀରେ ଧୀରେ କାମ ଆରମ୍ଭ କରନ୍ତୁ। କାରଣ ଛୋଟ ଛୋଟ କଥା ମଣିଷଙ୍କୁ ବଡ଼ ସଫଳତା ଦେଇଥାଏ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଶିଖିବାର ଆବଶ୍ୟକତା ରହିଛି। ଶିଖିଲେ ହିଁ ମଣିଷ ଆଗକୁ ବଢ଼ିବ। ■



# କ୍ରୀଡ଼ା

ସକାଳ
www.sakalaepaper.com

## ଦ.ଆଫ୍ରିକା ଧରାଶାୟୀ; ଭାରତ ନିୟନ୍ତ୍ରଣରେ ମ୍ୟାଚ୍

# ଇଡେନ୍‌ରେ ବୋଲରଙ୍କ ରାଜୁତି ଜାରି

କୋଲକାତା, ୧୫ ।୧୧ (ଏଜେନ୍ସି): ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିବସରେ ୧୧ ୱିକେଟ୍‌ର ପତନ ଘଟିଥିବାବେଳେ ଶନିବାର ଆଉ ୧୫ଟି ୱିକେଟ୍ ପଡ଼ିଛି। ଦୁଇଦିନରେ ମୋଟ୍ ୨୬ଟି ୱିକେଟର ପତନ ଘଟିସାରିଲାଣି।

### ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ

୩୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ ସଂଗ୍ରହ କରିଛି। ଅଧିନାୟକ ତେମ୍ବା ବଭୁମା ୨୯ ଓ କୋର୍ବିନ ବୋଷ୍ଟ ୧ ରନରେ ଅପରାଜିତ ରହିଛନ୍ତି। ମାର୍କୋ ଜାନସେନ ୧୩, ର୍ୟାନ ରିକ୍ଲେନଟନ ୧୧, ୱିଆନ ମଲ୍ଡର ୧୧, କାଏଲ ଭେରେନୀ ୯, ଆଇଡେନ ମାର୍କରମ ୪, ଟ୍ରିଷ୍ଟାନ ଷ୍ଟବ୍ସ ୫, ଟୋନି ଡି ଜୋରଜି ୨ ରନରେ ଆଉଟ୍ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ନେଇ ସବୁଠୁ ସଫଳ ବୋଲର ରହିଥିଲେ। କୁଲଦୀପ୍ ଯାଦବ ୨ ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଛନ୍ତି। ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ମୋଟ୍ ୬୩ ରନରେ ଅଗ୍ରଣୀ ରହିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଭାରତ ଏବେ ଦୃଢ଼ସ୍ଥିତିରେ ରହିଛି।

### ରାହୁଲଙ୍କ ୪ ହଜାର ରନ ପୂରଣ

ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ସୀମିତ ରହିବା ପରେ ଭାରତ ପ୍ରଥମ ଦିବସ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୩୭ ରନ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୬୨.୨ ଓଭରରେ ୧୮୯ ରନରେ ସୀମିତ ରହିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୩୯ ରନ କରିଥିଲେ। ଏହିକ୍ରମରେ ସେ ୧୮ତମ ଭାରତୀୟ ଭାବେ ଟେଷ୍ଟରେ ୪ ହଜାର ରନ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୯, ଋଷଭ ପନ୍ତ ୨୭, ଜାଡେଜା ୨୭, ଅକ୍ଷର ୧୬, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୪ ରନ କରିଥିବାବେଳେ ବେକରେ ଆଘାତ ପାଇ ରିଟାୟର୍ଡ ହର୍ଟ୍ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାଇମନ ହାର୍ମର ୪ ଓ ମାର୍କୋ ଜାନସେନ ୩ଟି ୱିକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦**

**ଭାରତ ପ୍ରଥମ ଇନିଂସ: ୧୮୯/୯** (ଗିଲ୍- ରିଟାୟାର୍ଡ ହର୍ଟ୍- ୪, ରାହୁଲ- ୩୯, ୱାଶିଂଟନ- ୨୯, ଜାଡେଜା- ୨୭, ପନ୍ତ- ୨୭, ଜୁରେଲ- ୧୪, ଅକ୍ଷର- ୧୬, ହାର୍ମର- ୪/୩୦, ଜାନସେନ- ୩/୩୫)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୯୩/୭, ୩୫ ଓଭର** (ବଭୁମା- ୨୯, ଜନସେନ- ୧୩, ମଲ୍ଡର- ୧୧, ମାର୍କରମ- ୪, ଷ୍ଟବ୍ସ- ୫, ଜାଡେଜା- ୪/୨୯, କୁଲଦୀପ୍- ୨/୧୨)।

## ଆଇପିଏଲ୍-୧୯: ଖେଳାଳି ରିଟେନ୍‌ସନ୍ ତାଲିକା ଜାରି

# ଜାଡେଜାଙ୍କୁ ଛାଡ଼ି ସଞ୍ଜୁଙ୍କୁ ଆଣିଲା ସିଏସ୍‌କେ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି ଶନିବାର ଥିବା ରିଟେନସନ୍ ତାଲିକାର ଜାରି କରିବାର ଶେଷଦିନ। ଏହି ଅବସରରେ ସମସ୍ତ ୧୦ଟି ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ରଖିଲେ ଓ କାହାକୁ ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ମିନି ନିଲାମୀକୁ ଛାଡ଼ିଲେ ତାହାର ତାଲିକା ଜାରି କରିଛନ୍ତି। ସେହିଭଳି ଫ୍ରାଞ୍ଚାଇଜ-ଫ୍ରାଞ୍ଚାଇଜ ମଧ୍ୟରେ ଖେଳାଳି ଅଦଳବଦଳ ନେଇ ଟ୍ରେଡ୍ ଡିଲ୍ ମଧ୍ୟ ହୋଇଛି। ଏହିକ୍ରମରେ ସବୁଠୁ ବଡ଼ ଅଦଳବଦଳ ହୋଇଛି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ। ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଏହାର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ରାଜସ୍ଥାନ ସହ ଟ୍ରେଡ୍ ଡିଲ୍ କରିଛି। ଜାଡେଜା ରାଜସ୍ଥାନକୁ ଯାଇଥିବାବେଳେ ରାଜସ୍ଥାନର ନିର୍ଭରଯୋଗ୍ୟ ବ୍ୟାଟର୍ ସଞ୍ଜୁ ସାମସନ ଚେନ୍ନଇ ଦଳରେ ସାମିଲ ହୋଇଛନ୍ତି। ସିଏସ୍‌କେର ବାଦନ୍ଦ ୨ ବର୍ଷ (୨୦୧୬ ଓ ୨୦୧୭)କୁ ଛାଡ଼ି ଜାଡେଜା ୨୦୧୨ରୁ ଏହି ଫ୍ରାଞ୍ଚାଇଜ ପାଇଁ ଖେଳୁଛନ୍ତି। ତାଙ୍କର ମୂଲ୍ୟ ୧୪ କୋଟି ଟଙ୍କା ରହିଥିଲା। ଏଥିପୂର୍ବରୁ ଜାଡେଜା ଆଇପିଏଲ୍ ଆରମ୍ଭ ସମୟରେ ରାଜସ୍ଥାନ ଦଳର ସଦସ୍ୟ ଥିଲେ। 'ଏବେ ଜାଡେଜାଙ୍କ ଘର ବାହୁଡ଼ା ହୋଇଛି' ବୋଲି ରାଜସ୍ଥାନର ମାଲିକ ମନୋଜ ବଦଲେ କହିଛନ୍ତି। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସିଏସ୍‌କେ ଜାଡେଜାଙ୍କୁ ଛାଡ଼ିଥିବା କୁହାଯାଉଛି। ଅପରପକ୍ଷରେ ଅନ୍ୟ ବଡ଼ ଡିଲ୍ ମଧ୍ୟରେ ସନରାଇଜର୍ସ ହାଇଦରାବାଦ୍‌ର ମହମ୍ମଦ ସାମି ଟ୍ରେଡ୍ ଡିଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ଯାଇଛନ୍ତି। ସେହିଭଳି ସାମ୍ କୁରନ ଚେନ୍ନାଇରୁ ରାଜସ୍ଥାନକୁ, ନୀତୀଶ ରାଣା ରାଜସ୍ଥାନରୁ ଦିଲ୍ଲୀ କ୍ୟାପିଟାଲ୍ସକୁ, ଅର୍ଜୁନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସରୁ ଲକ୍ଷ୍ନୌକୁ, ଶାର୍ଦ୍ଦୁଳ ଠାକୁର ଲକ୍ଷ୍ନୌରୁ ମୁମ୍ବାଇକୁ ଟ୍ରେଡ୍ ଡିଲରେ ଯାଇଛନ୍ତି।

### ରିଲିଜ୍ ହେଲେ ମ୍ୟାକ୍ସୱେଲ ଓ ରସେଲ୍



ସେହିପରି ବିଭିନ୍ନ ଫ୍ରାଞ୍ଚାଇଜ ବଡ଼ ବଡ଼ ଖେଳାଳିଙ୍କୁ ଦଳରୁ ରିଲିଜ କରି ନିଲାମୀକୁ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ଫାଫ୍ ଡୁ ପ୍ଲେସିସଙ୍କୁ, ବେଙ୍ଗାଲୁରୁ ମୟଙ୍କ ଅଗରୱାଲ, ଟିମ୍ ସେଇଫର୍ଟ, ଲିଆମ ଲିଭିଂଷ୍ଟୋନଙ୍କୁ, ପଞ୍ଜାବ ଗ୍ଲେନ ମ୍ୟାକ୍ସୱେଲ, ଜୋଶ୍ ଇଂଲିଶଙ୍କୁ, ଚେନ୍ନାଇ ରାଚିନ ରବୀନ୍ଦ୍ର, ଦୀପକ ହୁଡା, ବିଜୟ ଶଙ୍କର, ମହୀଷ ପଥିରାଣାଙ୍କୁ, ଗୁଜରାଟ ଦସୁନ ଶନକା, ଗେରାଲ୍ଡ କୋର୍ଜିଙ୍କୁ, କୋଲକାତା ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି କକ୍, ମୋଇନ ଅଲିଙ୍କୁ, ଲକ୍ଷ୍ନୌ ଡେଭିଡ୍ ମିଲର, ଆକାଶ ଦୀପ୍, ରବି ବିଷ୍ଣୋଇଙ୍କୁ, ମୁମ୍ବାଇ ରିସି ଟୋପଲୀ, କର୍ନ ଶର୍ମା, ମୁଜିବ ଉର୍ ରେହମାନ, ରାଜସ୍ଥାନ ୱାନିନ୍ଦୁ ହାସରଙ୍ଗା, ମହୀଷ ଥିକସାନା ଏବଂ ହାଇଦରାବାଦ୍ ଆଦାମ ଜାମ୍ପା, ରାହୁଲ ଚହର, ୱିଆନ ମଲ୍ଡର ପ୍ରମୁଖଙ୍କୁ ଦଳରୁ ରିଲିଜ ଅର୍ଥାତ୍ ବାହାର କରିଛି।

# ଷ୍ଟେଟ୍-ଏ ଟ୍ରଫି: ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୧୫ ।୧୧ (ସମିସ): ଭଦୋଦରାରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୩୭ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ଓମ୍ ଟି ମୁଣ୍ଡେ (୫୪) ଓ ଶ୍ରେୟାଂଶ ଭରଦ୍ୱାଜ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୭ ରନ କରିଥିଲା। ଗୁଜରାଟର କୁଶନ ଶ୍ୟାମ ପଟେଲଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କୁଶନଙ୍କ ୬୦ ରନ ସତ୍ତ୍ୱେ ୪୭.୪ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଏମ୍‌ଡି ଡାନିସ ୩ ଓ ବିମଳ କୁମାର ୨ଟି ୱିକେଟ୍ ହାତେଇଥିଲେ। ଏଥିସହ ଓଡ଼ିଶା ୪ର୍ଥ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ରେ ମୁମ୍ବଇ (୧୬) ଓ ଆନ୍ଧ୍ର (୧୨) ପଛକୁ ରହିଛି।

## ଟେଷ୍ଟରେ ୪ ହଜାର ରନ ଓ ୩୦୦ ୱିକେଟ୍

# କପିଳଙ୍କ ପରେ ଜାଡେଜା ଦ୍ୱିତୀୟ ଭାରତୀୟ

କୋଲକାତା, ୧୫ ।୧୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ କୋଲକାତା ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ଓ ୪ ହଜାର ରନ ସଂଗ୍ରହ ଭଳି ଏଲିଟ୍ କ୍ଲବରେ ଜାଡେଜା ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ୨୭ ରନର ଛୋଟିଆ ପାଳି ଖେଳିବା ସହ ଜାଡେଜା ଟେଷ୍ଟରେ ୪ ହଜାର ରନ ପୂରଣ କରିଛନ୍ତି। ଜାଡେଜା ବର୍ତ୍ତମାନ ସୁଦ୍ଧା ୮୮ଟି ଟେଷ୍ଟ ଖେଳି ୪୦୧୭ ରନ ସହ ୩୪୨ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହି ସଫଳତା ପାଇବାରେ ସେ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଓ ଓଭରଅଲ୍ ବିଶ୍ୱର ୪ର୍ଥ କ୍ରିକେଟର୍।

**ଟେଷ୍ଟରେ ୪୦୦୦ ରନ ଓ ୩୦୦ ୱିକେଟ୍**

| ଖେଳାଳି | ମ୍ୟାଚ୍ | ରନ | ୱିକେଟ |
|---|---|---|---|
| କପିଳ ଦେବ | ୧୩୧ | ୫୨୪୮ | ୪୩୪ |
| ଇଆନ ବୋଥାମ | ୧୦୨ | ୫୨୦୦ | ୩୮୩ |
| ଡାନିଏଲ୍ ଭିଟ୍ଟୋରୀ | ୧୧୩ | ୪୫୩୧ | ୩୬୨ |
| ରବୀନ୍ଦ୍ର ଜାଡେଜା | ୮୮ | ୪୦୧୭ | ୩୪୨ |



## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

# ୧୦ମ ରାଉଣ୍ଡ ଶେଷରେ ଶୀର୍ଷରେ ଗାର୍ଡିଆନ୍ସ

ଭୁବନେଶ୍ୱର, ୧୫ ।୧୧ (ସମିସ): ଏଠାରେ ଚାଲିଥିବା ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ରେ ଶନିବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୧୦ ରାଉଣ୍ଡ ଖେଳ ଶେଷ ହୋଇଛି। ଏହି ସମୟରେ ଗୋଲକୁଣ୍ଡା ଗାର୍ଡିଆନ୍ସ ସର୍ବାଧିକ ୧୬ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ରହିଛି। ସେହିଭଳି ବାରବାଟୀ ବ୍ୟାଟେଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ଦୁଇଟି ସ୍ଥାନରେ ରହିଛନ୍ତି। ରାଜଧାନୀ ଚ୍ୟାଲେଞ୍ଜର୍ସ (୧୩) ଓ ଅମ୍ବର ଆଭେଞ୍ଜର୍ସ (୧୩) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି। ରବିବାର ଅନ୍ତିମ ତଥା ୧୧ତମ ରାଉଣ୍ଡ ଖେଳାଯିବ। ଏହାପରେ ନକ୍‌ଆଉଟ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଓ ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଚେସ୍ ଲିଗ୍‌ରେ ୧୨ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି।

## ରଣଜୀ ଟ୍ରଫି: ଆଜିଠୁ ନାଗାଲାଣ୍ଡ ବିପକ୍ଷ ଲଢ଼େଇ

# ୭ ବର୍ଷ ପରେ କିଟ୍‌ରେ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୧୫ ।୧୧ (ସମିସ): ଚଳିତ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଚଳିତ ରଣଜୀ ସିଜନରେ ଏହି ଦୁଇ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରି ନାହାନ୍ତି। ଓଡ଼ିଶା ଓ ନାଗାଲାଣ୍ଡ ୩ଟି ଲେଖାଏ ମ୍ୟାଚ୍ ହାରିଥିବାବେଳେ ଗୋଟିଏ ମୁକାବିଲା ଡ୍ର' ରଖି ୧ ପଏଣ୍ଟ ପାଇଛନ୍ତି। ତେଣୁ ଉଭୟ ଦଳ ନିକଟରେ ଏଠାରେ ବିଜୟ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ସେହିଭଳି ଟେବଲ୍‌ର ସର୍ବନିମ୍ନ ସ୍ଥାନ ଲାଗି ଏଠାରେ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ପରାଜିତ କିମ୍ବା ପ୍ରଥମ ପାଳିରେ ପଛୁଆ ରହିଥିବା ଦଳ ଗ୍ରୁପ୍-ଏ'ର ସର୍ବନିମ୍ନ ୮ମ ସ୍ଥାନରେ ରହିବ। ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ୍ ସହ ଦୀର୍ଘ ୫ ବର୍ଷ ପରେ କିଟ୍‌କୁ ରଣଜୀ ଟ୍ରଫି ମ୍ୟାଚ୍ ଫେରିଛି। ଶେଷଥର ଲାଗି ୧୯ ଜାନୁଆରୀ ୨୦୨୦ରେ ମିଜୋରାମ ଓ ସିକ୍କିମ ମଧ୍ୟରେ ଏଠାରେ ଏକ ରଣଜୀ ମ୍ୟାଚ୍ ଖେଳାଯାଇଥିଲା। ତେବେ ଓଡ଼ିଶା ୭ ବର୍ଷର ବ୍ୟବଧାନ ପରେ ଏଠାରେ ଖେଳିବ। ଶେଷଥର ଲାଗି ୨୦୧୮-୧୯ ସିଜନ (୧୪ ଡିସେମ୍ବର ୨୦୧୮)ରେ ଓଡ଼ିଶା ଏହି ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲା। କିଟ୍ ଗ୍ରାଉଣ୍ଡରେ ଏହା ୧୩ତମ ରଣଜୀ ଟ୍ରଫି ମ୍ୟାଚ୍ ହେବାକୁ ଯାଉଛି।



### ଚର୍ଚ୍ଚାରେ ଦେବାଶିଷ

ଏହି ମ୍ୟାଚରେ ସବୁଠୁ ଅଧିକ ରହିଛନ୍ତି ଚର୍ଚ୍ଚାରେ ଦେବାଶିଷ ମହାନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ଚଳିତ ରଣଜୀ ସିଜନରେ ନାଗାଲାଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଗାଲାଣ୍ଡ ଶକ୍ତିଶାଳୀ ତାମିଲନାଡୁକୁ କଡା ଟକ୍କର ଦେଇ ମ୍ୟାଚ୍ ଡ୍ର ରଖିଥିଲା। ପୂର୍ବରୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବାରୁ ଦେବାଶିଷ ଓଡ଼ିଶାର ଖେଳାଳିଙ୍କ ଦୋଷ ଦୁର୍ବଳତା ବିଷୟରେ ବେଶ୍ ଭଲ ଭାବରେ ପରିଚିତ। ତେଣୁ ସେ କିଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
5th Anniversary
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with:
CBSE-XI & XII
SRI VINAYAKA Concept School
BHUBANESWAR
୨୩ ନଭେମ୍ବର - ୨୦୨୫
ଜୁନିୟରଃ ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟରଃ କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।
ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.
ଭୁବନେଶ୍ୱର - ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର (ସୁଧାଂଶୁ ସାହୁ - ୬୩୭୧୬୯୪୧୪୨), ଖୋର୍ଦ୍ଧା - ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା (ରଞ୍ଜିତ କେ.ଏନ୍ ସାମନ୍ତରାୟ - ୯୪୩୭୪୫୬୫୭୬), ନୟାଗଡ଼ - ସାମ୍ବାଦିକ ଭବନ, ନୟାଗଡ଼ (ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭)
ପୁରୀ - କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ (ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯)
କଟକ- ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ (ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩),
ଅନୁଗୋଳ-ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ (ସଂଗ୍ରାମ ଦାସ - ୯୪୩୯୦୧୬୦୧୯)
ଢେଙ୍କାନାଳ-ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ (ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩)
ବାଲେଶ୍ୱର -ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର (ଅସୀମ ମହାପାତ୍ର - ୯୪୩୯୪୫୨୧୮୮)
ଭଦ୍ରକ -ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ(ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ (ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭)
ମୟୂରଭଞ୍ଜ- ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା (ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧)
ଗଜପତି - ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି (ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨)
ଗଞ୍ଜାମ- ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର (କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩)
କନ୍ଧମାଳ -ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ (ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯)
କେନ୍ଦ୍ରାପଡା- ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା (ଦେବଦତ୍ତ ଦାଶ - ୯୯୩୭୨୨୨୯୯୪)
ଜଗତସିଂହପୁର-ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର (ଶଶାଙ୍କ ଶେଖର ପଣ୍ଡା - ୯୮୭୧୩୩୭୯୮୨)
ଯାଜପୁର-ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର (ସନ୍ଦିପ୍ତ ରାୟ - ୯୪୩୯୪୯୭୭୪୫)

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS